

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୩ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 23 APRIL 2023
Vol.No. 34 ■ No. 106 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଜନ୍ମମାଟିରେ ଜନସମୁଦ୍ର; ଲୁହର ବନ୍ୟାରେ ବାହୁଡିଲେ ଦେବାଶିଷ


ଭୁବନେଶ୍ୱର, ୨୨/୦୪ : (ନି.ପ୍ର) ଜନ୍ମମାଟିରେ ଜନ ସମୁଦ୍ର । ଲୁହର ବନ୍ୟାରେ ବିଦାୟ ନେଇଛନ୍ତି ସହିଦ ଦେବାଶୀଷ । ପାଗଳୀ ପ୍ରାୟ ମାଆ, ଧୈର୍ଯ୍ୟହରା ବାପା । ଆଉ ସ୍ୱାମୀଙ୍କ ସହିଦ ଖବର ଶୁଣି ଘଣ୍ଟା ଘଣ୍ଟାକୁ ମୁର୍ଚ୍ଛ ଯାଉଥିବା ପତ୍ନୀ । ସ୍ଥିତି ଏମିତି ଯେ, କାହାକୁ ବୁଝାଇବା ଯେତିକି କଷ୍ଟ, ସ୍ୱାନ୍ତନା ଦେବା ଆହୁରି ଅସମ୍ଭବ ବ୍ୟାପାର । ଜାମ୍ମୁ-କାଶ୍ମୀରର ପୁଞ୍ଚରେ ଆତଙ୍କୀ ଆକ୍ରମଣରେ ଓଡ଼ିଆ ଯବାନ ଲାନସ ନାୟକ ଦେବାଶିଷ ବିଶ୍ୱାଳ ସହିଦ ହେବା ପରେ ଏହା ଥିଲା ତାଙ୍କ ଗାଁ ମାଟିର ଦୃଶ୍ୟ । କାନ୍ଦ ବୋବାଳିରେ ଫାଟି ପଡୁଛି ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅଲଗୁମ ଖଣ୍ଡାୟତ ସାହି । ଦେବାଶିଷଙ୍କ ପରିବାର, ପରିଜନ ଓ ସମ୍ପର୍କୀୟଙ୍କ ଆଖିରେ ଲୁହର ବନ୍ୟା । କାଲି ଦିନ ପ୍ରାୟ ୩ଟା ବେଳେ ପୁଞ୍ଚରେ ଏ ଅଘଟଣ ଘଟିବା ପୂର୍ବରୁ ସକାଳ ୧୦ଟା ୩୮ରେ ପତ୍ନୀଙ୍କୁ କଲ୍ କରିଥିଲେ



ଦେବାଶିଷ । ୩ ମାସର କୁନି ଝିଅ କେମିତି ଅଛି, ସେ କଥା ପଚାରିଥିଲେ । ପୁରୀ ସରକାରୀ ଓଞ୍ଚଓରେ ଇନଷ୍ଟ୍ରକଟର ଚାକିରି କରୁଥିବା ପତ୍ନୀ ସୁଶ୍ରୀ ସଂଗୀତା ଡ୍ୟୁଟିରେ ଥିବାରୁ ପରେ କଥା ହେବେ କହି ଫୋନ୍ ରଖିଥିଲେ । ହେଲେ ସେହି କଲ ଯେ, ସ୍ୱାମୀଙ୍କ ଶେଷ କଲ ପାଲଟିଯିବ, ସେ କଥାକୁ ବିଶ୍ୱାସ କରି ପାରୁ ନାହାନ୍ତି ସେ । ଏମିତିକି ଦେବାଶିଷ ଦେଶପାଇଁ ପ୍ରାଣବଳି ଦେଇଥିଲେ, ବି ସେ ବାସ୍ତବତାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ପରିବାର ଓ ଆତ୍ମୀୟ ସ୍ୱଜନ । ଅଳୁଗମ ଖଣ୍ଡାୟତ ସାହିର ଦେବାଶିଷ ବିଶ୍ୱାଳ । ଡାକ ନାଁ ସାହିତ୍ୟ । ଯବାନ ହୋଇ ଦେଶ ମାତୃକାର ସେବା ପାଇଁ ପିଲାଦିନରୁ ଥିଲା ଝୁଙ୍କ । ସେହି ଆଶାକୁ ପୂରଣ କରିବାକୁ କଲେଜ୍ ପଢ଼ା ପରେ ୨୦୧୧ରେ ସତ୍ୟବଦୀ ଗୁରୁକୁଳ ଆଥଲେଟିକ୍ସରେ ତାଲିମ ନେଇଥିଲେ ଦେବାଶିଷ । ▶▶ପୃଷ୍ଠା ୭

## ସିବିଆଇ ସମନକୁ ନେଇ ଜବାବ ରଖିଲେ ଜମ୍ମୁକଶ୍ମୀର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକ

ନୂଆଦିଲ୍ଲୀ, ୨୨/୦୪ : ସିବିଆଇଠୁ ସମନ ପାଇବା ପରେ ଏଭଳି କିଛି ଅନ୍ଦାଜରେ ପ୍ରତିକ୍ରିୟା ରଖିଛନ୍ତି ଜମ୍ମୁକଶ୍ମୀର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକ । ସତ୍ୟପାଲ ସ୍ପଷ୍ଟ ଶବ୍ଦରେ ନିଜକୁ ନିର୍ଦ୍ଦୋଷ କହୁଛନ୍ତି ଓ କେନ୍ଦ୍ର ସରକାରଙ୍କୁ ସିଧାସଳଖ ଟାର୍ଗେଟ କରୁଛନ୍ତି । ଏଥିସହ ବେଶ ଦମ୍ଭରେ ସହ ସତ୍ୟପାଲ କହିଛନ୍ତି ପରିସ୍ଥିତି କିଛି ବି ହେଉ ନା ସେ ଡରିବେ, ନା ସେ ହାରିବେ । ପୁଣି ଥରେ ଶୁଣିନିଅନ୍ତୁ ସିବିଆଇ ସମନ ପାଇବା ପରେ ସତ୍ୟପାଲଙ୍କ ପ୍ରତିକ୍ରିୟା କଣ ରହିଛି ?ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି ସିବିଆଇ କିଛି ପ୍ରସଙ୍ଗରେ ସ୍ପଷ୍ଟୀକରଣ ଚାହୁଁଥିବାରୁ ଏଭଳି ସମନ କରିଛି । ଶୁକ୍ରବାର ଜମ୍ମୁ କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ସମନ କରିଥିଲା ସିବିଆଇ । ୩୦୦ କୋଟି ଟଙ୍କାର ଲାଂଚ ଅଭିଯୋଗ ମାମଲାରେ ଜେରା କରିବାକୁ ସମନ କରିଛି ସିବିଆଇ । ସିବିଆଇ ପକ୍ଷରୁ ସତ୍ୟପାଲ ମଲିକଙ୍କୁ ଏପ୍ରିଲ ୨୭ ଓ ୨୮ ତାରିଖରେ ତାଙ୍କ ନିଜର ସୁବିଧା ଅନୁଯାୟୀ ହାଜର ହେବାକୁ କୁହାଯାଇଛି । ଘଟଣାକୁ ନେଇ ବିଜେପି କହିଛି ଯଦି ଦୁର୍ନୀତିର କଥା ଉଠିଛି ତେବେ ତଦନ୍ତରେ ସତ୍ୟତା ସାମ୍ନାକୁ ଆସିବ ।ସେପଟେ ବିରୋଧୀ କହିଛି ଯିଏ ମୋଦି ସରକାରଙ୍କ ବିରୋଧରେ ସ୍ୱର ଉତୋଳନ କରେ ତାକୁ ତଦନ୍ତକାରୀ ସଂସ୍ଥାର ଜେରାରର ସମ୍ମୁଖୀନ ହେବାକୁ ପଡେ । ଗୋଟେ ପଟେ ସତ୍ୟପାଳଙ୍କ ଉପରେ ୩ଶହ କୋଟି ଟଙ୍କା ଲାଂଚ ଅଭିଯୋଗ ଆସିଛି ଅନ୍ୟପଟେ ୨୦୨୧ ମସିହାରେ ଭିନ୍ନ ଏକ ଦାବି କରିଥିଲେ । ଜମ୍ମୁକଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ କିଛି ମାସ ହେଲା କେନ୍ଦ୍ର ସରକାରଙ୍କୁ ଲଗାତର ଟାର୍ଗେଟ କରୁଛନ୍ତି । ଗତ ୧୪ତାରିଖରେ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେବା ଅବସରରେ ମଲିକ ପୁଲଓ୍ୱାମା ଆକ୍ରମଣକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ




ଟାର୍ଗେଟ କରିଥିଲେ । ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଗୃହମନ୍ତ୍ରୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କୁ ମଧ୍ୟ ଦାୟୀ କରିଥିଲେ । ଏହା ପରେ ତାଙ୍କୁ ସିବିଆଇ ସମନ ମିଳିବା ପରେ ରାଜନୀତି ଜୋର ଧରିଛି ।

## ୪ସହିଦ ପରିବାରକୁ ୧କୋଟି ଟଙ୍କା ଲେଖାଏଁ ଅନୁକମ୍ପା ରାଶି

ନୂଆଦିଲ୍ଲୀ,, ୨୨/୦୪ : ପଞ୍ଜାବର ୪ ସହିଦ କୁଲୱନ୍ତ ସିଂ, ହରକିଷନ ସିଂ, ସେବକ ସିଂ ଓ ମନଦୀପ ସିଂଙ୍କୁ ଶେଷ ଦର୍ଶନ କରୁଛନ୍ତି ହଜାର ହଜାର ଲୋକ । ପୂରା ପଞ୍ଜାବ ଏକପ୍ରକାର ଜନସମୁଦ୍ରରେ ପରିଣତ ହୋଇଛି । ଆତଙ୍କବାଦୀ ଆକ୍ରମଣରେ ସହିଦ ହୋଇଥିବା ଓଡ଼ିଆ ଯବାନ ଦେବାଶିଷ ବିଶ୍ୱାଳଙ୍କ ପାର୍ଥିବ ଶରୀର ଜନ୍ମମାଟିରେ ପହଞ୍ଚିଛି । ପୁରୀ ଜିଲ୍ଲା ସତ୍ୟବାଦୀର ବୀର ଓଡ଼ିଆ ପୁଅ ଦେବାଶିଷ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି । ସେପଟେ ଆତଙ୍କବାଦୀ ଆକ୍ରମଣରେ ସହିଦ ହୋଇଥିବା ଅନ୍ୟ ୪ଜଣଙ୍କୁ ପଞ୍ଜାବରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି । ପଞ୍ଜାବର ୪ ସହିଦ କୁଲୱନ୍ତ ସିଂ, ହରକିଷନ ସିଂ, ସେବକ ସିଂ ଓ ମନଦୀପ ସିଂଙ୍କୁ ଶେଷ ଦର୍ଶନ କରୁଛନ୍ତି ହଜାର ହଜାର ଲୋକ । ପୂରା ପଞ୍ଜାବ ଏକପ୍ରକାର ଜନସମୁଦ୍ରରେ ପରିଣତ ହୋଇଛି । ୪ ସହିଦଙ୍କୁ ନିଜ ନିଜ ଜନ୍ମମାଟିରେ ଗାର୍ଡ ଅଫ୍ ଅନର ଦିଆଯାଉଛି । ସହିଦ ଅମର ରହେ ଧ୍ୱନିରେ ପ୍ରକମ୍ପିତ ହେଉଛି ଗଗନ ପବନ । ପଞ୍ଜାବ ଜିଲ୍ଲା ମୋଗା ଅଞ୍ଚଳର କୁଲୱନ୍ତ ସିଂ, ଗୁରୁଦାସପୁରର ହରକିଷନ ସିଂ, ବଠିଣ୍ଡାର ସେବକ ସିଂ ଓ ଲୁଧିଆନାର ମନଦୀପ ସିଂ । ସହିଦ୍ ୪ ଜଣଙ୍କ ପରିବାରକୁ ପଞ୍ଜାବ ସରକାର ୧ କୋଟି ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ସେହିପରି ଓଡ଼ିଆ ଯବାନ ଦେବାଶିଷ ବିଶ୍ୱାଳଙ୍କ ପରିବାରକୁ ଓଡ଼ିଶା ସରକାର ୨୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ଜାମ୍ମୁ ଓ କାଶ୍ମୀର ପୁଞ୍ଚରେ ଆତଙ୍କବାଦୀଙ୍କ ▶▶ପୃଷ୍ଠା ୭

## ସଂସଦ ସଦସ୍ୟତା ରଦ୍ଦ ହେବା ପରେ ସରକାରୀ ବଙ୍ଗଳା ଖାଲି କଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୨୨/୦୪ : ସଂସଦ ସଦସ୍ୟତା ରଦ୍ଦ ହେବା ପରେ ଶନିବାର ଦିନ ସରକାରୀ ବଙ୍ଗଳା ଖାଲି କରିଛନ୍ତି କଂଗ୍ରେସର ପୂର୍ବତନ ସାଂସଦ ରାହୁଲ ଗାନ୍ଧୀ । ଏହାସହ ତୁଗଲକ ଲେନରେ ଥିବା ବଙ୍ଗଳା ଖାଲି କରି ସେ ଏହାର ଚାବି ଅଧିକାରୀଙ୍କୁ ଦେଇଛନ୍ତି । ଗତ ୧୯ବର୍ଷ ଧରି ସେ ସେହି ଘରେ ରହୁଥିଲେ । ବଙ୍ଗଳା ଖାଲି କରିବା ପରେ ରାହୁଲ ଗାନ୍ଧୀ କହିଛନ୍ତି କି ସତ୍ୟ କହିବାରୁ ତାର ମୂଲ୍ୟ ଦେବାକୁ ପଡିଛି । ଏହାସହ ହିନ୍ଦୁସ୍ତାନର ଜନତା ତାଙ୍କୁ ୧୯ ବର୍ଷ ଧରି ରହିବାକୁ ଘର ଦେଇଥିବାରୁ ସେ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେପଟେ ରାହୁଲ ଗାନ୍ଧୀଙ୍କ ଭଉଣୀ ତଥା କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି କି, ମୋ ଭାଇ ଯାହା କହିଛନ୍ତି ତାହା ସତ୍ୟ, ସେ ସରକାରଙ୍କ ବିରୋଧରେ କହିବାରୁ ଏଭଳି ଘଟିଲା, ସେ ଅଦମ୍ୟ ସାହାସର ଅଧିକାରୀ ଓ ମୁଁ ତାଙ୍କ ସହିତ ରହିଛି ବୋଲି ପ୍ରିୟଙ୍କା କହିଛନ୍ତି । ସୂତ୍ର



ସୂଚନା ମୁତାବକ ସରକାରୀ ବଙ୍ଗଳା ଖାଲି କରିବା ପରେ ଏବେ ରାହୁଲ ଗାନ୍ଧୀ ତାଙ୍କ ମା ତଥା କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସହ ୧୦-ଜନପଥ ସ୍ଥିତ ଆବାସରେ ରହିବେ । ସୂଚନା ଥାଉକି ସରକାରୀ ବଙ୍ଗଳା ଖାଲି କରିବା ପୂର୍ବରୁ ଏପ୍ରିଲ ୧୪ ତାରିଖରେ ରାହୁଲ ଗାନ୍ଧୀ ତାଙ୍କର କିଛି ନିତ୍ୟାବଶକୀୟ ସାମଗ୍ରୀ ସୋନିଆ ଗାନ୍ଧୀଙ୍କ ଆବାସକୁ ନେଇଯାଇଥିଲେ ।

## ଆକ୍ସନ ମୋଡ୍‌ରେ ଭାରତୀୟ ସେନା : ସର୍ଚ୍ଚ ଅପରେସନ ଜୋରଦାର


ନୂଆଦିଲ୍ଲୀ, ୨୨/୦୪ : ପୁଞ୍ଚରେ ଯବାନଙ୍କ ଗାଡି ଉପରେ ଆତଙ୍କବାଦୀ ଆକ୍ରମଣ କରିବା ପରେ, ଜାମ୍ମୁକାଶ୍ମୀରରେ ବଡ ସର୍ଚ୍ଚ ଅପରେସନ ଆରମ୍ଭ କରିଛି ସେନା । ଯେଉଁମାନେ ଆକ୍ରମଣରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ କଳେବଳେ କୌଶଳେ ଧରିବାକୁ, ଖୋଜି ବାହାର କରିବା ସହ, ଶେଷ କରିବା ପାଇଁ ଅଭିଯାନ ଆରମ୍ଭ କରିଛି ସେନା । ଆତଙ୍କବାଦୀମାନେ ଘଞ୍ଚ ଜଙ୍ଗଲରେ ଲୁଚିଥିବା ସୂଚନା ପାଇ, ହେଲିକପ୍ଟର ଓ ଡ୍ରୋନ ସହାୟତାରେ ସେମାନଙ୍କୁ ଖୋଜା ଚାଲିଛି । ଆତଙ୍କବାଦୀଙ୍କୁ ଖୋଜିବା ପାଇଁ ସନ୍ଧାନୀ କୁକୁରଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ଆତଙ୍କବାଦୀ ଯେଉଁଠି ଲୁଚିଲେ ବି ସେମାନଙ୍କୁ ଧରିବା ପାଇଁ ସେନା ପକ୍ଷରୁ



ଅପରେସନ ଆରମ୍ଭ ହୋଇଛି । ଗୁରୁବାର ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୫ଯବାନ ସହିଦ ହୋଇଛନ୍ତି । ଆଉ ଆକ୍ରମଣ ପରେ ସମ୍ପୃକ୍ତ ଥିବା ୭ ଅତାଙ୍କବାଦୀ ଅଲଗା ଅଲଗା ସ୍ଥାନରେ ଲୁଚି ଥିବା କୁହାଯାଉଛି । ତେବେ ସୁରକ୍ଷାଗତ ଦୃଷ୍ଟିକୋଣରୁ ଏନଆଇଏ, ଏସଓଜି, ଫୋରେନ୍ସିକ ଟିମ ଓ ବମ୍ ସ୍କ୍ୱାର୍ଡ ସାମିଲ ହୋଇଛନ୍ତି । ପୂରା ପୁଞ୍ଚସେକ୍ଟରକୁ ଘେରାବନ୍ଧୀ କରିବା ସହ ତନ୍ନ ତନ୍ନ କରି ଚାଲିଛି ସର୍ଚ୍ଚ ଅପରେସନ । ଯେଉଁ ସ୍ଥାନରେ ଆତଙ୍କୀମାନେ ସେନା ଗାଡିକୁ ଟାର୍ଗେଟ କରି ଗ୍ରେନେଡ୍ ଓ ଗୁଳିମାଡ କରିଥିଲେ ସେହି ସ୍ଥାନରେ ଶୁକ୍ରବାରଠୁ ସେନାର ବରିଷ୍ଠ ଅଧିକାରୀ ଓ ତଦନ୍ତକାରୀ ସଂସ୍ଥା ଏନଆଇଏ ପହଞ୍ଚି ସାରିଛି ।


DADLS-12

ଓଡ଼ିଶା ସରକାର



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

କୃଷକ ଦିବସ ଓ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆମ ରାଜ୍ୟର ଚାଷୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଚାଷୀଭାଇମାନଙ୍କର ପରିଶ୍ରମ ଓ ନିଷ୍ଠା ଯୋଗୁ ଆଜି ଓଡିଶା କୃଷି ଉତ୍ପାଦନରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି । ଚାଷୀ ପରିବାରର ବିକାଶ ଓ କଲ୍ୟାଣ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ସେଗୁଡିକର ସଫଳତା ପାଇଁ ମୁଁ ସମସ୍ତଙ୍କ ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0031/2324

DADLS-12

ଓଡ଼ିଶା ସରକାର



ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବାର୍ତ୍ତା

ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

କୃଷକ ଭାଇମାନଙ୍କ ଦ୍ୱାରା ଅକ୍ଷିମୁଠି ଅନୁକୂଳ ଓ ମାଟି ମାଆଙ୍କୁ ପୂଜାର୍ଚ୍ଚନା ଆମ ସମୃଦ୍ଧ ପରମ୍ପରାକୁ ବଳିଷ୍ଠ କରିଛି । ଆମ ରାଜ୍ୟ ଶସ୍ୟଶ୍ୟାମଳାରେ ଭରି ଉଠୁ, କୃଷକ ପରିବାରଙ୍କ କଲ୍ୟାଣ ଓ ସମୃଦ୍ଧି ଘଟୁ, ଏହାହିଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ବିନମ୍ର ପ୍ରାର୍ଥନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0031/2324

# କ୍ରମାଗତ ଭାବେ କମୁଛି କ୍ରୋମ୍ ଉତ୍ପାଦନ: ୫ ବର୍ଷ ମଧ୍ୟରେ ବନ୍ଦ ହୋଇଯିବ ଅଧିକାଂଶ ଖଣି

କାଳିଆପାଣି, ୨୨/୦୪ (ନି.ପ୍ର): ଦେଶର ୯୫ ପ୍ରତିଶତ କ୍ରୋମ୍ ରତ୍ନଗର୍ଭା ସୁକିନ୍ଦା କ୍ରୋମ୍ ଉପତ୍ୟକାରେ ଗଚ୍ଛିତ ରହିଛି। ସୁନାରୁପା ପରେ ତୃତୀୟ ଦୁର୍ମୂଲ୍ୟ ଧାତବ ମାନ୍ୟତା ପାଇଥିବା କ୍ରୋମାଇଟ୍ ପାଇଁ ଯାଜପୁର ଜିଲ୍ଲା ଖଣିଜ ନ୍ୟାସ(ଡିଏମ୍ଏଫ୍) ପାଣ୍ଠି ବିଗତ ୯ ବର୍ଷ ଧରି ସମୃଦ୍ଧ ହୋଇଆସିଛି। କିନ୍ତୁ, ଗତ ୫ ବର୍ଷ ଧରି ସୁକିନ୍ଦା ଖଣିଅଞ୍ଚଳରେ କ୍ରୋମାଇଟ୍ ଉତ୍ପାଦନ କ୍ରମାଗତ ଭାବେ ହ୍ରାସ ପାଉଛି। ହସ୍ତଗତ ତଥ୍ୟ ଅନୁସାରେ, ୨୦୧୮-୧୯ ଆର୍ଥିକ ବର୍ଷରେ ସର୍ବାଧିକ ୪୦ ଲକ୍ଷ ମେଟ୍ରିକ୍ ଟନ୍ ପାଖାପାଖି କ୍ରୋମ୍ ଉତ୍ପାଦିତ ହୋଇଥିଲା। ୨୦୧୯-୨୦ରେ ଏହା ପାଖାପାଖି ଲକ୍ଷେ ଟନ୍ ହ୍ରାସ ପାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ୩ଟି ଖଣି ଟାଟାଷ୍ଟିଲ୍ ସୁକିନ୍ଦା କ୍ରୋମାଇଟ୍ ଖଣି, ମିଶ୍ରିଲାଲ୍ ସାରୁଆବିଲ କ୍ରୋମାଇଟ୍ ଖଣି ଓ ବିସି ମହାନ୍ତି ଏଣ୍ଡ ସନ୍ସ କ୍ରୋମାଇଟ୍ ଖଣିର ନିଲାମ ପ୍ରକ୍ରିୟା ପାଇଁ କ୍ରୋମ୍ ଉତ୍ପାଦନ ଅତିମାତ୍ରାରେ ପ୍ରଭାବିତ ହୋଇଥିଲା। ସେହିବର୍ଷ କ୍ରୋମ୍ ଉତ୍ପାଦନ ୨୮ ଲକ୍ଷ ମେଟ୍ରିକ ଟନ୍‌କୁ ଖସି ଆସିଥିଲା। ୨୦୨୧-୨୨ ବର୍ଷରେ ଏଠାରେ ଖଣିଜ ଉତ୍ପାଦନ ବଢ଼ିଥିଲେ ମଧ୍ୟ ପାଖାପାଖି ୩୮ ଲକ୍ଷ ମେଟ୍ରିକ୍ ଟନ୍‌ରେ ସୀମିତ ରହିଥିଲା। ୨୦୨୨-୨୩ରେ କ୍ରୋମାଇଟ୍ ଉତ୍ପାଦନ ପୁଣି ଲକ୍ଷେ ଟନ୍ ଖସି ୩୭ ଲକ୍ଷ ଟନ୍‌ରେ ସୀମିତ ରହିଛି। ଏସିଆ ମହାଦେଶର ବୃହତ୍ତମ ଖୋଲା କ୍ରୋମାଇଟ୍ ଖଣିର ମାନ୍ୟତା ପାଇଥିବା ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଦକ୍ଷିଣ କାଳିଆପାଣି କ୍ରୋମାଇଟ୍ ଖଣି ଶୀର୍ଷ ସ୍ତରରେ ଥିବା କାରଣରୁ ଏଠାରେ କ୍ରୋମ୍ ଉତ୍ପାଦନ ଲକ୍ଷ୍ୟ କମାଇ ଦିଆଯିବା ସହ ଅଧିକାଂଶ କ୍ରୋମାଇଟ୍ ଖଣିରେ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। କ୍ରୋମ୍ ଉତ୍ପାଦନ ଓ ପରିବହନ ଆଧାରରେ ରୟାଲ୍‌ଟି ଓ ଡିଏମ୍ଏଫ୍ ପାଣ୍ଠି ଆଦାୟ ହେଉଥିବାରୁ ସେହି ଅନୁଯାୟୀ ରାଜସ୍ୱ କମିବାରେ ଲାଗିଛି। ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ସରକାର କ୍ରୋମ୍ ଉପତ୍ୟକାରୁ ପାଖାପାଖି ୬୬୦୦ କୋଟି ଟଙ୍କା ରାଜସ୍ୱ ଆଦାୟ କରିଥିଲେ। ଚଳିତବର୍ଷ ଏହି ଖଣିଜ କ୍ଷେତ୍ରରେ ରାଜସ୍ୱ ଆଦାୟ ୫ ହଜାର କୋଟି ଟଙ୍କାକୁ ଖସି ଆସିଥିବା ଜଣାପଡ଼ିଛି। ବିଗତବର୍ଷ ତୁଳନାରେ କମ୍ ଉତ୍ପାଦନ, ଅପେକ୍ଷାକୃତ କମ୍ ବଜାର ଚାହିଦା ଓ ଗତ ନଭେମ୍ବର ଓ ଡିସେମ୍ବରରେ



ଅନ୍ତର୍ଜାତୀୟ ବଜାରରେ କ୍ରୋମ୍ ଦର ହ୍ରାସ ପାଇବାକୁ ପ୍ରମୁଖ କାରଣ ଭାବେ ଦର୍ଶାଯାଇଛି। ଏହାସହ ଯଦି ଓଡ଼ିଶା ଖଣି ନିଗମ(ଓଏମ୍‌ସି) ମାଲିକାନାରେ ଥିବା କାଳିଆପାଣି କ୍ରୋମାଇଟ୍ ଖଣିର ୯୭୪ ହେକ୍ଟର ବିଶିଷ୍ଟ ଲିଜ୍ ଏରିଆରୁ ୩୪୭ ହେକ୍ଟର ଜମି ଫେରସ୍ତ ପ୍ରସ୍ତାବକୁ ସରକାର ଗ୍ରହଣ କରନ୍ତି, ତେବେ ରାଜସ୍ୱ ଆଦାୟ ଆହୁରି କମିଯିବ ବୋଲି ଆକଳନ କରାଯାଉଛି। ସେହିପରି କ୍ରୋମ୍ ଉପତ୍ୟକାର ୯୮ ପ୍ରତିଶତ ଭୂଖଣ୍ଡରେ ୭୦ ବର୍ଷ ଧରି ଓପନକାଷ୍ଟ ଖଣି(ଖୋଲା ଖଣି ଖନନ ବ୍ୟବସ୍ଥା) ଚାଲୁ ରହିଛି। ଅଧିକାଂଶ ଖୋଲା ଖଣି ଏବେ ପରିଣତ ଅବସ୍ଥାରେ। ୧୬ କୋଟି ୨୪ ଲକ୍ଷ ଘନମିଟର ଆୟତନ ବିଶିଷ୍ଟ ଏସିଆ ମହାଦେଶର ବୃହତ୍ତମ କ୍ରୋମାଇଟ୍ ଖଣି ଓଏମ୍‌ସି ଦକ୍ଷିଣ କାଳିଆପାଣି ଡି’କ୍ୱାରି ଆଉ ୩ ରୁ ୪ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିବ। ସେହିପରି ପ୍ରତିକୂଳ ଭୌଗୋଳିକ ପରିବେଶ ଓ ପରିସ୍ଥିତି ପାଇଁ ଦକ୍ଷିଣ କାଳିଆପାଣି କ୍ରୋମାଇଟ୍ ଖଣି ଏଫ୍’କ୍ୱାରିର ସଂପ୍ରସାରଣ କଷ୍ଟକର ବ୍ୟାପାର। ଓଏମ୍‌ସି ସୁକ୍ରଙ୍ଗି ଖୋଲା କ୍ରୋମାଇଟ୍ ଖଣିର ଆୟୁଷ ମଧ୍ୟ ଆଉ ୫ ରୁ ୭ ବର୍ଷ। ଖୋଲା ଖଣି ଖନନ ପଦ୍ଧତିରେ ଟାଟାଷ୍ଟିଲ୍ ମାଇନିଂ ସୁକିନ୍ଦା କ୍ରୋମାଇଟ୍ ଖଣି ଓ କମର୍ଦ୍ଦା କ୍ରୋମାଇଟ୍ ଖଣିର କ୍ରୋମ୍ ଉତ୍ପାଦନ କ୍ଷମତା ୨ ରୁ ୩ ବର୍ଷ ମଧ୍ୟରେ ଶେଷ ହୋଇଯିବ। ସମାନ ଅବସ୍ଥାରେ ପହଞ୍ଚିଛି ବେଦାନ୍ତ-ଫେକର ଓସ୍ତପାଳ କ୍ରୋମାଇଟ୍ ଖଣି ଓ କଲରଙ୍ଗିଅଡ୍ଡା କ୍ରୋମାଇଟ୍ ଖଣି, ଇମ୍ଫା ସୁକିନ୍ଦା କ୍ରୋମାଇଟ୍ ଖଣି, ଜିନ୍ଦଲ ଷ୍ଟେନଲେସ୍ କାଳିଆପାଣି କ୍ରୋମାଇଟ୍ ଖଣି ଓ ବାଲେଶ୍ୱର ଆଲଏଜ୍ କାଳିଆପାଣି ଇସ୍ପାତ କ୍ରୋମାଇଟ୍ ଖଣି। ଉପରୋକ୍ତ ଖଣି ସମୂହରେ କ୍ରୋମ୍ ଉତ୍ପାଦନ କ୍ରମାଗତ ଭାବେ ହ୍ରାସ ପାଉଥିବା ସୂଚନା ମିଳିଛି।

# ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ମିଳନୀ

ବଲାଙ୍ଗିର, ୨୨/୦୪ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ( ୫ ଖାରବେଳ ନଗର) ର ସଭାନେତ୍ରୀ ଶାନ୍ତିଲତା ସାହୁଙ୍କ ଆବାହକତ୍ୱ ଓ ଅଧକ୍ଷତାରେ ଆଜି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ୧ଟା ମଧ୍ୟରେ ଜନ କଲ୍ୟାଣ ମଣ୍ଡପ, ବଲାଙ୍ଗିର ଠାରେ ମୁଖ୍ୟ ଅତିଥି ଲୋକପାଳ, ବଲାଙ୍ଗିର ସଚ୍ଚିଦାନନ୍ଦ ହନୁମାନ, ସମ୍ମାନିତ ଅତିଥି ପ୍ରଭାକର ମିଶ୍ର ଓ ଉପଦେଷ୍ଟା ଆଚାର୍ଯ୍ୟ ସୁନାଙ୍କ ଉପସ୍ଥିତିରେ ଏକ ଜିଲ୍ଲା ସ୍ତରୀୟ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷକ ସମାଜରେ ନୈତିକତା ମୂଲ୍ୟବୋଧ, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ କୃତିତ୍ୱ ଅର୍ଜନ କରି ଅବସର ଗ୍ରହଣ କରିଥିବା ଇନ୍ଦୁ ଭୂଷଣ ଡାଙ୍ଗ, ପୂର୍ବତନ ଶିକ୍ଷକ, ଦଶପୁର ସ.ଉ.ପ୍ରା ବିଦ୍ୟାଳୟ, ତପନ କୁମାର ଦାଶ ପୂର୍ବତନ ଗୋଷ୍ଠି ସାଧନ କେନ୍ଦ୍ର ସଂଯୋଜକ ସଇଁତଲା ତଥା ସୁଧୀର କୁମାର ଦେଓ, ପ୍ର. ଶିକ୍ଷକ, ପରୁଆଭାଡି ଉ.ପ୍ରା. ସ୍କୁଲ ଦେଓଗାଁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ପବିତ୍ର ଗୀତା ଧର୍ମଗ୍ରନ୍ଥ ପ୍ରଦାନ କରାଯିବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିବା ଅନୁପମା ପ୍ରହରାଜ, ପ୍ରଶାନ୍ତ ପୁରୋହିତ, ଦୁର୍ଯ୍ୟୋଧନ ପସାୟତ ପ୍ରମୁଖ ଶିକ୍ଷକ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସଭାକୁ ସଫଳତା ପୂର୍ବକ ସଂଯୋଜନା କରିଥିଲେ ମଧୁସୂଦନ ନାୟକ ଓ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରକାଶ ପଣ୍ଡା । ଶିକ୍ଷକମାନଙ୍କର ଜୀବନ ଦର୍ଶନ ଉପରେ ଆଲୋଚନା କରିବା ସହ ଶିକ୍ଷାରେ ନୈତିକତା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ଅନୁରୋଧ କରିଥିଲେ ସାଧାରଣ ସଂପାଦକ ହରେକୃଷ୍ଣ ରଥ ।

# ଜିଲ୍ଲାସ୍ତରୀୟ ଓଡିଆ ସପ୍ତାହ ପାଳନ

ବଲାଙ୍ଗୀର, ୨୨/୦୪ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ଓଡିଆ ସପ୍ତାହ ପାଳିତ ହୋଇଯାଇଛି । ଏହି ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ସଭାରେ ରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ , ଡେପୁଟି କଲେକ୍ଟର ହିତାଂଶୁ ଶେଖର ସାମଲ, ସହକାରୀ ଜିଲ୍ଲାପାଳ ସୋନିଆଶ୍ରୀ ମଲ୍ଲିକ ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ସହକାରୀ ଜିଲ୍ଲାପାଳ ଫାଲଗୁନି ଶବର ,ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟ ର କର୍ମଚାରୀ ମାନଙ୍କ ମଧ୍ୟରେ” ଆମ ଭାଷା ଆମ ପରିଚୟ “ବିଷୟବସ୍ତୁ ଉପରେ ଓଡିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତା ରେ ଜିଲ୍ଲା କାର୍ଯ୍ୟାଳୟ ର ଭୂ-ଅର୍ଜନ ଉପ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ଚୈତନ୍ୟ ବାଗ ପ୍ରଥମ ,ସଂସ୍ଥାପନା ଉପ –ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ପ୍ରଜ୍ଞା ପରିମିତା ଯୋଷୀ ଦ୍ୱିତୀୟ ଓ ଜରୁରୀକାଳୀନ ଉପ –ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ଜୟନ୍ତ ବେହେରା ତୃତୀୟ ସ୍ଥାନ ଅଧିକାର କରି ଅତିରିକ୍ତ ଜିଲ୍ଲାପାଳ ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ପାଣିଗ୍ରାହୀ ସପ୍ତାହ ପାଳନ ର ତତ୍ପର୍ଯ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସହକାରୀ ଜିଲ୍ଲାପାଳ ସୁଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲା କାର୍ଯ୍ୟାଳୟ ର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ସୁଚରିତାକୁ ନ୍ୟାୟ ଦେବେ ଜିଲ୍ଲାପାଳ

ନୂଆପଡ଼ା, ୨୨/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୋଜପୁର ପଂଚାୟତର ସୁଚରିତା ଭୋଇଙ୍କ ପ୍ରତି ପ୍ରଶାସନର ହତାଦର ସର୍ବଦା ଚର୍ଚ୍ଚାର ବିଷୟ ହୋଇରହିଛି। ସରକାରି କାର୍ଯ୍ୟରେ ନିୟୋଜିତ ସ୍ୱାମୀ ସୁରେନ୍ଦ୍ର ଭୋଇଙ୍କ ମୃତ୍ୟୁ ପରେ ସୁଚରିତା ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ନୂଆପଡା ଜିଲ୍ଲାପାଳ ହେମକାନ୍ତ ସାଏ, ଖଡ଼ିଆଳ ବିଡ଼ିଓ, ଯୋଗାଣ ଅଧିକାରୀଙ୍କ ଠାରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଧାଇଁ ଚାଲିଛନ୍ତି। ହେଲେ ଆଜି ମଧ୍ୟ ୫-ଟି ସରକାରରେ ନ୍ୟାୟ ତାଙ୍କ ପାଇଁ କୋଷେ ଦୂରରେ। ଶୁକ୍ରବାର ପୂର୍ବ ଥରକୁ ମିଶାଇ ଚତୁର୍ଥ ଥର ପାଇଁ ସୁଚରିତା ନୂଆପଡା ଜିଲାପାଳଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୋଗ ମୁତାବକ, ସୁଚରିତାଙ୍କ ସ୍ୱାମୀ ସୁରେନ୍ଦ୍ର ଭୋଜପୁର ପଂଚାୟତରେ ଯୋଗାଣ ସହାୟକ ଭାବରେ ନିଯୁକ୍ତ ହୋଇଥିଲେ। ୨୦୧୯ ରେ ତାଙ୍କର ଅଚାନକ ପରଲୋକ ଘଟିଥିଲା। ଏନେଇ ଦୁଇ ଶିଶୁ ସନ୍ତାନ ଅନାଥ ହୋଇ ପଡ଼ିଥିବା ବେଳେ ସୁଚରିତାଙ୍କ ପାଇଁ ପରିବାର ପୋଷଣ କଷ୍ଟ ସାଧ୍ୟ ହୋଇପଡିଥିଲା। ଏହାକୁ ନେଇ ପଂଚାୟତର ସରପଂଚ ତଥା ୱାର୍ଡସଭ୍ୟ ଅସହାୟ ସୁଚରିତାଙ୍କୁ ସମବେଦନା ଜଣାଇଥିଲେ। ସ୍ୱାମୀ ସୁରେନ୍ଦ୍ର ପଂଚାୟତର ଚାଉଳ ବିକ୍ରି ଟଙ୍କା ଜମା କରିନାହାନ୍ତି। ତାହା ଭରଣା କଲେ ତାଙ୍କୁ ସେଲସମେନ ପଦରେ ନିଯୁକ୍ତି ଦେବାକୁ କହିଥିଲେ। ଏନେଇ ସୁଚରିତା ନିଜ ସୁନା, ଗହଣା ବିକି ଭାଙ୍ଗି ତଥା ଧାର ଉଧାର କରି ୬୫ ହଜାର ୩ ଶହ ୬୫ ଟଙ୍କା ପଂଚାୟତରେ ଜମା କରିଥିଲେ। ଏନେଇ ତାଙ୍କୁ ବିଧିବଦ୍ଧ ରସିଦ ପ୍ରଦାନ ସହ ପଂଚାୟତ ବୈଠକରେ ପ୍ରସ୍ତାବ ଗ୍ରହଣ କରି ସୁଚରିତାଙ୍କୁ ସେଲସମେନ ପଦବୀରେ ନିଯୁକ୍ତ କରାଯାଇଥିଲା। ସେ ଅଦ୍ୟାବଧି ଉକ୍ତ ଦାୟିତ୍ୱରେ ନିୟୋଜିତ ରହିଛନ୍ତି। ତେବେ ୨୦୨୨ ରେ ଭୋଜପୁର ପଂଚାୟତରେ ସେଲସମେନ ନଥିବା ଦର୍ଶାଇ ଖଡ଼ିଆଳ ବିଡ଼ିଓ ଯୋଗାଣ ସହାୟକ ପଦ ପାଇଁ ଦରଖାସ୍ତ ଆହ୍ୱାନ କରିଥିଲେ। ଏହି ପଦ ପାଇଁ ସୁଚରିତା ଆବେଦନ କରିଥିବା ବେଳେ ଅନ୍ୟାୟୋଚିତ ଭାବରେ ତାଙ୍କ ଆବେଦନକୁ ରଦ୍ଦ କରାଯାଇଥିଲା। କେହି ସେଲସମେନ ପଦରେ ନିଯୁକ୍ତ ରହିଥିଲେ ତାଙ୍କ ବୟସ ସୀମାରେ ୧୦ ବର୍ଷ ରିହାତିକୁ ମଧ୍ୟ ଅଣଦେଖା କରାଯାଇଥିଲା। ଏନେଇ ସୁଚରିତା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ବେଳେ ଅଦାଲତ ଯୋଗାଣ ସହାୟକ ପଦରେ କୌଣସି ନିଯୁକ୍ତି ପ୍ରଦାନ କରାଯାଇ ନଥିଲେ ଏନେଇ ରହିତାଦେଶ ରହିବ ବୋଲି ଆଦେଶ ଜାରି କରିଥିବା ଜଣାଯାଇଛି। ନଭେମ୍ବର ୨୦୨୨ରେ ଉଚ୍ଚ ନ୍ୟାୟାଳୟ ଏହି ଆଦେଶ ଜାରି କରିଥିବା ବେଳେ ଖଡ଼ିଆଳ ବିଡ଼ିଓ ଯୋଗାଣ ସହାୟକ ପଦରେ ନିଯୁକ୍ତି ନେଇ ପ୍ରକ୍ରିୟା ଜାରି ରଖିଥିଲେ। ଏହାକୁ ନେଇ ସୁଚରିତା ନୂଆପଡା ଜିଲ୍ଲାପାଳଙ୍କ ସମେତ ବିଡ଼ିଓ ଅନ୍ୟ ଅଧିକାରୀଙ୍କୁ ଉଚ୍ଚ ନ୍ୟାୟାଳୟର ଆଦେଶ ଦେଖାଇ ନ୍ୟାୟ ପାଇଁ ଗୁହାରି କରିଚାଲିଛନ୍ତି। ଏହି ମାମଲାରେ ସନ୍ଦେହଭୁକ୍ତ ଖଡ଼ିଆଳ ବିଡ଼ିଓ ଆୟ ବହିର୍ଭୁତ ସମ୍ପତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଗଲେ। ହେଲେ ସୁଚରିତାଙ୍କୁ ଅଦ୍ୟାବଧି ନ୍ୟାୟ ମିଳିଲା ନାହିଁ। ଆଜି ପୁଣି ଥରେ ନୂଆପଡା ଠାରେ ଜିଲ୍ଲାପାଳଙ୍କୁ ତାଙ୍କ କକ୍ଷରେ ସୁଚରିତା ସାକ୍ଷାତ ସହ ନ୍ୟାୟ ପାଇଁ ଗୁହାରି କରିଛନ୍ତି। ଅଦାଲତର ରାୟ ସହ ନିଜ ଦୁଃଖ ବଖାଣିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ଡେପୁଟି କଲେକ୍ଟର, କୁଡ଼ିସିଆଲ ସେକ୍ସନ ଅଧିକାରୀ, ଖଡ଼ିଆଳ ବ୍ଲକ ଯୋଗାଣ ଅଧିକାରୀ ସୁଚରିତାଙ୍କ ସମସ୍ତ କାଗଜାତ ତନଖି କରିଛନ୍ତି। ନ୍ୟାୟ ପାଇଁ ପ୍ରତିଶୃତି ଦେଇଛନ୍ତି। ଅନ୍ୟପକ୍ଷରେ ମାକୁ ସମ୍ମାନ ଡିଣ୍ଡିମି ପିଟୁଥିବା ୫-ଟି ସରକାରରେ ଜଣେ ଅସହାୟ ମହିଳା ନ୍ୟାୟ ପାଇଁ ବାରଦ୍ୱାର ଶୁଣ୍ଢିପିଣ୍ଡା ହେବା, ଶେଷକୁ ନ୍ୟାୟାଳୟର ଦ୍ୱାରସ୍ଥ ପରେ ମଧ୍ୟ ନିରାଶ ହେବା ବୁଦ୍ଧିଜୀବୀ ମହଲକୁ ବିଚଳିତ କରିଛି। ଖଡ଼ିଆଳ ବିଡ଼ିଓ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅବମାନନା କରିଥିବା ଅଭିଯୋଗ କରି ସୁଚରିତା ଏବେ ପୁଣି ଥରେ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଆଜି ସୁଚରିତା ନୂଆପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ବେଳେ ଆୟ ବହିର୍ଭୁତ ସମ୍ପତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ବିଡ଼ିଓ ମଧ୍ୟ ସେଠାରେ ଘୁରି ବୁଲୁଥିବା ନେଇ ସୁଚରିତା ଭୟଭିତ ହୋଇ ପଡ଼ିଥିବା କହିଛନ୍ତି। ଏନେଇ ରାଜ୍ୟ ୫-ଟି ସଚିବ ମାମଲାରେ ହସ୍ତକ୍ଷେପ ସହ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଅଖିଳ ଭାରତ ଯୁବସଂଘ କୋରାପୁଟ ଜିଲ୍ଲା ସାଧାରଣ ବୈଠକ

ଜୟପୁର , ୨୨/୦୪ (ନି.ପ୍ର): ଶୁକ୍ରବାର ଦିନ ଅଖିଳ ଭାରତ ଯୁବସଂଘ କୋରାପୁଟ ଜିଲ୍ଲା କମିଟି ର ସାଧାରଣ ବୈଠକ ଯୁବ ନେତା କୁମର ଜାନୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭା ପୂର୍ବରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଆର୍ ଟି ଓ ଅଫିସ୍ ଛକରୁ ବାହାରି ସହର ପରିକ୍ରମା କରିବା ପରେ କୋରାପୁଟ ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଥିବା ଯାତ୍ରୀ କୁଟୀର ସଭାକକ୍ଷରେ ସଭା ଆରମ୍ଭ ହୋଇଥିଲା । ଏହି ସଭାକୁ ପ୍ରାରମ୍ଭରେ ସିପିଆଇ ରାଜ୍ୟ କାର୍ଯ୍ୟକାରି ସଭ୍ୟ ଶ୍ରୀ ପ୍ରମୋଦ କୁମାର ମହାନ୍ତି ଓ ଜିଲ୍ଲା ସମ୍ପାଦକ ଶ୍ରୀ ଯୁଧିଷ୍ଠିର ରାଉଳ ସମ୍ବୋଧିତ କରିବା ପରେ ଅଖିଳ ଭାରତ ଯୁବସଂଘ ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ ସେଠୀ ଯୁବ ସଂଘ ର ଲକ୍ଷ ଓ ଦାବି ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ମୋଦୀ ସରକାର ଆସିବା ପୂର୍ବରୁ ଯୁବସଂଘ ସମସ୍ତ ଙ୍କୁ ସମାନ ବିଜ୍ଞାନ ଭିତ୍ତିକ ଶିକ୍ଷା ଓ ନିଯୁକ୍ତି ପାଇଁ ଲଢ଼େଇ କରି ଆସୁଥିଲା ଏବଂ ମୋଦୀ ସରକାର ୨୦୧୪ ରେ ଆସିବା ପରେ ବେକାର ସମସ୍ୟା ଆହୁରି ଅଧିକ ବୃଦ୍ଧି ପାଇଛି । ଦେଶର ସମସ୍ତ ସରକାରୀ କଳ କାରଖାନା, ଖଣି ଖାଦାନ, ବ୍ୟାଙ୍କ, ରେଲୱେ, ଏଲ୍ ଆଇ ସି ସବୁ ଘରୋଇ କରଣ କରାଯାଇ ସରକାରୀ ସଂରକ୍ଷଣ ରେ ପୁଞ୍ଜିପତି ମାନଙ୍କର ସ୍ୱାର୍ଥ ରକ୍ଷା କରାଯାଉଛି । ରାଜ୍ୟ ରେ ବିଜେପି ବିଜେଡ଼ି ଯେତେ ବିରୋଧି ବୋଲି ଦେଖେଇ ହେଉଛନ୍ତି ତାହା କେବଳ ପ୍ରହେଳିକା । ଭାରତ ବର୍ଷ ବିଶ୍ୱର ସର୍ବ ବୃହତ ଜନ ବହୁଳ ରାଷ୍ଟ୍ର । ଏ ଦେଶରେ ଶତକଡା ଷାଠିଏ ଭାଗ ଯୁବକ। ଅଖିଳ ଭାରତ ଯୁବସଂଘ ଦାବି କରି ଆସୁଛି ଯୁବକ ମାନଙ୍କୁ ନିଯୁକ୍ତି ପାଇଁ ଭଗତ୍ ସିଂ ନିଯୁକ୍ତି ଗ୍ୟାରେଂଟି ଆଇନ୍ ପାର୍ଲିଆମେଂଟ ସ୍ଥିର କରୁ । ଦେଶରେ ଏବଂ ରାଜ୍ୟ ରେ ଲକ୍ଷ ଲକ୍ଷ ପଦବୀ ଖାଲି ପଡ଼ିଛି, ତାକୁ ପୁରଣ କରାଯାଉ । ନବୀନ ସରକାର ଙ୍କ ଯୁବ ବିରୋଧି ନିତୀ ଓ ଯୁବକ ମାନଙ୍କୁ ନିଯୁକ୍ତି ଦାବିରେ ଆସନ୍ତା ମେ’ ୩ ତାରିଖରେ ଭୁବନେଶ୍ୱରଠାରେ ବିକ୍ଷୋଭ କରାଯିବ । ସେଥିରେ କୋରାପୁଟ ଜିଲ୍ଲା ରୁ ଯୁବସାଥି ମାନେ ଯୋଗ ଦେବା ପାଇଁ ନିବେଦନ କରିଥିଲେ ।

# ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ନିରୋଧ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୨/୦୪ (ନି.ପ୍ର): କେନ୍ଦ୍ରାପଡାରେ ବାଲ୍ୟ ବିବାହ ନିରୋଧ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଓ ସମାଜ ମଙ୍ଗଳ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶଙ୍କର ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା ଯୋଗ ଦେଇ ବାଲ୍ୟ ବିବାହ ଏକ ସାମାଜିକ ପ୍ରତିବନ୍ଧକ ଏହାକୁ ହଟାଇବାକୁ ମାନସିକତାରେ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ବାଲ୍ୟ ବିବାହ ବିରୁଦ୍ଧରେ ଆଇନ ଥିବା ସତ୍ୱେ ସଚେତନତା ଅଭାବରୁ ବ ର୍ମାନ ଏହା ସମାଜରେ ଦେଖିବାକୁ ମିଳୁଛି। ବାଲ୍ୟ ବିବାହ ନିମନ୍ତେ ୨ ବର୍ଷ ଜେଲ ଦଣ୍ଡ ସହ ୧ ଲକ୍ଷ ଟଙ୍କାର ଜୋରିମାନା ବ୍ୟବସ୍ଥା ରହିଥିବା ବେଳେ ସଚେତନତା ଅଭାବରୁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ । ବିଭିନ୍ନ ବ୍ଲକରୁ ଆସିତ୍‌ବା ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ ଜାତି ଧର୍ମଗୁରୁମାନଙ୍କୁ ବିଭାଗ ତରଫରୁ ସ୍ୱାଗତ କରାଯିବା ସହ ବାଲ୍ୟ ବିବାହ ଜିଲ୍ଲା ସଂଯୋଜିକା ଅମିତା ସିଂହ ବାଲ୍ୟ ବିବାହ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଶିକ୍ଷାର ଅଭାବ ଏବଂ ଶିକ୍ଷାରୁ ଅଧାରୁ ପାଠ ଛାଡିବା କିଛି ଧାର୍ମିକ ଅନ୍ଧ ବିଶ୍ୱାସ କାରଣରୁ ବାଲ୍ୟ ବିବାହ କୁ ଯଥେଷ୍ଟ ପରିମାଣରେ ରୋକା ଯାଇ ପାରୁନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ତୃଣମୂଳ ସ୍ଥରରେ ଏହାକୁ ଗୁରୁତ୍ୱ ଦିଆଗଲେ ଏହା ଯଥେଷ୍ଟ ପରିମାଣରେ ହ୍ରାସ ପାଇବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଥିଲେ। ସର୍ବେକ୍ଷଣରୁ ଜଣାପଡିଛି ଯେ, ରାଜ୍ୟରେ ପୁରୁଷ ମହିଳା ଅନୁପାତ ୧୦୦୦/୮୯୪ ମହିଳା ଥିବା ବେଳେ ଆମ ଜିଲ୍ଲାରେ ୧୦୦୦ ପୁରୁଷରେ ୮୬୦ ମହିଳା ଅଛନ୍ତି । ଜିଲ୍ଲାରେ ବାଲ୍ୟ ବିବାହ ୯.୪ ଶତକଡା ଅଛି । ୨୦୩୦ ମସିହା ସୁଦ୍ଧା ଏହାକୁ ଶତପ୍ରତିଶତ କରିବା ହେଉଛି ଆମର ଲକ୍ଷ୍ୟ ।

# ପାଣି ପାଇଁ ଜାତୀୟ ରାଜପଥ ଅବରୋଧ

ଧରାକୋଟ , ୨୨/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ମୁଣ୍ଡମରାଇ ଗ୍ରାମର ଅଧିକାଂଶ ସାହିକୁ ଦୀର୍ଘ ୧୫ ଦିନ ହେଲା ପିଇବା ପାଣି ଆସୁ ନଥିବାରୁ ଏହାକୁ ନେଇ ପୁଞ୍ଜୀଭୂତ ଅସନ୍ତୋଷ ଆଜି ଆନ୍ଦୋଳନର ରୂପ ନେଇଥିଲା। ସମାଧାନ ପାଇଁ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରା ଯାଇଥିଲେ ହେଁ, କୌଣସି ସୁଫଳ ନମିଳିବାରୁ ଶୁକ୍ରବାର ଦିନ ମୁଣ୍ଡମରାଇ ଗ୍ରାମବାସୀ ସକାଳୁ ୫୯ ନମ୍ବର ଜାତୀୟ ରାଜପଥକୁ ୩ ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ହେଉଛି, କିଛିଦିନ ତଳେ ଗ୍ରାମର ପାଇପ୍‌ଲାଇନ୍ ଫାଟି ଯିବାରୁ ଜଳଯୋଗାଣ ବନ୍ଦ ହୋଇ ଯାଇଥିଲା। ବିଭାଗ ପକ୍ଷରୁ ଏହାର ମରାମତି ସତ୍ତ୍ୱେ ଜଳସ୍ତର କମିବା ଯୋଗୁ ସମସ୍ୟା ଲାଗି ରହିଲା। ଅଧିକାଂଶ ସାହିକୁ ଜଳଯୋଗାଣ ବନ୍ଦ ହୋଇଯିବାରୁ ପ୍ରଚଣ୍ଡ ଖରାରେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ, ସେମାନେ ଆଜି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ସ୍ୱରୂପ ଜାତୀୟ ରାଜପଥ ଅବରୋଧ କରିଥିଲେ। ଧରାକୋଟ ବିଡିଓ ଡେନିସ ବେହେରା, ଥାନାଧିକାରୀ ମମତା ସାମନ୍ତରାୟ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଏସ୍‌ଡିଓ ସୁଜିତ କୁମାର ଲୁଗୁନ ଓ ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଉପରସାହି ପାଇଁ ଦୁଇଦିନ ମଧ୍ୟରେ ବୋର୍ ଖୋଳାଯିବ। ଏହାମଧ୍ୟରେ ଦୁଇଦିନ ପର୍ଯ୍ୟନ୍ତ ଟ୍ୟାଙ୍କର୍ ଦ୍ୱାରା ଜଳଯୋଗାଣ ହେବ। ସେହିପରି ଅନ୍ୟ ଦୁଇଟି ବୋରରୁ ଜଳଯୋଗାଣକୁ ସ୍ୱାଭାବିକ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ତିନିଘଣ୍ଟା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। କେବଳ ମୁଣ୍ଡମରାଇ ନୁହେଁ, ଧରାକୋଟ ବ୍ଲକ୍ ଅଧୀନ ଅଧିକାଂଶ ଗ୍ରାମରେ ପିଇବା ପାଣି ସଂକଟ ଉକ୍ଟ ରୂପ ନେଇଛି। ଗ୍ରୀଷ୍ମର ପ୍ରକୋପ ବଢ଼ିବାରୁ ଜଳସ୍ତର କମିବା ଚିନ୍ତାକୁ ଦ୍ୱିଗୁଣିତ କରିଛି।

# ପମ୍ପ ହାଉସରେ ଝୁଲାଇଲେ ତାଲା: ଗରା, ମାଠିଆ ଧରି ରାସ୍ତାରେ ମହିଳା



ଆଳି , ୨୨/୦୪ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ କଳସପୁର ପଞ୍ଚାୟତ ୧ ନମ୍ବର ୱାର୍ଡ ଅନ୍ତର୍ଗତ ଆୟତପୁର ଜେନାସାହିର ୧୦୦ ପରିବାର ପାଣି ଟୋପାଏ ପାଇଁ ତହଲବିକଳ ହେଉଛନ୍ତି । ପିଇବା ପାଣି ପାଇଁ ସାରାଗାଁରେ ହାହାକାର ପଡ଼ିଛି। ଆୟତପୁର ପମ୍ପ ହାଉସରୁ ଗତ ୬ ମାସ ହେଲା ଗାଁକୁ ପାଇପ୍ ପାଣି ଆସୁନି। ଏମିତି ପରିସ୍ଥିତିରେ ୨ ମାସ ହେଲା ଗାଁର ଦୁଇଟି ନଳକୂପ ଅଚଳ। ବାରମ୍ବାର ଜଳଯୋଗାଣ ବିଭାଗ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ ପଦକ୍ଷେପ ନିଆ ନ ଯିବାରୁ ଶୁକ୍ରବାର ଦିନ ଶତାଧିକ ମହିଳା ଗରା, ମାଠିଆ ଧରି ରାସ୍ତାକୁ ଆସି ପ୍ରତିବାଦ ଜଣାଇବା ସହିତ ଆୟତପୁର ପମ୍ପ ହାଉସରେ ତାଲା ଝୁଲାଇ ଦେଇଛନ୍ତି। ଆୟତପୁର ଜେନାସାହିର ଏହି ଆନ୍ଦୋଳନକାରୀ ମହିଳା ସୁମିତ୍ରା ଜେନା, ମମତା ଜେନା, କାଳୀ ଜେନା, ମିତାଲି ସୂତାର, ସାବିତ୍ରୀ ବେହେରା, ବେଣୀ ଦାସ, ବାସନ୍ତୀ ଜେନା, ଭାରତୀ ଜେନା,ବାଇଧର ବେହେରା, ସର୍ବେଶ୍ୱର ଜେନା, ସରୋଜ ସୂତାର, କାଳନ୍ଦୀ ଦାସ, ସନ୍ତୋଷ ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଗତ ୬ ମାସ ହେଲା ପାଇପ୍ ଲାଇନରେ ପାଣି ଆସୁନାହିଁ। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ଅନ୍ୟପକ୍ଷରେ, ଆଳି ବିଡିଓ ଦିବ୍ୟେନ୍ଦୁ ଦାସ କହିଛନ୍ତି ଯେ ତାଙ୍କ ନିକଟକୁ ଏ ସଂକ୍ରାନ୍ତରେ କୌଣସି ଅଭିଯୋଗ ଆସିନାହିଁ। ଆଜି ଏହି ସମସ୍ୟା ବାବଦରେ ଅବଗତ ହୋଇଛନ୍ତି। ଖୁବ୍‌ଶୀଘ୍ର ଲୋକଙ୍କୁ ପାଣି ଯୋଗାଣର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

# ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ

ନୂଆପଡ଼ା, ୨୨/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷର ପ୍ରଥମ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ଭାବରେ ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ ଭୋଇ ଓ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ଅଧ୍ୟକ୍ଷ ସମ୍ରାଟ ପାତ୍ର ଯୋଗଦେଇ ଶୈକ୍ଷିକ କ୍ୟାଲେଣ୍ଡର, ସାଇବର ସଚେତନତା, ଅଂଶୁଘାତ ପ୍ରତି ସାବଧାନତାର ବିଭିନ୍ନ ଉପାୟ, ପୂର୍ଣ୍ଣ ଉପସ୍ଥାନ ଦିବସ, ଅନଲାଇନ ସୁରକ୍ଷା ସମ୍ବନ୍ଧୀୟ କିଛି ଭ୍ରାନ୍ତ ଧାରଣା, ସତ୍ୟତା ଓ ତାହାର ସମାଧାନ, ଗ୍ରୀଷ୍ମକାଳୀନ ଅବକାଶରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ା ଆଦି ସଂପର୍କରେ ପ୍ରାଞ୍ଜଳ ଭାବରେ ଆଲୋଚନା କରିଥିଲେ। ବୈଠକରେ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ସମ୍ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ସୁରବିଜୟ କାନ୍ତ ତାଣ୍ଡି ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଗଠନମୂଳକ ପ୍ରସ୍ତାବ ଉପରେ ଆଲୋକପାତ କରିଥିଲେ। ସଭାରେ ଶିକ୍ଷକ ଅଶୋକ କୁମାର ବେହେରା, ପ୍ରଶାନ୍ତ କୁମାର ପଣ୍ଡା, ରତନ ସିଂ ବାରିକ, ଶ୍ୟାମ ନାରାୟଣ ମୁଣ୍ଡ, ପ୍ରଭୁଦତ ପୁରୋହିତ, ନୀଳିମାରାଣୀ ସାଗର, ରାଜଶ୍ରୀ ଦଣ୍ଡସେନା, ନିରଞ୍ଜନ ବିଶ୍ୱାଳ, ଧନଞ୍ଜୟ ମଲ୍ଲିକ, ସାଗର ବାଗ, ମହମ୍ମଦ କଲାମ, ପୁଷ୍ପାଞ୍ଜଳି ମହାପାତ୍ର, ସରସ୍ୱତୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବୈଷ୍ଣବ ମେହେର, ଧୀରଜ ଭୋଇ, ଆଶିଷ କୁମାର ପଟ୍ଟନାୟକ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୩ ଅପ୍ରେଲ ୨୦୨୩
email : rabibarachayan2015@gmail.com

ରବିବାରଚୟନ






.......ସୁଚୟନ ସୁଚୟନ ସୁଚୟନ.......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ ଉପନ୍ୟାସ



# ବୈଦେହୀ

## ଡ. ଭାଗବତ ବେହେରା



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକା ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଶ୍ରୀଯୁକ୍ତ ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

### ଭାଗ-୧

ହେ ପ୍ରଭୁ ଦୟାମୟ ରଘୁନାଥ । ହେ ରଘୁକୁଳ ତିଳକ ମର୍ଯ୍ୟାଦା ପୁରୁଷୋତ୍ତମ! ନୟନାଭିରାମ, ଅଭିରାମ ଭଗବାନ ରାମଚନ୍ଦ୍ର । ହେ ପ୍ରଜାବତ୍ସଳ କୃପାସିନ୍ଧୁ । ଆପଣ କରୁଣାର ସାଗର । ପ୍ରେମର ଅସରନ୍ତି ଭଣ୍ଡାର । ସ୍ନେହ ସ୍ନିଗ୍ଧ ମଧୁମୟ ଝରଣା । କୋଟିକୋଟି ପ୍ରଜାଙ୍କର ମଉଡ଼ମଣି ଆପଣ । ରଘୁବଂଶର କୀର୍ତ୍ତିମାନ ରାଜା । ପିତୃସତ୍ୟ ପାଳନ କରି ଚଉଦବର୍ଷ ବନବାସରେ କଟାଇଲ । ଏଭଳି ଜଣେ ସତ୍ୟନିଷ୍ଠ, ଦୟାବନ୍ତ, ପ୍ରେମମୟ, ଜ୍ଞାନମୟ, କରୁଣାମୟ ପୁରୁଷ ହୋଇ ଆପଣ ମୋ ପ୍ରତି ଏ ଅନ୍ୟାୟ କାହିଁକି କଲେ ପ୍ରଭୁ ? ଏ ଦାସୀ ଆପଣଙ୍କ ଶ୍ରୀଚରଣରେ କି ଅପରାଧ କରିଥିଲା ଯେ, ଯେଉଁଥିପାଇଁ ଆପଣ ମୋତେ ଏ ଦଣ୍ଡରେ ଦଣ୍ଡିତ କଲେ ଦୟାମୟ । ଆପଣଙ୍କ ଦାନକୁ ଗର୍ଭରେ ଧାରଣ କରି, ରାମ ରାଜ୍ୟରେ, ରାମ ଭାବରେ, ରାମ ପ୍ରୀତି ପାରାବାରରେ, ସ୍ୱପ୍ନର ସୁନେଲି ନାବଟିଏ ହୋଇ ଭାସି ବୁଲୁଥିବାବେଳେ, ମୋତେ ଆଶ୍ରମ ସୁଖରେ ମଜ୍ଜି ରହିବା ପାଇଁ ପଠାଇଦେଲ ଏ ପାତାଳପୁରୀକୁ । କିଛି ନଜଣାଇ, ଦାସୀର ଦୋଷ କ'ଣ, ସେ କଥାକୁ ହୃଦୟରେ ଘପିରଖି ମୋତେ କାହିଁକି କଠୋର ନିର୍ବାସନ ଦଣ୍ଡ ଦେଲ ପ୍ରଭୁ । ଜନ୍ମ ଜନ୍ମ ଧରି ଆପଣଙ୍କୁ ପାଇବା ପାଇଁ ମୁଁ ଯେଉଁ ତପସ୍ୟା କରିଥିଲି, ଏ ଶାସ୍ତି କ'ଣ ସେ ତପସ୍ୟାର ଫଳ ? ରାଜା କୁଶଧ୍ୱଜର ମୁଁ ଥିଲି ଏକମାତ୍ର ଅଲିଅଳି କନ୍ୟା । ମୋତେ ଦେଖି ମୋର ସଖୀମାନେ କହୁଥିଲେ, "ବେଦମତୀ ତୁମ ତୁଲ୍ୟା ସୁନ୍ଦରୀ ଏ ଧରାଧାମରେ କେବଳ ନୁହେଁ, ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ବିରଳ । ତୁମ ମୁଖମଣ୍ଡଳରେ ଉଙ୍କି ମାରୁଛି ଶତଶତ ଶରତ ଚନ୍ଦ୍ରର ଆଭା । ନୟନ ଯୁଗଳରେ କୋଟିକୋଟି ସ୍ୱପ୍ନର ସମ୍ଭାର । ପାଦକୁ ସ୍ପର୍ଶ କରୁଥିବା ମସ୍ତକର କେଶ କଳାହାଣ୍ଡିଆ ମେଘର କାନ୍ତିକୁ ନିନ୍ଦା କରୁଛି । ତୁମ ମୁଖରୁ ଝରି ପଡୁଥିବା କୁନ୍ଦ ପୁଷ୍ପ ତୁଲ୍ୟ ହାସକୁ ଦେଖିଲେ ସ୍ୱୟଂ ନାରାୟଣ ମଧ ବଶ ହୋଇଯିବେ ।" ସେମାନଙ୍କ ତୁଣ୍ଡରୁ କଥା ନେଇ ମୁଁ କହିଥିଲି, 'ସେହି ନାରାୟଣଙ୍କ ପାଇଁ ତ ମୋର ଜନ୍ମ ସହୀ । ତାଙ୍କ ବିନା ମୋତେ ସ୍ପର୍ଶ କରିବାର ଶକ୍ତି କାହାରି ନାହିଁ । ସେ ବେଦର ମୂଳପିଣ୍ଡ ବେଦମୟ, ମୁଁ ବେଦର ଅଂଶାଂଶ ବେଦମତୀ । ତାଙ୍କ ବିନା ମୋର ଗତି ନାହିଁ । ମୋ ପିତା ମୋ ପାଇଁ ଅନେକ ରାଜକୁମାରଙ୍କୁ ବାଛିଥିଲେ ହେଁ, ମୁଁ ତାଙ୍କୁ ସ୍ପଷ୍ଟ କରି ଦେଇଥିଲି, ଏକମାତ୍ର ବିଶ୍ୱବ୍ରହ୍ମାଣ୍ଡର ନାୟକ, ଅନନ୍ତ ପରମେଶ୍ୱର କୃପାମୟ ବିଷ୍ଣୁଙ୍କ ବ୍ୟତୀତ ମୁଁ କାହାରି ହସ୍ତ ଧରିପାରିବି ନାହିଁ । ଆଶ୍ଚର୍ଯ୍ୟ ହୋଇ ମୋ ପିତା କହିଥିଲେ, 'ବେଦମତୀ! ତୁ ଏ କି ସ୍ୱପ୍ନ ଦେଖୁଛୁ । ଏହା କ'ଣ ସମ୍ଭବ ? ମର୍ତ୍ତ୍ୟର ନାରୀଟିଏ ହୋଇ ତୁ ପରମେଶ୍ୱରଙ୍କୁ ପତି ଭାବରେ ପାଇବାର ସ୍ୱପ୍ନ ଦେଖୁଛୁ କେମିତି ?' ସେଦିନ ମୁଁ ହସିହସି କହିଥିଲି, "ଏ ଅସମ୍ଭବକୁ ମୁଁ ସମ୍ଭବ କରିବି ପିତା । ଆପଣ ମୋତେ ଆଦେଶ ଦିଅନ୍ତୁ, ମୁଁ ତପସ୍ୟା କରିବାକୁ ଯିବି । ତପସ୍ୟାରେ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରି ତାଙ୍କରି ଗଳାରେ ବରଣମାଳା ଦେବି ।" ମୋର ତପସ୍ୟା କଥା ଶୁଣି ମୋ ପିତାମାତା ଅନେକ ବାରଣ କରିଥିଲେ ହେଁ, ମୋର ଅଟଳ ପ୍ରତିଜ୍ଞା ଦେଖି ସେମାନେ ମୋତେ ତପସ୍ୟା କରିବାପାଇଁ ଅରଣ୍ୟକୁ ପଠାଇ ଦେଇଥିଲେ । ରାଜ ପରିପାଟୀ ତ୍ୟାଗକରି ଏକ ସନ୍ନ୍ୟାସିନୀର ବେଶ ଧାରଣ କରି ମୁଁ ବେଦମତୀ ଦୀର୍ଘ କଠୋର ତପସ୍ୟା କରି ମଧ ଆପଣଙ୍କୁ ପାଇ ପାରି ନଥିଲି । ସେହି ତପସ୍ୟା କାଳରେ ଦିନେ ଲଙ୍କପତି ରାବଣ ପାରିଧି ଉଦ୍ଦେଶ୍ୟରେ ଆସି, ମୋତେ ଦେଖି ମୋହିତ ହୋଇ ମୋ ପ୍ରତି ଆକୃଷ୍ଟ ହୋଇ ମୋର, ତପ ଭଗ୍ନ କରିଥିଲା । ମୋ ନିକଟରେ ନତଜାନୁ ହୋଇ କହିଥିଲା, "ହେ ସୁନ୍ଦରୀ ତୁମଭଳି ଅନନ୍ୟା, ଅନିନ୍ଦ୍ୟା, ଲାବଣ୍ୟମୟୀ, ଲୋଳାପାଙ୍ଗୀ ସୁବର୍ଣ୍ଣଲତାଟିଏ ମୁଁ ସ୍ୱର୍ଗ ମର୍ତ୍ତ୍ୟ ପାତାଳ କେଉଁଠି ଦେଖିନାହିଁ । ମୁଁ ରାବଣ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରକୁ ମୁଁ ଜୟ କରିଛି । କେଉଁଠି ତୁମଭଳି ରୂପସୀ ମୁଁ ଦେଖିନାହିଁ । ହେ କେଶବତୀ କନ୍ୟା, ତୁମେ କ'ଣ ପାଇଁ ଏ ଅରଣ୍ୟରେ କଠୋର ତପସ୍ୟା କରୁଛ ? ତୁମେ ଦେବ ଭୋଗ୍ୟା । ତୁମ ଶରୀରରୁ ନିର୍ଗତ ହେଉଛି ପଦ୍ମ ଚନ୍ଦନର ସୁବାସ । ତୁମ ମୁଖରେ କୋଟି ଚନ୍ଦ୍ର, କୋଟି ପଦ୍ମର ଦ୍ୟୁତି । ତୁମଭଳି ଅମୃତମୟୀ ଲଳନା ତପସ୍ୟା କରୁଛି କାହିଁକି ? କଣ ପାଇଁ ତୁମର ଏ ତପ ? ମୋତେ ଥରେ ଅନାଅ ଦେବୀ । ଏ ବିଶ୍ୱର ଶୌର୍ଯ୍ୟ, ବୀର୍ଯ୍ୟ, ବୀରତ୍ୱ, ଧନ, ପ୍ରାଚୁର୍ଯ୍ୟ ଷଡ଼ ଐଶ୍ୱର୍ଯ୍ୟର ଅଧିକାରୀ ମୁଁ । ତପସ୍ୟା ତ୍ୟାଗ କରି ମୋ ହସ୍ତ ଧର ଦେବୀ । ମୁଁ ତୁମକୁ ମୋର ପାଟରାଣୀ ଆସନରେ ବସାଇବି । ତୁମେ ହେବ ଲଙ୍କାର ଲକ୍ଷ୍ମୀ ।"

ରାବଣର ବାକ୍ୟବାଣ ମୋ ହୃଦୟରେ ସେଲାଘାତ କରିଥିଲା ପ୍ରଭୁ । ତପସ୍ୟାରୁ ଉଠି ଅତି କଠୋର ଶବ୍ଦରେ ମୁଁ ତାକୁ ଭର୍ତ୍ସନା କରିଥିଲି । ଦୁରାଚାରୀ, ପାପାଚାରୀ କହି ମୋ ପାଖରୁ ହଟିଯିବାକୁ କହନ୍ତେ ସେ ଅଟ୍ଟହାସ୍ୟ କରି ମୋର କେଶ ଆକର୍ଷଣ କରିଥିଲା । ତାକୁ ତିରସ୍କାର କରି ମୁଁ କହିଥିଲି, 'ରେ ଦୁରାଚାରୀ ପାପୀଷ୍ଠ ରାବଣ, ବେଦମତୀ ଜନ୍ମଲଭିଛି ବିଷ୍ଣୁଙ୍କ ପାଇଁ । ସେ ପରମେଶ୍ୱରଙ୍କୁ ପତି ପଦରେ ବରଣ କରିସାରିଛି । ତୋ' ଭଳି ପାପିଷ୍ଠ ମୋର ଅଂଗକୁ ସ୍ପର୍ଶ କରିଛି ଯେତେବେଳେ, ଏ ଶରୀର ଭିତରେ ମୁଁ ଆଉ ରହିବି ନାହିଁ । କିନ୍ତୁ ଦେହ ଛାଡ଼ିବା ପୂର୍ବରୁ ମୁଁ ତୋତେ ଅଭିଶାପ ଦେଉଛି ଯେଉଁ ନାରାୟଣଙ୍କୁ ପତିପଦରେ ବରଣ କରିବାପାଇଁ ମୁଁ ତପସ୍ୟା କରୁଥିଲି, ତୁ ମୋର ତପସ୍ୟା ଭଂଗକରି ମୋତେ ଛୁଇଁ ଅପବିତ୍ର କରିଦେଲୁ, ସେହି ବିଷ୍ଣୁଙ୍କ ହସ୍ତରେ ଦିନେ ତୁ ନିଧନ ହେବୁ ।' ତାକୁ ଅଭିଶାପ ଦେଇ ମୁଁ ସେହିଠାରେ ଦେହତ୍ୟାଗ କରିଥିଲି । ମୋର କେଶପାଶକୁ ଧରି ଆକର୍ଷଣ କରୁଥିବା ରାବଣ ସହସା ସ୍ତବ୍ଧ ହୋଇ ଯାଇଥିଲା । ମୋର ମୃତ୍ୟୁ ହୋଇଗଲା ଜାଣି ସେ ଭୟଭୀତ ହୋଇ ପଡ଼ିଥିଲା । ମୋର ଅଭିଶାପ ତା କର୍ଣ୍ଣରେ ବାରମ୍ବାର ଧ୍ୱନିତ ହେଉଥିଲା । ବିଚଳିତ ହୋଇ ଚିତ୍କାର କରି ସେ କହିଥିଲା, "ହେ ସୁନ୍ଦରୀ କନ୍ୟା, ତୋତେ ପାଇବା ପାଇଁ ମୁଁ କାମନା କରିବାରୁ ତୁ ଦେହ ଛାଡ଼ିଦେଲୁ । ମୋତେ ଅଭିଶାପ ଦେଲୁ ମୁଁ ବିଷ୍ଣୁ ହସ୍ତରେ ମୃତ୍ୟୁବରଣ କରିବି । ମୁଁ ରାବଣ । ଲଙ୍କାଧିପତି ରାବଣ । ସ୍ୱର୍ଗଜୟୀ ରାବଣ । ଏକା ବିଷ୍ଣୁ କାହିଁକି, ତେତ୍ରିଶ କୋଟି ଦେବତା ଏକ ହେଲେ ବି ମୋତେ ମାରିପାରିବେ ନାହିଁ । ହେ ସୁନ୍ଦରୀ ତୁ ସିନା ରାବଣକୁ ନିନ୍ଦା କରି ମୃତ୍ୟୁବରଣ କଲୁ । ମୋର ଆଶାକୁ ଅଚରିତାର୍ଥ କଲୁ । ତଥାପି ମୁଁ ତୋତେ ଛାଡ଼ିବି ନାହିଁ । ତୋ ଭଳି ସୁନ୍ଦରୀର କୋମଳ ମାଂସକୁ ମୁଁ ଭକ୍ଷଣ କରି ଆନନ୍ଦ ଲଭିବି ।" ଏହାକହି ରାବଣ ମୋର ମୃତପିଣ୍ଡକୁ ବହନ କରି ଆଣି ନିଜ ପତ୍ନୀ ମନ୍ଦୋଦରୀକୁ ଦେଇ ଆଦେଶ ଦେଇଥିଲା ମନ୍ଦୋଦରୀ, ଏ ସୁନ୍ଦରୀ କନ୍ୟାକୁ ଟିକିଟିକି କରି କାଟି ତାର ମାଂସକୁ ରନ୍ଧନ କରି ମୋତେ ଭୋଜନ କରିବାକୁ ଦେବ ।

ମନ୍ଦୋଦରୀକୁ ଆଦେଶ ଦେଇ ରାବଣ ଯାଆନ୍ତେ, ମନ୍ଦୋଦରୀ ମୋର ମୃତପିଣ୍ଡକୁ ଦେଖି ଅଶ୍ରୁବର୍ଜନ କରିବାକୁ ଲାଗିଲେ । ମୋ ପାଖରେ ବସି ମୋର ମସ୍ତକକୁ କୋଳରେ ରଖି ସେ କହିଥିଲେ, "ଆଲୋ ଝିଅ ତୋର ଏ କ'ଣ ହେଲା । କ'ଣ ପାଇଁ ଏତେ ଅଳ୍ପବୟସରେ ତୋର ମୃତ୍ୟୁ ହେଲା ? ମୋ ସ୍ୱାମୀ ତୋ ପ୍ରତି କିଛି ଅନ୍ୟାୟ କରିନାହାନ୍ତି ତ ମା' । ରୂପରେ ତୁ ତ ଅନନ୍ୟା । ଜଗତ୍‌ମାତା ଲକ୍ଷ୍ମୀ ବି ତୋ ସହିତ ତୁଳିତ ହେବେ କି ନାଁ ମୁଁ ଜାଣେନା । କ'ଣ ପାଇଁ ତୋର ଏ ବେଶ ? ତୋତେ ଜୀବିତାବସ୍ଥାରେ ପାଇଥିଲେ ମୁଁ ମୋର କନ୍ୟା ଭାବରେ ଗ୍ରହଣ କରିନେଇଥା'ନ୍ତି । ମୋର ଝିଅଟିଏ ନାହିଁଲୋ ମାଆ । ତୁ ମୋର ଝିଅ । ହେଲେ ତୋର ମଲାପିଣ୍ଡକୁ ନେଇ ମୁଁ କ'ଣ କରିବି ?

(କ୍ରମଶଃ)

❤ ଦର୍ଜୀ ପୋଖରୀ, ରାଣୀପାଟଣା, ବାଲେଶ୍ୱର

# ଏନକାଉଣ୍ଟର ଓ ରାଜନୀତି

## ଅଧ୍ୟାପକ ଗୋପବନ୍ଧୁ

ଭାରତୀୟ ରାଜନୀତିରେ ଏକ ନୂଆ ଫର୍ଦ ଯୋଡି ହୋଇଯାଇଛି ତାହା ହେଉଛି ଏନକାଉଣ୍ଟର ରାଜନୀତି। ଉତ୍ତରପ୍ରଦେଶରେ ଏହିପ୍ରକାର ରାଜନୀତିର ସ୍ପଷ୍ଟତା ସମ୍ମୁଖିନ୍ୟକୁ ଆସିଛି। ଗୋଟିଏ ପରେ ଗୋଟିଏ ଏନକାଉଣ୍ଟର ହେଉଛି। ବାପାକୁ ଏନକାଉଣ୍ଟର, ପୁଅକୁ ଏନକାଉଣ୍ଟର, ଭାଇକୁ ଏନକାଉଣ୍ଟର, ପୁତୁରାକୁ ଏନକାଉଣ୍ଟର, ଏନକାଉଣ୍ଟର ପରେ ଏନକାଉଣ୍ଟର, ଏହା ଏନକାଉଣ୍ଟର ରାଜନୀତିକୁ ସ୍ପଷ୍ଟ କରିଛି। କେବଳ ଉତ୍ତରପ୍ରଦେଶ ନୁହେଁ ଅନ୍ୟାନ୍ୟ ରାଜ୍ୟରୁ ମଧ ମଝିରେ ମଝିରେ ଏନକାଉଣ୍ଟର ସମ୍ବାଦ ଆସେ, ତେବେ ସେଗୁଡିକ ପଛରେ ରାଜନୈତିକ ସମର୍ଥନ ଥିବା ସ୍ପଷ୍ଟ ଜଣାପଡ଼େ ନାହିଁ। ତେବେ ଉତ୍ତରପ୍ରଦେଶର ଏନକାଉଣ୍ଟର ହେଉ କିମ୍ବା ବୁଲଡୋଜର ପ୍ରୟୋଗ ହେଉ ଏହା ପଛରେ ରାଜନୈତିକ ସମର୍ଥନ ସ୍ପଷ୍ଟ ପ୍ରତୀୟମାନ ହେଉଛି। ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ବୟାନ ଏହା ନିଶ୍ଚିତ କରିଛି ଯେ ସେ ରାଜ୍ୟରେ ଗୁଣ୍ଡା, ଡନ ଓ ମାଫିଆଙ୍କୁ ରହିବାକୁ ଦେବେ ନାହିଁ। ତେଣୁ ସବୁକିଛି ଯୋଜନାବଦ୍ଧ ଭାବେ ହେବାପରି ମନେ ହେଉଛି। କିନ୍ତୁ ଏବାବଦକୁ କୌଣସି ପ୍ରମାଣ ରଖା ଯାଉନାହିଁ।

ଯୋଜନାବଦ୍ଧ ଏନକାଉଣ୍ଟର ଆଦୌ ନ୍ୟାୟସଙ୍ଗତ ନୁହେଁ। ଦଣ୍ଡ ଦେବାର ଅଧିକାର କେବଳ ନ୍ୟାୟାଳୟର ରହିଛି। ଏ କଥା ଜନସାଧାରଣ ଜାଣିଛନ୍ତି। ତଥାପି ଏନକାଉଣ୍ଟର ପ୍ରତି ଲୋକଙ୍କ ସମର୍ଥନ ବଢ଼ୁଛି। ରାଜନୈତିକ ଦଳମାନେ ଜନସମର୍ଥନ ଚାହାଁନ୍ତି। ଦେଶରେ ଗୁଣ୍ଡାରାଜ, ମାଫିଆରାଜ, ଧର୍ଷଣ, ହତ୍ୟା, ଡକାୟତି ପରି ଅସାମାଜିକ କାର୍ଯ୍ୟ ଯୋଗୁଁ ଲୋକମାନେ ଅତିଷ୍ଠ। ଏମାନଙ୍କୁ ଦମନ କରିବା ପାଇଁ ନ୍ୟାୟାଳୟର ବିଳମ୍ବ ନ୍ୟାୟିକ ପ୍ରକ୍ରିୟା ଲୋକଙ୍କୁ ହତାଶ କରୁଛି। ଲୋକମାନେ ତ୍ୱରିତ ନ୍ୟାୟ ଚାହାଁନ୍ତି। ଦଶନ୍ଧି ଧରି କେଶ୍ ଚାଲୁଛି। ତଳ କୋର୍ଟରୁ ସୁପ୍ରିମ୍ କୋର୍ଟ ପର୍ଯ୍ୟନ୍ତ କଥା ଯାଉଛି। ଏହି ପ୍ରକାର ଲୋକମାନେ ବେଲରେ ଆସି କ୍ରାଇମ୍ ପରେ କ୍ରାଇମ୍ କରିଚାଲିଛନ୍ତି। ଇଲେକ୍ସନ ମଧ୍ୟ ଲଢୁଛନ୍ତି ଏବଂ ଏମଏଲଏ ଓ ଏମପି ମଧ୍ୟ ହେଉଛନ୍ତି। ଏପରି ପରିସ୍ଥିତିରେ ଭୁଲ ହେଲେବି ଲୋକମାନେ ଏନକାଉଣ୍ଟର ଓ ବୁଲଡଜର ନୀତିକୁ ସମର୍ଥନ କରୁଛନ୍ତି। ତେଣୁ ଯୋଜନାବଦ୍ଧ ଭାବେ ନିଜକୁ ରକ୍ଷାକରି କୌଣସି ସରକାର ଯଦି ଏହା କରୁଛି ସେ ସରକାର ସପକ୍ଷରେ ଜନମତ ତିଆରି ହେଉଛି। ଏଥିପାଇଁ ଦୋଷ କାହାକୁ ଦେବା ? ବ୍ୟବସ୍ଥାକୁ ନା ସରକାରଙ୍କୁ ? ତେବେ ଅନେକ ସମୟରେ ଅଭିଯୋଗ ଆସୁଛି ଯେ ବେଳେବେଳେ ସରକାର ରାଜନୈତିକ ବିଦ୍ୱେଷର ବଶବର୍ତ୍ତୀ ହୋଇ ଏପରି ପଦକ୍ଷେପ ନେଉଛନ୍ତି। ଏପରି ହେଉଥିଲେ ଗଣତନ୍ତ୍ର ପାଇଁ ବିପଦ। ବର୍ତ୍ତମାନର ସରକାର ଏପରି ପଦକ୍ଷେପ ନେଲେ ପରବର୍ତ୍ତୀ ସରକାର ମଧ ସମାନ ପଦକ୍ଷେପ ନେଇପାରେ। ଏହା ହେଲେ ଗଣତନ୍ତ୍ର ହିଂସା ଓ ପ୍ରତିହିଂସାର ଆଖଡା ହୋଇଯିବ। ଆହୁରି ମଧ୍ୟ ଅଭିଯୋଗ ଆସୁଛି ଯେ ଗୋଟିଏ ସମ୍ପ୍ରଦାୟକୁ ଟାର୍ଗେଟ କରି ଏପରି କରାଯାଉଛି। ଏହା ମଧ୍ୟ ନିନ୍ଦନୀୟ। ଯାହା ସମ୍ପ୍ରଦାୟୀକ ବିଦ୍ୱେଷକୁ ତୀବ୍ରତର କରିବ। ସବୁଠାରୁ ସଙ୍ଗିନ ଅଭିଯୋଗ ହେଉଛି ସରକାର ଏପରି କାର୍ଯ୍ୟ ନିରପେକ୍ଷଭାବେ କରୁନାହାଁନ୍ତି। ନିଜ ଦଳର ବଡବଡ ଗୁଣ୍ଡା ଓ ମାଫିଆଙ୍କୁ ପୋଷି ବିରୋଧୀ ଦଳର ଏହିପରି ଲୋକଙ୍କୁ ନିପାତ କରୁଛି। କୌଣସି ସରକାର ଯଦି କାର୍ଯ୍ୟାନୁଷ୍ଠାନ ନେବା ଦିଗରେ ପକ୍ଷପାତିତା ଅବଲମ୍ବନ କରନ୍ତି, ତେବେ ତାହାକୁ ଯୁକ୍ତିସିଦ୍ଧ ବୋଲି କହିବା ଆଦୌ ସମିଚୀନ ନୁହେଁ।

ସାଧାରଣରେ ଆଲୋଚନା ହୁଏ ଯେ ନ୍ୟାୟାଳୟ କେବଳ ନ୍ୟାୟ ପ୍ରଦାନ କରେନାହିଁ, ଏହା ଧୌର୍ଯ୍ୟର ମଧ୍ୟ ପରୀକ୍ଷା କରେ। ଆବେଦନ ହେବାର କେତେଦିନ ପରେ ନ୍ୟାୟ ମିଳିବ ତାହା କହିହେବ ନାହିଁ। ବେଳେବେଳେ ବାପା ଆବେଦନ କଲେ ପୁଅ ନ୍ୟାୟ ପାଇବ। କାରଣ ଦେଖାଯାଉଛି ନ୍ୟାୟ ଅପେକ୍ଷାରେ କେତେକଙ୍କ ଦେହାନ୍ତ ହୋଇଯାଉଛି। କେବଳ ଏତିକି ନୁହେଁ ନ୍ୟାୟିକ ପ୍ରକ୍ରୀୟା ଖର୍ଚ୍ଚବହୁଳ ମଧ୍ୟ। ଏପରି କ୍ଷେତ୍ରରେ କେବଳ ଧୌର୍ଯ୍ୟଶୀଳ ଓ ଆର୍ଥିକ ସବଳ ବ୍ୟକ୍ତି ନ୍ୟାୟାଳୟର ଆଶ୍ରୟ ନେବାକୁ ସାହାସ କରିବ। ଏହା ସତ୍ତ୍ୱେ ନ୍ୟାୟ ପାଇବାର ପ୍ରବୃତ୍ତି ତାର ମାନସିକତାର ଅଂଶବିଶେଷ। ବେଳେବେଳେ ସେ ତତକ୍ଷଣାତ ନ୍ୟାୟ ପାଇବାକୁ ଚେଷ୍ଟାକରେ। ଜଣେ ଜଣକୁ ଅସାମ୍ବିଧାନିକ ଭାଷାରେ ଗାଳିଦେଲେ ପ୍ରତିପକ୍ଷ ନ୍ୟାୟ ପାଇଁ ନ୍ୟାୟାଳୟକୁ ଦୌଡ଼େ ନାହିଁ, ସେ ହୁଏତ ପାଲଟା ଗାଳିଦେଇ କିମ୍ବା ଦୁଇ ଥାପଡ ଦେଇ ନିଜେ ନ୍ୟାୟ ପାଇଛି ବୋଲି ଅନୁଭବ କରେ। ଛୋଟମୋଟ ଦୁର୍ଘଟଣା କେଶରେ ଦେଖାଯାଉଛି ଉଭୟ ପକ୍ଷ ନ୍ୟାୟଳୟକୁ ଯିବାକୁ ପସନ୍ଦ କରୁନାହାଁନ୍ତି। ସେମାନେ ନିଜେ ବା ଅନ୍ୟମାନଙ୍କ ସହାୟତାରେ କେଶର ଦଫାରଫା କରିଦିଅନ୍ତି। ଏହା ହୁଏ ନ୍ୟାୟାଳୟରେ ନ୍ୟାୟ ପାଇବାର ବିଳମ୍ବ ସମ୍ଭାବନାକୁ ନେଇ। ଅନେକେତ ଅନ୍ୟାୟ ହେଲେବି ମନମାରି ରହିଯାଆନ୍ତି। ନ୍ୟାୟ ପାଇବାର ଆଶା ମନରୁ ପୋଛି ଦିଅନ୍ତି।

ଦେଶରେ ତ୍ୱରିତ ନ୍ୟାୟର ପ୍ରବଣତା ବଢୁଛି। ଲୋକମାନେ ନ୍ୟାୟ ପାଇଁ ଦୀର୍ଘବର୍ଷ ଅପେକ୍ଷା କରିବାକୁ ନାରାଜ୍। ତେଣୁ ଯେଉଁଠାରେ ବି ଏହି ପ୍ରକାର ପଦକ୍ଷେପ ନିଆଯାଇଛି ତାକୁ ସଂଖ୍ୟାଧିକ ଲୋକ ସମର୍ଥନ କରିବା ଦେଖାଯାଉଛି। ଏ ପ୍ରକାର ପଦକ୍ଷେପ କ୍ରମେ ରାଜନୈତିକ ପାରଦର୍ଶିତାର ରୂପ ନେଉଛି ଓ ନିର୍ବାଚନୀ ଇସ୍ୟୁ ମଧ ବନୁଛି। ନ୍ୟାୟ ଦେବାର ପ୍ରତିଶ୍ରୁତି ଦେଇ ଗୋଟିଏ ସରକାର କ୍ଷମତାକୁ ଆସିବା ପରେ ତା ପାଖରେ ଦୋଷୀକୁ ଦଣ୍ଡ ଦେବାପାଇଁ ନ୍ୟାୟାଳୟ ଉପରେ ନିର୍ଭର କରିବାକୁ ପଡେ। ନ୍ୟାୟାଳୟରେ ତ୍ୱରିତ ନ୍ୟାୟ ମିଳିବା ପରିବର୍ତ୍ତେ କେଶ୍ ଲଟକି ରହେ। ଅଭିଯୁକ୍ତ ବେଲରେ ଆସେ, ତାର କଳା କାରନାମା ଚାଲୁରହେ, ସେ ଇଲେକ୍ସନ ବି ଲଢ଼େ, ଜିତି ମନ୍ତ୍ରୀ ବି ହୁଏ। ସାଧାରଣ ଜନତା ଶଙ୍କିତ ଅବସ୍ଥାରେ ରହେ। କାରଣ ସାକ୍ଷୀ ପ୍ରମାଣ ନରଖି ତାକୁ ବି ଖୋଲାସ କରାଯାଇପାରେ। ଜନତା ନିରୁପାୟ, ପୋଲିସ ନିରୁପାୟ, ପ୍ରଶାସକ ନିରୁପାୟ, ସରକାର ମଧ୍ୟ ନିରୁପାୟ। ତାଙ୍କରି ସମ୍ମୁଖିନରେ ଅଭିଯୁକ୍ତ ବେଲ ନେଇ ନିଶ ମୋଡି ଚାଲିଯାଏ। ତେଣୁକରି ବେଳେବେଳେ ସରକାର କୌଣସି ପ୍ରମାଣ ନରଖି ନାଟକୀୟ ଢଙ୍ଗରେ ଏନକାଉଣ୍ଟର କରୁଥିବାର ଅଭିଯୋଗ ଅମୂଳକ ବୋଲି ମନେ ହୁଏନାହିଁ।

ଦେଶର ନ୍ୟାୟିକ ବ୍ୟବସ୍ଥା ଏ ଦିଗରେ ଗଭୀରଭାବେ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି। ଅନ୍ୟଥା ସରକାର ପୋଲିସ ଓ ସାଧାରଣ ଲୋକମାନେ ନିୟମକୁ ନିଜ ହାତକୁ ନେବା ପ୍ରବଣତାର ଶିକାର ହେବେ। ବିଗତ କେଇ ବର୍ଷରେ ଏହା ବୃଦ୍ଧି ପାଉଥିବାର ଦେଖାଯାଉଛି। ଏ ଦିଗରେ ନ୍ୟାୟିକ ସୁଧାର ନିଶ୍ଚିତଭାବେ ଏହାକୁ ରୋକିବାରେ ଅନେକ ସହାୟକ ହେବ ଓ ନ୍ୟାୟିକ ବ୍ୟବସ୍ଥା ଉପରେ ଆସ୍ଥା ଆହୁରି ଦୃଢୀଭୂତ ହେବ। ଏହାକୁ ନେଇ ରାଷ୍ଟ୍ରୀୟ ବିତର୍କ ହେବା ଜରୁରୀ।

❤ ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦

ଆମ ସମୟର କବିତା.....

## ଶ୍ମଶାନ ଓ ଜହ୍ନରାତି

### ଶରତ କୁମାର ଦାସ



ଜହ୍ନ ଦେଖା ସରିଲା
ଜହ୍ନରୁ କିଛି ମିଛ କଳଙ୍କ,
ହୀରାଫୁଲ, ମେଘମାଳ
ଓ ମଲ୍ଲୀ କଢ଼ ଧରି ଫେରିଲି ଘରକୁ ।


ଘରେ ପହଁଚି ଦେଖିଲି
କଳାଘୁମର ରାତିଟେ ପରା ସରିଛି
ସଜ ଘଷି ପରି
ମୋ ଦେହ ସାରା
ମୃଦୁ ମୃଦୁ କମ୍ପନର ଝାଳଗନ୍ଧ
ଛପି ଛପି ଲୁହ ଗଡ଼ଉଥିବା
ଫଟା କାନ୍ଥର ଝୋଟିଚିତ୍ର
ଏ ସବୁ ଲାଗୁଥିଲା
ସତେ ଯେମିତି ବୋଉର
ଅସ୍ଥି କଙ୍କାଳ ଭିତରେ ଛାଡି ଆସିଥିବା
ମୋ ସାରା ଜୀବନର
ଅନ୍ତରଙ୍ଗ ଅଭିମାନ ଭଳି...

ପୁନଶ୍ଚ ଫେରିବାକୁ ହେଲା
ବିଚ୍ଛୁରିତ ବାଲୁକା ଶଯ୍ୟାକୁ
ଯେଉଁଠି ଉତ୍ତାଳ ସମୁଦ୍ରରେ
ଜହ୍ନରାତି ଭାଜି ହଉଥିଲା
ଖଣ୍ଡ ଖଣ୍ଡ ମାଛ ଭଳି
ଡ଼ଙ୍ଗା ଧରି ଫେରୁଥିବା
ନୋଳିଆ ପିଲାଟିର ଆଇଁଷିଆ ଦେହ ପରି
ଲାଗୁଥିଲେ କିଆଫୁଲ ମାନେ
ପ୍ରେମିକା ପ୍ରେମିକା ଲାଗୁଥିବା
ମାଛରଙ୍କା ଓ ଗୁଡକଙ୍କ ହସ
ସଞ୍ଜ ନ ହଉଣୁ ଆତ୍ମହତ୍ୟା କରିସାରିଥିଲେ
ତେବେ ଅନେକ ଦିନ ତଳୁ ଛାଡି ଆସିଥିବା
ସେ ନାକକାନ୍ଦୁଣୀ ଝିଅଟିର ଚମ୍ପାଫୁଲିଆ ମୁହଁ
ମୋ ଛାତି ତଳେ ଜହ୍ନ ପାଲଟିବା ପୂର୍ବରୁ
ମୁଁ ଗାଉଥିଲି ଶ୍ମଶାନର ଗୀତ
ଯେଉଁଠି ହାଲି ହାଲି ବୋଉକୁ
ଚିତାଗ୍ନି ଦେଇ ଫେରିଥିଲି
ତୋଫା ଜହ୍ନ ଆଲୁଅ ତଳେ.

❤ ପାଲୁର ବଙ୍ଗଳା
ଘର ନମ୍ବର..୨୬, ବ୍ରହ୍ମପୁର
ମୋ: ୯୪୩୭୪୨୩୯୮୫

## ମୋ ଦେଶ

### ବୃନ୍ଦାବନ ଦାସ



ମାନଚିତ୍ରରେ ଏକାପରି ଦିଶୁଥିବା
ଦେଶସବୁଙ୍କ ଭିତରେ
ମୋ ଦେଶ ବେଶ୍ ଭିନ୍ନ
ଅଜାଡି ହୋଇ ପଡୁଥିବା
ଗୋଟେ ତରଳପଣରେ
ସହଜରେ ବାରିହୋଇ ପଡେ ତା' ରୂପ ।

ଏବେ ଏବେ ତ' ଗଳା
କାଟୁଥିବା ହାତର
ହଜାର ହୀନ ପ୍ରୟାସ ସତ୍ତ୍ୱେ
ମୋ ଦେଶ
ଧୈର୍ଯ୍ୟର ଆନିକଟ ସେପଟେ ସ୍ଥିର ନିଶ୍ଚଳ
ଗମ୍ଭୀର ମୁଦ୍ରାର ଅଗାଧ ଜଳରାଶି ।

ପଦିଏ କଥାରେ
କେଇଜଣ ଏଠି ଜାଳିପାରନ୍ତି ନିଆଁ
ଡିମା ପଥରରେ ଛାଇଦିଅନ୍ତି
ରାସ୍ତା ଗଳିକନ୍ଦି
ପୁଣି ତୀକ୍ଷ୍ଣ ଚାକୁରେ ନିର୍ମମ ଆଘାତ କରି
କାନ୍ଧରୁ ମୁଣ୍ଡ ଅଲଗା କଲେ ବି
ଆଖିରୁ ରକ୍ତ ନିଗାଡି ସହିଯାଏ ମୋ ଦେଶ ।

କହ୍ନେୟା ଲାଲର ମୁଣ୍ଡ ଗଡୁଥାଏ ତଳେ
ତା' ରକ୍ତଭିଜା ମାଟି
ତଥାପି କହୁଥାଏ ସହିଯା' ସହିଯା' ।

ଶୂନଶାନ୍ ରାସ୍ତାକୁ ଓହ୍ଲେଇପଡେ ଭିଡ
ପ୍ରତିବାଦ କରେ ନିଆଁକଳେ
କିଛି ଅଘଟଣ ଆଶଙ୍କାରେ
ସହର ସହର ଜାରିହୁଏ କର୍ଫ୍ୟୁ
ସଉା ପ୍ରତ୍ୟାଶୀ ନେତା
ମାପିଚୁପି ରଖେ ଟିପ୍ପଣୀ
ଜଣେ ହିନ୍ଦୁର ମୃତ୍ୟୁରେ ।

କାନଡେରି ଶୁଣ, ଗଗନରେ ପବନରେ
ନିରବତାରେ କୋଳାହଳରେ
ଜହ୍ନ ଆଲୁଅରେ ଗଭୀର ଅନ୍ଧାରରେ
ତଥାପି ଗୋଟେ ଅବିରତ ସ୍ୱର
କେବେ କେଉଁ ଈଶ୍ୱର କଣ୍ଠରୁ
ଉଚ୍ଚାରିତ ମନ୍ତ୍ର
ଅହିଂସା, ମୋ ଦେଶର ବେଦମନ୍ତ୍ର
ବାନ୍ଧୁଥାଏ ମଣିଷକୁ ଅନାବିଳ ସମ୍ପର୍କରେ।

❤ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ଡେରାବିଶ କଲେଜ,
କେନ୍ଦ୍ରାପଡା -୭୫୪୨୮୯
ମୋ- ୯୭୭୭୮୪୩୦୩୧



## କୃଷ୍ଣଚୂଡା

### ନୀଳମଣି ଚାନ୍ଦ

କେଉଁ ପଥପ୍ରାନ୍ତେ କାହା ଆଗମନ
ପଥକୁ ରହିଛ ଚାହିଁ
ପ୍ରୀତି ପୁଷ୍ପ ଗୁଚ୍ଛ ସଜେଇ ରଖିଛ
ଉପହାର ଦେବାପାଇଁ।

ପଥିକର ତୃଷା ଯାଏ ଅପସରି
ତୁମକୁ ଥରଟେ ଦେଖି
ସେ କହେ ବୈଶାଖ ରଙ୍ଗକୁ ମାଖିଛ
ତୁମର ରଙ୍ଗ କି ଏ କି ?

ଶୋଣିତ ରଙ୍ଗର ତୁମରି ରଙ୍ଗଟି
ମନେ ଜାଳିଦିଏ ନିଆଁ
କୃଷ୍ଣା କବରୀ ପାଇଁ କି ରହିଛ
ଏ କଥାଟି ଲାଗେ ନୂଆ।

ସୁନ୍ଦର ଦିଶଇ ବୈଶାଖ ଆହୁରି
ତୁମ ପରିଚୟ ନେଇ
ଭଗ୍ନ କୋଣାର୍କ ପରି ତା ହୃଦୟ
ପରିଚୟ ତା'ର ଏଇ।

ଭୁଲିବି ମୁଁ ଖରା ତାତି ଗୁଳୁଗୁଳି
ପ୍ରିୟ କୃଷ୍ଣଚୂଡ଼ା ପାଇଁ
ମନ ଖୋଲି କିଛି କହିବି ତା' ଆଗେ
ଥାଆ କୃଷ୍ଣଚୂଡା ଚାହିଁ।

❤ ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ବଜାର ଭୁବନେଶ୍ୱର

### କେଦାର ମିଶ୍ର



ଗୋଟେ ସ୍ୱପ୍ନର ବଜାର ଅଛି ଭୁବନେଶ୍ୱରରେ ।

ସବୁ ସ୍ୱପ୍ନ ସୁନ୍ଦର ବୋଲି କିଏ କହିଛି କି ?
ସ୍ୱପ୍ନ ହୋଇପାରେ ମଇଁଶୀଖାଲ ବସ୍ତି
କି ଚାରି ନମ୍ବର ହାଟର ମାଛବଜାର ପରି
ହୋଇପାରେ ବି ବିନ୍ଦୁସାଗର କି ଗଙ୍ଗୁଆନାଳ ପରି
ସ୍ୱପ୍ନ ବି ହୋଇପାରେ ଦେବତା ନଥିବା ରାଜାରାଣୀ ମନ୍ଦିର ଉପରେ
ନର୍ତ୍ତକୀର ପଥର ଦେହ ପରି ।

ଗୋଟେ ସ୍ୱପ୍ନର ବଜାର ଅଛି ନର୍ତ୍ତକୀ ଦେହର ପଥରରେ
ଭୁବନେଶ୍ୱରରେ ।

ସହର ମଝିରେ ଆକାଶ ଚିରୁଥିବା ବିମାନ
ଦିନେ ଦିନେ ବିମାନ ଭିତରେ ଥାଇ ମୁଁ ଚିତ୍କାର କରେ-
ଭୁବନେଶ୍ୱରରେ ଆକାଶ ଗୋଟେ ଇଗଲ ପରି
ଭୁବନେଶ୍ୱର ଗୋଟେ ପାଇଥନ
ଭୁବନେଶ୍ୱର ଅଶୋକଙ୍କର ଶିଳାଲେଖ ଉପରେ
ଗୋଟେ ଗୁଣ୍ଡୁଣୀହାତୀ ।

ଗୋଟେ ସ୍ୱପ୍ନର ବଜାର ଅଛି ଭୟାନକ ଜନ୍ତୁମାନଙ୍କର ନଖ ଓ ଦାନ୍ତରେ
ଭୁବନେଶ୍ୱରରେ ।

କେବେ କେମିତି ତୁ ଆସୁ ଭୁବନେଶ୍ୱରକୁ ଆମ୍ବ ବଉଳ ପରି
ତୋର ଆସିବା ଇ ବସନ୍ତ
ତୋର ଆସିବା ଇ ଏକଇ ଆମ୍ବଗଛର ଏ ସହରରେ
ତୀର୍ଥ ହୋଇଯିବା, ମୋକ୍ଷ ପାଇଯିବା
ତୋର ଆସିବା ଇ ଏ ସହରରେ ପ୍ରେମର ସକାଳ ହେବା ।

ଗୋଟେ ପ୍ରେମର ବଜାର ଅଛି ବଜ୍ରକାପ୍ତାର ଶରୀର ପରି
କେଉଁ ଏକ ଉଲଗ୍ନ ଯନ୍ତାରେ
ଭୁବନେଶ୍ୱରରେ ।

ଏ ସହର ବଜାର ହୁଏ ଯେବେ
ସେଠି ତୋର ପ୍ରେମ ଝୁଲେ ତ୍ରୀଶୂଳ ଉପରେ ।

❤ (ମୋ) ୯୪୩୭୧୫୪୪୪୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୩ ଅପ୍ରେଲ ୨୦୨୩



## ପ୍ରେମରେ ପ୍ରେମରେ ଗୀତି ....(୮୬)



■ ବିପିନ ମହାନ୍ତି



### ॥ ଗାଆଁଟି ମୋ'ର ॥

ଗାଆଁଟି ମୋର ସରଗ ପୁର
ମାଟିରେ ତା'ର ଘର,
ବାର ମାସରେ ତେର ପରବ
କିଏ ତା' ରୂପକାର ।

ଆମ୍ବ, କଦମ୍ବ, ତାଳ, ତମାଳ-
ଘେରା ଏ ମୋ'ର ଗାଆଁ,
ଏଇ ଗାଆଁର ପାଣି ପବନେ
ଲେଖା ଯେ ମୋ'ର ନାଆଁ
ମୋ' ଗାଆଁ ତୁଠ ମଶାଣି ଘାଟ
ସବୁ ମୋ' ଆପଣାର ।

ତା' ଦାଣ୍ଡ ଧୂଳି ଦେହରେ ବୋଳି
ଶିଖିଛି ମୁହିଁ ଚାଲି,
କେମିତି ତା'ର ମମତା ମୂଲ
ଜୀବନେ ଯିବି ଭୁଲି,
ସୂରୁଯ କହେ ଇଏ ମୋ' ଗାଆଁ
ଜହ୍ନ ବି କହେ ମୋ'ର,
ତା' ମାଟି କାନ୍ଥେ ଗଢ଼ିଛି ବୋଉ
ଅଛି ମୋ' ଷଠୀ ଘର ।

❤ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## ଦୃଷ୍ଟିକୋଣ – ୬

# ମଣିଷ ହିଁ ମଣିଷର ପରମ ଶତ୍ରୁ

କାଳୀପଦ ପଣ୍ଡା



ଏକବିଂଶ ଶତାବ୍ଦୀରେ ଈଶ୍ୱରଙ୍କ ସୃଷ୍ଟ ସମସ୍ତ ପ୍ରାଣୀଜଗତ, ଉଦ୍ଭିଦଜଗତ ଯାହା ଜୀବଜଗତ ରୂପେ କଥିତ ସେ ମଧ୍ୟରେ ଉତ୍ତମ ଜୀବ ମଣିଷକୁ ବିବେଚନା କରାଯାଇଥାଏ । କାରଣ ମନୁଷ୍ୟଠାରେ ସମସ୍ତ ଦିବ୍ୟଗୁଣ ଠୁଳ ହୋଇଛି । ସେ ଭଲମନ୍ଦ, ଠିକ୍‌ଭୁଲ୍ ବିଚାର କରିବାକୁ ସମର୍ଥ । ପଶୁପକ୍ଷୀ, କୀଟପତଙ୍ଗ(ଜଳଚର ଓ ସ୍ଥଳଚର) ଭଳି ଜୀବମାନଙ୍କ ପକ୍ଷେ ଏହା ସମ୍ଭବ ହୋଇ ନ ଥିବାରୁ ମନୁଷ୍ୟକୁ ସୃଷ୍ଟିର ସର୍ବୋତ୍ତମ ସୃଷ୍ଟି ବୋଲି ବିବେଚନା କରାଯାଏ।

ଓଡ଼ିଆ ଭାଷାରେ ଅତୀବଡ଼ୀ ଜଗନ୍ନାଥ ଦାସଙ୍କ ରଚିତ ମହାଭାରତରେ ସେଥିପାଇଁ କୁହାଯାଇଛି "ମନୁଷ୍ୟ ଦେହେ ଦିବ୍ୟଜ୍ଞାନ / ଦେଖି ସନ୍ତୋଷ ଭଗବାନ ।" ମନୁଷ୍ୟ ପ୍ରତିନିୟତ ତା'ର ବୁଦ୍ଧି କୌଶଳ ପ୍ରୟୋଗ କରି ନିତ୍ୟ ନବନବ ଉଦ୍ଭାବନ ଓ ଆବିଷ୍କାର ମଧ୍ୟରେ ତା' ଜୀବନକୁ ଅଧିକ ଆନନ୍ଦମୁଖର କରିବା ପାଇଁ ସତତ ଚେଷ୍ଟିତ ରହିଆସୁଛି । ମାତ୍ର ପରିତାପର ବିଷୟ, ଅଧୁନା ମଣିଷ ହିଁ ମଣିଷର ଶତ୍ରୁ ରୂପେ ଉଭା ହୋଇଛି । ଜଣେ ମଣିଷ ଆଉଜଣେ ମଣିଷଠୁଁ ଠକିଯିବାର ଭୟ ଭିତରେ ଆତଙ୍କିତ । ନିଜ ବାସସ୍ଥାନର ଘରିପଟରେ ଶକ୍ତ ପାଚେରି ବା ଲୁହାବାଡ଼ ବସାଇବାକୁ ବାଧ୍ୟ ହେଉଛି ଜୀବଜନ୍ତୁଠାରୁ ରକ୍ଷାପାଇବା ନିମନ୍ତେ ଯେତିକି ନୁହେଁ, ତା'ଠୁଁ ଅଧିକ ଛଳନା ଓ ପ୍ରତାରଣାକାରୀ ମୁଖାପିନ୍ଧା ଆଉଜଣେ ମଣିଷଟିଏ ନିକଟରୁ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ । କାରଣ, ମଣିଷ ଭିତରେ ଥିବା ପୈଶାଚିକ ପ୍ରବୃତ୍ତିରେ ଲୁଣ୍ଠି ନେବ ସଞ୍ଚିତ ଧନ ତ ପୁଣି ଉତାରି ପକାଇବ ଦେହର ଆବରଣ, ପ୍ରତିରୋଧରେ ସଂସାର ଉଜୁଡ଼ି ଯିବ ଓ ସେ ଅକାଳରେ ସମାଧି ଲଭିବ ।

ମଣିଷକୁ ଆଉଜଣେ ମଣିଷ ଠକିବା ହିଁ ମଣିଷ ସମାଜରେ ସବୁଠୁ ଅଧିକ ପରିଦୃଷ୍ଟ ହୁଏ । ସଭ୍ୟ ଶିକ୍ଷିତ ବୁଲାଉଥିବା ମଣିଷ ଛଳନାର ତରବାରୀରେ ଅହରହ କାଟି ଚଲେ ଆଉଜଣେ ମଣିଷକୁ । ଆଦିମଯୁଗରେ କିନ୍ତୁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଥିଲା । ମଣିଷ ଯେତେଯେତେ ଉଚ୍ଚଶିକ୍ଷିତ ଓ ସଭ୍ୟ ହେଲା, ସେ ତା'ର ବୁଦ୍ଧି ଓ ଜ୍ଞାନ ଖଟାଇ ଖେଳୁଆଡ଼ ମନୋବୃତ୍ତିରେ ବିଷର ଜହର ଖେଳାଇ କପଟତାରୂପି ଫାଶରେ ବନ୍ଦୀ କଲା ଆଉଜଣେ ମଣିଷକୁ । ସେ ମନେକଲା, ଲୁଟି ନେବାରେ ଛଳନାର ଜାଲ ବିଛାଇଲେ ଧନସମ୍ପତ୍ତି ବଢ଼ିବ ଏବଂ ଅୟସଆରାମର ସାମଗ୍ରୀ ଠୁଳ ହେବ । ଏହି ମଣିଷସମାଜକୁ ଠକିପାରି ଆଉଜଣେ ମଣିଷ ସମ୍ଭ୍ରାନ୍ତଶ୍ରେଣୀର ଉଚ୍ଚପାହିଆର ବୁଦ୍ଧିଜୀବୀ ବଣିକର ଆସନରେ ଅଭିଷିକ୍ତ ହେଉଛି ମଣିଷ ସମାଜରେ। ଯେଉଁଥିରେ ତା'ର ଆତ୍ମପ୍ରତିଷ୍ଠା ସାର୍ଥକ ହେଉଛି ବୋଲି ସେ ମନେକରି ଆସୁଛି । ସେ କିନ୍ତୁ ନିଜେ ଭୁଲି ଯାଉଛି ଯେ ସେ ଦିନେ ହଜିଯିବ ଏଇ ଧରାଧାମରୁ । ପୁଣି ପୁନର୍ଜନ୍ମ ଏଯାବତ୍ ପ୍ରମାଣସିଦ୍ଧ ନୁହେଁ । ଆସିଥିଲା ଖାଲିହାତରେ ବାହୁଡ଼ି ଯିବୁ ଖାଲି ହାତରେ । କିଛି ବି ଯିବ ନାହିଁ ସାଥିରେ । ପଡ଼ି ରହିଥିବ ବିଶାଳ ସାମ୍ରାଜ୍ୟ ରୂପି ପଦପଦବି ଓ ଅକଳନ ଧନସମ୍ପତ୍ତି । ଯେ ଯଦି ହଜିଯିବ ତେବେ ଏତେ କପଟପଶା ଖେଳରେ ସ୍ୱ-ସାମ୍ରାଜ୍ୟ ବଢ଼ାଇ କେଉଁ ଲାଭ ପାଉଛି ? ଏହି ଚିରନ୍ତନ ସତ୍ୟର ଉପଲବ୍ଧି ଆସିଗଲେ ସେ ଦିବ୍ୟଗୁଣର ଅଧିକାରୀ ହୋଇଯାନ୍ତା । ବାସ୍ତବତାକୁ ଭୁଲି, ସତ୍ୟଠାରୁ ଦୂରେଇ ଅବସ୍ତାବ ଅଳୀକ ବସ୍ତୁସୁଖ ସହ ପଦମର୍ଯ୍ୟାଦାର ଅନ୍ଧାନୁସରଣରେ ମଣିଷ ଜାତିରେ ଜନ୍ମ ନେଇ ଅନ୍ୟ ଜଣେ ମଣିଷର କ୍ଷତି ଘଟାଇ ନିଜର ସ୍ଥିତିକୁ ସୁଦୃଢ଼ କରନ୍ତା ନାହିଁ । ବିବେକକୁ ବଳିଦେଇ, ମାନବୀୟ ମୂଲ୍ୟବୋଧକୁ ଦୂରେଇ, ଅନ୍ତରାତ୍ମାର ଡାକ ଶୁଣୁ ନାହିଁ । ତା' ଭିତରେ ଥିବା ସ୍ନେହ, କରୁଣା, ଦୟା, ପରୋପକାର, ମମତା ଭଳି ମହତଗୁଣକୁ ପ୍ରକଟ କରିବାରେ ପଶ୍ଚାତପଦ ହେଉଛି । ସବୁ ଭୂଖଣ୍ଡରେ ମାନବଜାତି କ୍ରମଶଃ ଅସାଧୁ ଓ ଦୁର୍ନୀତିଗ୍ରସ୍ତ ହୋଇ ସେହି ମାନବଜାତିକୁ ଲୁଟ୍ କରିବାରେ ଲାଗିଛନ୍ତି । ନ୍ୟାୟ ନୀତିପୂର୍ଣ୍ଣ ନିଷ୍ଠାପୂର୍ଣ୍ଣ ଜୀବନଯାପନ ସ୍ୱପ୍ନ ହେଲାଣି । ଶଠତା, ଲାଞ୍ଚ, ମିଛର ଭୂଷଣରେ ସେ ବିଜେତାର ସ୍ୱପ୍ନ ମଧ୍ୟରେ ଡୁବି ରହୁଛି ।

ବ୍ୟକ୍ତି ଜୀବନରେ କେବଳ ଯେ ସ୍ଖଳନ ଆସିଛି ତାହା ନୁହେଁ, ରାଷ୍ଟ୍ରନାୟକଙ୍କଠାରୁ ଆରମ୍ଭକରି ଆଧାତ୍ମିକ ଜଗତରେ ମଧ୍ୟ ସ୍ୱଚ୍ଛତା ନାହିଁ । ଅବିଶ୍ୱାସର ବଳୟରେ ଜଣେ ମଣିଷ ଆଉଜଣେ ମଣିଷ ସହ ଅହରହ ପ୍ରତାରଣାର ହୋଲି ଖେଳୁଛି । ମଣିଷଟିଏ ସୁରକ୍ଷିତ ରହୁନାହିଁ ଆଉଜଣେ ମଣିଷଠାରୁ। ଯାହାକୁ କହିପାରିବା ଯେ, ମଣିଷ ହିଁ ଆଉଜଣେ ମଣିଷର ପରମଶତ୍ରୁ ରୂପେ ପରିଗଣିତ । ସମୁଦାୟ ବିଶ୍ୱ ଜନସମୁଦାୟରେ ହୁଏତ ଏକଶତାଂଶ ସତ୍ ମଣିଷ ଅଛନ୍ତି । ମାତ୍ର ଅନେଶତ ପ୍ରତିଶତ ଯେତେବେଳେ ପରସ୍ପରର ଶତ୍ରୁ ଭାବେ ଦଣ୍ଡାୟମାନ ସେତେବେଳେ କେଉଁଠୁ ବା ଏ ମଣିଷସମାଜ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିପାରିବ ଯେ ? କେବଳ ଆତ୍ମସଚେତନତା, ଜନ୍ମ-ମୃତ୍ୟୁର ଚିରନ୍ତନତାକୁ ଉପଲବ୍ଧି ଜନିତ ଜ୍ଞାନ ଆସିଲେ ଜଣେ ମଣିଷ ଆଉଜଣେ ମଣିଷର ଶତ୍ରୁ ଭାବେ କାର୍ଯ୍ୟ କରିବାକୁ ଆଗେଇ ଆସିବ ନାହିଁ । ପାଣିଫୋଟକା ସମ ଜୀବନ ଯେ କେତେବେଳେ କୌଣସି ବି ପରିସ୍ଥିତିରେ, କୌଣସି ବି ବୟସରେ, ପରିସମାପ୍ତି ଲଭିଯିବ ତାହାର ବାସ୍ତବ ଜ୍ଞାନ ନିଜ ଭିତରେ ଆସିଗଲେ ହୁଏତ ମଣିଷ ଆଉ ମଣିଷର ଅନିଷ୍ଟକାରୀ ଶତ୍ରୁ ରୂପେ କାର୍ଯ୍ୟ କରିବ ନାହିଁ । ବରଂ ସେ ସେହି ମଣିଷ ସମାଜର ପରମ ବନ୍ଧୁ ହୋଇ ଜଗତକୁ ଆନନ୍ଦମୁଖର କରି ଦିବ୍ୟାମୃତ ପ୍ରଦାନରେ ମାନବୀୟ ମହତ୍‌ଗୁଣଗୁଡ଼ିକର ଧାରକ ହେବ ।

❤ ସୂନାରୂଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ):୯୪୩୭୦୮୯୨୪୧

# ବ୍ୟଙ୍ଗ ସାହିତ୍ୟ ଅମଙ୍ଗଳର କାରଣ ନ ହୋଇ ମଙ୍ଗଳରେ ସହାୟକ ହେଉ : ଶ୍ରୀମାନ ସର୍ବଗିଳା



ଶ୍ରୀମାନ ସର୍ବଗିଳା ( ରତ୍ନାକର ବେହେରା ) ଜଣେ ଅନନ୍ୟ ବ୍ୟଙ୍ଗକାର ଭାବରେ ସମ୍ପ୍ରତି ବେଶ ଜଣାଶୁଣା । କବିତା, ଲଳିତ ନିବନ୍ଧ, ଅଭିନୟ ଏସବୁ କ୍ଷେତ୍ରରେ ବିଦ୍ରୁପର ଝଲକ ଦେଖେଇ ପାରୁଥିବା ଶ୍ରୀମାନ ସର୍ବଗିଳା ଜଣେ ଚିତ୍ରକର ବି । ଯାବତୀୟ ଦୁଃସ୍ଥିତି ଭିତରେ ନିରୋଳ ହାସ୍ୟ ଫୁଟେଇ ପାରିବାର ବିଚକ୍ଷଣ ଦକ୍ଷତା ତାଙ୍କର ପ୍ରାୟ ପାଠକଙ୍କୁ ଅଳ୍ପ ବହୁତେ ଜଣା । ପିତା ବନମାଳୀ ବେହେରା, ମାତା ବୁଦ୍ଧି ଦେଇଙ୍କ ପୁତ୍ର ରତ୍ନାକରଙ୍କ ଜନ୍ମ ପୁରୀ ଜିଲ୍ଲାର ବାଜପୁର ଗ୍ରାମରେ ୭ ଜୁନ ୧୯୬୪ ମସିହାରେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଅଧୀନରେ ଚାକିରୀ କରିଥିବା ଏହି ଲେଖକ ସ୍ୱେଚ୍ଛାକୃତ ଅବସର ନେଇ ବର୍ତ୍ତମାନ କେବଳ ସାହିତ୍ୟସେବାରେ ମନୋନିବେଶ କରିଛନ୍ତି । ଲଙ୍କା ଚଟଣି, ଇସ୍ପାତ ମୁହଁ, ଗୁମର କଥା, ବୋଲୁଅ ମାଡ଼, ଗୋବର ଗଣେଶ, ରଖ ହୋ ତୁମ ଜିନିଷ, ଭୋଳାର ମେଳା, ବାବୁ ମୋତେ ଚାକିରୀ ଦେ, ମା ଉଖୁଡାଖାଇ, ଗାର୍ଲଫ୍ରେଣ୍ଡ ଫେରାର, ଶୁକ୍ରାର ସପନ, ଯମକୁ ଜବାବ, କଖାରୁ, ବିଲୁ, ଶ୍ରବଣ କୁମାର, ମଧୁର କଳି, ନଦେଖିଲା ଲୋକ ଦେଖ, ଭୋଳାର ମେଳାରେ ସଲସଲ, ହାତ ଖୋଲି ଦେ, ମଣିଷାସୁର, ବୋଉ ବାହାଘର, ସ୍ୱର୍ଗରେ ହରତାଳ, ବୋଉଲୋ ବାହା ହେବି ନାହିଁ, ଛୋଟୁର ସପନ, ଭଦ୍ରଖେଚଡ଼, ମଡର୍ଣ୍ଣ ମରଣ, ନେପଥ୍ୟ ନିର୍ଦ୍ଦେଶ ଭଳି ଅନେକ ପୁସ୍ତକ ରଚନା କରିଥିବା ରତ୍ନାକରଙ୍କ ଅନେକ ରଚନା ମଞ୍ଚ, ବେତାର ଓ ଦୂରଦର୍ଶନରେ ପ୍ରଚାରିତ ଓ ପ୍ରସାରିତ ହୋଇ ତାଙ୍କୁ ଘରେ ଘରେ ପରିଚିତ କରେଇଛି । ସେଥିପାଇଁ ଅର୍ଦ୍ଧଶତକରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ଦ୍ୱାରା ସେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି ।

ସବୁବେଳେ ହସଖୁସିଆ, ପୂରିଲା ଭାବରେ ଥିବା ରତ୍ନାକର ବେହେରା ଉଡ଼ିଲା ଚଢ଼େଇର ପେଟ ଦେଖି ବୁଝି ନିଅନ୍ତି ତାର ଦୁଃଖ ଓ ବେଦନା । ଚେଷ୍ଟା କରନ୍ତି ପାରୁପର୍ଯ୍ୟନ୍ତ ଦାନା ଟିକିଏ ତା ଚଂଚୁରେ ଦେବାକୁ । ତାଙ୍କ ପାଖ ପଡୋଶୀ, ସହକର୍ମୀ, ଜ୍ଞାତି କୁଟୁମ୍ବ ତାଙ୍କ ସରଳ ଏବଂ ପରୋପକାରୀ ସ୍ୱଭାବ ସମ୍ପର୍କରେ ଜାଣନ୍ତି । ସୁବିଧା ଅସୁବିଧା ବୁଝି କାହା କାହା ପାଇଁ ହାତ , ଆଖି , ହୃଦୟ ଖୋଲା ରଖିଥିବା ସର୍ବଗିଳା ଏକ ଦାରୁଣ ବିପର୍ଯ୍ୟୟ ସହ ଲଢୁଥିଲା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ନିଜର ଦୁଇଟି ଗୋଡ଼ ହରେଇ ବସିଲେ । ଯେତେବେଳେ ସଭିଏଁ ସ୍ତବ୍ଧ , ଲୁହ ଲୁହ ଏବଂ ବାକଶୂନ୍ୟ ଯେ ଏହା ପରେ ଅଧିକ କଣ ଖରାପ ହୋଇପାରେ ଗୋଟେ ସହଜ ଏବଂ ସ୍ୱାଭାବିକ ମଣିଷ ପାଇଁ ସେତେବେଳେ ହସ ହସ ମୁହଁରେ ସେ ପ୍ରବୋଧନ୍ତି,

'ଯେଉଁ ଲୋକ ଯେତେ ଭାଙ୍ଗିଲେ ବି ସେତେ ହସୁଥାଏ / ତାକୁ ପୁଣି ହରେଇବ କିଏ ,
ସବୁ ହାରିବାପଣିଆ ତା ପାଖରେ ହାରେ / ସିଏ ସିନା ସଦା ଜିତୁଥାଏ ।'

❤ ଶ୍ରୀଯୁକ୍ତ ରତ୍ନାକରରୁ ଶ୍ରୀମାନ ସର୍ବଗିଳା ହେବାର ଯାତ୍ରା ପଛରେ ଥିବା କାହାଣୀଟି ଆମକୁ ଜଣେଇବେ କି ?

❤❤ ଶ୍ରୀ ରତ୍ନାକରରୁ ଶ୍ରୀମାନ୍ ସର୍ବଗିଳା ହେବା ପଛରେ ମୋ ଧର୍ମ ସଢୁ ଶ୍ରୀଯୁକ୍ତ ସତ୍ୟାନାଶଙ୍କର ପ୍ରଚଣ୍ଡ ହାତ ଅଛି । କଥାରେ ଅଛି.. ଆପେ ମରି, ସାଥେ ଲୋଡ଼ି । ଅଷ୍ଟମଶ୍ରେଣୀରେ ପଢୁଥିବାବେଳେ ଅକ୍ଟୋବର ୨୩ତାରିଖ ୧୯୭୬ମସିହାରୁ ବିପ୍ଳବ, ମାନେ ଦାଢୁଆ କବିତା ଛାଡ଼ି ମାଡୁଆ ବ୍ୟଙ୍ଗ କବିତା ଲେଖିବାକୁ ମୋତେ ଶ୍ରୀଯୁକ୍ତ ସତ୍ୟାନାଶ ବ୍ୟଙ୍ଗ ଗଡିଆରେ ଡୁବନ ଦେଇ ଜାନୁଆରୀ ୧୪ତାରିଖ ୧୯୯୨ମସିହାରେ, ବ୍ୟାସକବି ଫକୀର ମୋହନଙ୍କ ଜନ୍ମଦିନରେ ମକର ଉତ୍ସବରେ ଫୁଲବାଣୀରେ ଦୀକ୍ଷିତ କରେଇ ତାଙ୍କ ଦଳରେ ସାମିଲ କରେଇଲେ । ସେବେଠୁ ବିପ୍ଳବ ଧର୍ମରୁ ବ୍ୟଙ୍ଗଧର୍ମରେ ରହି ଏଯାଏଁ ସାଧନା ଜାରି ରଖିଛି ।

❤ ଅଭିନୟ ବ୍ୟତିରେକ କବିତା, ଗଳ୍ପ, ନାଟକ, ବ୍ୟଙ୍ଗ ସବୁକ୍ଷେତ୍ରରେ ଆପଣ ଆପଣଙ୍କ ପାରଦର୍ଶିତା ପ୍ରତିପାଦନ କରିଛନ୍ତି । କେଉଁ ବିଶେଷ କ୍ଷେତ୍ରଟି ଆପଣଙ୍କୁ ସନ୍ତୋଷ ପ୍ରଦାନ କରିଛି ?

❤❤ ଅଭିନୟ, କବିତା ରଚନା, ଗଳ୍ପ, ନାଟକ ଭିତରୁ ସର୍ବାଧିକ ବ୍ୟଙ୍ଗ ଗଳ୍ପ /ରମ୍ୟ ରଚନା ଓ ନାଟକ ପ୍ରତିଥିବା ଦୁର୍ବଳତା.. ହାସ୍ୟାଭିନୟ, ଅଧିକ ସଫଳତା ଓ ସନ୍ତୋଷ ଦେଇଛି ।

❤ ନିକଟ ଅତୀତରେ ଆପଣ ସାମ୍ନା କରିଥିବା ଭୟଙ୍କର ଦୁର୍ଘଟଣା ଆପଣଙ୍କ ସର୍ଜନ ଜୀବନକୁ କେମିତି ପ୍ରଭାବିତ କରିଛି ?

❤❤ ସଡ଼କ ଦୁର୍ଘଟଣା ଜୁଲାଇ ୬ତାରିଖ ୨୦୨୧ରେ ହୋଇ ଦୁଇଟାଯାକ ଗୋଡ଼ ହରେଇଦେଲେ ବି ମୋ ହାସ୍ୟ ବ୍ୟଙ୍ଗ ଜୀବନର ଗତି ପଥରେ ପ୍ରତିବନ୍ଧକର ରେଖା ଟାଣି ପାରିନି । କାରଣ କହିବା କି ହସିବା, ଗୋଡ଼ରେ ହୁଏନି ଥୋଡରେ ହୁଏ । ଲେଖାଲେଖି ବି ପାଦରେ ନୁହଁ ବରଂ ହାତରେ କରାଯାଏ । ଭଗବାନ ତ ହାସ୍ୟ -ବ୍ୟଙ୍ଗ ଗୁଣେ ଜନ୍ମ ଦେଲେ ମତେ... ସ୍ୱଭାବ ଛାଡ଼ିବି କେମନ୍ତେ ? ହାସ୍ୟ କବି -କଳାକାର ଯଦି କାନ୍ଦି ଲୁହ ଗଡେଇବ, ତେବେ କାନ୍ଦୁରା ଆଖିରୁ କିଏ ଲୁହ ପୋଛିବ ? ଏଇ ଦୁର୍ଘଟଣା ମୋତେ ପଛକୁ ନ ଟାଣି ବରଂ ବେଶି ଆଗକୁ ଆଗେଇବାର ପ୍ରେରଣା ଯୋଗେଇଛି । ହସରେ, ଆନନ୍ଦରେ ଜିଇଁବାର କଳା ଓ ଶକ୍ତି ମୁଁ ମହାପ୍ରଭୁଙ୍କଠୁ ପାଇଯାଇଛି ଭଳି ମୋତେ ସର୍ବଦା ଲାଗିଛି ।

❤ 'ହସ କଣ ଥାଏ ଗୋଡ଼ରେ ହସ ଥାଏ ପରା ଥୋଡ଼ରେ' କହୁଥିବା କବିଙ୍କର ଏହି ଉକ୍ତି ନିଜ ପ୍ରତି ତଥା ସମ୍ପର୍କୀୟଙ୍କ ପାଇଁ ସାନ୍ତ୍ୱନା ନା ପ୍ରେରଣା ??

❤❤ ହସ କଣ ଥାଏ ଗୋଡ଼ରେ, ହସ ସିନା ଥାଏ ଥୋଡ଼ରେ... ଏହା ଅନ୍ୟମାନଙ୍କ ପାଇଁ ସାନ୍ତ୍ୱନା ନୁହଁ ବରଂ ପ୍ରେରଣା ହେଉ, ଚାହେଁ । କାରଣ ଦେହ କଳା -ଗୋରା, ଡେଙ୍ଗା -ଗେଡ଼ା, ସୁନ୍ଦର -ଅସୁନ୍ଦର, ନିଖୁଣ -ଖୁଣ , ସୁସ୍ଥ -ଅସୁସ୍ଥ ଯାହାବି ହେଉ.. ମାତ୍ର ମନ ଆତ୍ମା ସର୍ବଦା ସର୍ବବସ୍ଥାରେ ଆନନ୍ଦରେ ଭରିରହୁ । ମୋର ଦୁଇଟା ଗୋଡ଼ ନଥାଉ, ମୋ ପ୍ରିୟ ବନ୍ଧୁ ରୂପୀ ଜଗବନ୍ଧୁଙ୍କର ତ ଅଛିନା । ସେମାନେ ସମସ୍ତେ ଆନନ୍ଦରେ ରହିଲେ ମୁଁ ବି ଆନନ୍ଦ.. ତାଙ୍କ ସୁଖରେ ସୁଖୀ, ଏଇଭାବ ଯେ କେତେ ସୁଖ ଦିଏ, ତାହା ଅନୁଭବୀ ଜାଣିବେ । ଏଇ ଦେହ ଏଇଠି ପୋତା ହେଉ କି ପୋଡା ଯାଉ... ସବୁରି ସଙ୍ଗେ ଭାବ ଯୋଡ଼ାହୋଇ ଥାଉ ।

❤ ସବୁ ବିପର୍ଯ୍ୟୟ ଭିତରେ ଆପଣଙ୍କୁ ସ୍ଥିରତା ଏବଂ ପ୍ରଶାନ୍ତି ଦେଇଛି ଆଧ୍ୟାତ୍ମିକତା ବୋଲି ଆପଣ ଏବେ ପ୍ରକାଶିତ ହୋଇଥିବା ଆପଣଙ୍କ ଆତ୍ମଜୀବନୀରେ ଠାଏ ଉଲ୍ଲେଖ କରିଛନ୍ତି । ସେହି ସମ୍ପର୍କରେ କିଛି କହିବେ କି ?

❤❤ ସବୁ ବିପର୍ଯ୍ୟୟ, ସବୁ ବିଜୟ... ଦୁଃଖ -ସୁଖରେ ଅସ୍ଥିର ନ ହୋଇ, ସ୍ଥିର ଚିତ୍ତରେ ଯଦି ରହି ପାରିବା, ତେବେ ମହାପ୍ରଭୁଙ୍କ ଗୀତା -ବାଣୀର ମହତ୍ତ୍ୱ ବୁଝିବା । ସୂର୍ଯ୍ୟଙ୍କର ଉଦୟ -ଅସ୍ତ ବେଳାରେ ଏକ ରଙ୍ଗ ପରି ଆମ ମନ ସମ ଅବସ୍ଥା ହେବା ଦରକାର । ଝଡ଼ -ବରଷାରେ ପକ୍ଷୀ ଛୁଆ ତା ମା'ର ଡେଣା ତଳେ ନିରାପଦରେ ରହିଲା ପରି ଏବଂ ଶିଶୁ, ମା' ଉପରେ ପୂର୍ଣ୍ଣ ବିଶ୍ୱାସ ଭରସାରେ ନିର୍ଭୟରେ ନିର୍ଭର କଲାପରି ଯଦି ଆମେ ମହାପ୍ରଭୁଙ୍କ ଅସ୍ତିତ୍ୱରେ ବିଶ୍ୱାସ ଓ ପୂର୍ଣ୍ଣ ଭରସା କରି ରହିବା, ତେବେ ସେ ପାଖେ ପାଖେ ରହି ହାତ ଧରି ନିରାପଦରେ ଆଗେଇ ନିଅନ୍ତି । ଦୁଃଖ ଦରିଆର ପାଣି ଉପରେ ଆମ ଜୀବନ ଡ଼ଙ୍ଗା ଚାଲିଛି.. ଚାଲିବ, ହେଲେ ପାଣି ରୂପକ ଦୁଃଖକୁ ଡ଼ଙ୍ଗା ଭଳିଆ ଆମ ଭିତରେ ପୂରେଇଲେ.. ତାହା ବୁଡ଼ିଯିବ । ଦୁଃଖ ତା ବାଟରେ.. ଆମେ ଆମ ଲକ୍ଷ୍ୟ ପଥରେ, ତାଙ୍କ ଉପରେ ନିର୍ଭର କରି ରହିବା ସ୍ଥିର ଚିତ୍ତରେ ।

❤ ବହୁ କ୍ଷେତ୍ରରେ ଆପଣ ସଫଳ ହୋଇ କାମ କରିଛନ୍ତି । ଏମିତି କିଛି ନିର୍ଦ୍ଦିଷ୍ଟ କାରଣ ଅଛି କି ଯାହା ଆପଣଙ୍କ ଭିତରେ କ୍ଷୋଭ ତିଆରି କରିଛି ?

❤❤ ହଁ, ବହୁ କ୍ଷେତ୍ରରେ ସଫଳ ହେଲେବି ମୁଁ ସମ୍ପୂର୍ଣ ସୁଖୀ ହୋଇନି, କ୍ଷୋଭ ଅଛି । ମୁଁ ଏକା ଖୁସିରେ, ଆନନ୍ଦରେ ରହିଲେ.. ଖୁସି ହେବି କେମିତି ? ଯେ ପର୍ଯ୍ୟନ୍ତ ସବୁରି ମୁହଁରେ ହସ ଦେଖିନି କି ଆନନ୍ଦ ଭରିବା ଜାଣିନାହିଁ.. ତାହା ମୋ ପାଇଁ ପୂର୍ଣ୍ଣ ଖୁସି ନୁହଁ । ଜାଣିଲା ଶୁଣିଲା ପରେବି, ଯେତେବେଳେ ମଣିଷ ଅବାଟରେ ଯାଏ, ଆପେ ଦୁଃଖପାଇ ଅନ୍ୟକୁ ଦୁଃଖଦିଏ... ସେତେବେଳେ ମନରେ କ୍ଷୋଭ ଆସେ । ନିଜ ଦୁଃଖଠୁ ଅନ୍ୟ ଆଖିର ଲୁହ ବ୍ୟଥିତ କରେ.. ପ୍ରାଣକୁ ଆନ୍ଦୋଳିତ କରେ । ତେଣୁ ଦୁଃଖକୁ ସୁଖରେ ବଦଳେଇବାକୁ ଚେଷ୍ଟାକରି ଲେଖାରେ, କଥାରେ ଚେଷ୍ଟାକରି ବଞ୍ଚିବାର ସୁଖଦ କଳା ଶିଖେଇବାର ପ୍ରୟାସ ଜାରି ରଖେ ।

❤ ନିଜ ଲେଖାକୁ ନେଇ ଆପଣଙ୍କ @ÿ Pü«ûh । Pûl ûb _û/Ku i j aû¸ûûKèPÿû ûa Kô?

❤❤ ନିଜ ଲେଖାରେ ସମ୍ପୂର୍ଣ୍ଣ ଆତ୍ମ ସନ୍ତୋଷ ଏଯାଏଁ ଆସିନି ମୋର । ଯଦି ଲେଖାରେ ଆତ୍ମସନ୍ତୋଷ ମିଳିଯାଏ, ତାହାକୁ ତୌଷିକତା କୁହାଯାଏ । ଆଉ ଆଗକୁ ଯାଇ ହୁଏନି । ଲେଖାରେ ଅବଶୋଷ ରହିଲେ ହିଁ ଅଧିକ ସର୍ଜନା କରିହୁଏ । ନିଜକୁ କ୍ଷୁଦ୍ର.. କଢ଼ ଭାବିଲେ, ବଢିବାକୁ.. ଫୁଟିବାକୁ ସାଧନା ଜାରି ରହେ । ନିଜକୁ ଗର୍ବ ଅହଂକାର ବଡପଣରେ ରଖିଲେ.. ତାହା ଉନ୍ନତି ପଥର ଆନ୍ତରାୟ । ଯେତେ ପଢିଲେ, ଲେଖିଲେ ବି ତାହା ଶେଷ ଭାବିବା ଭଲ ନୁହଁ । ଆହୁରି ଆଗକୁ ଯିବାର ଭାବନା ଜୀବନକୁ ଭଲରେ ଗଢିବାକୁ ଆମେ ଯେ ଆରମ୍ଭରେ ଅଛେ.. ଭାବିବା ଭଲ ।

❤ ବ୍ୟଙ୍ଗ ସାହିତ୍ୟରେ କଳାତ୍ମକତା ରକ୍ଷା କରିବାର ଉପାୟ କଣ ?

❤❤ ବ୍ୟଙ୍ଗ ସାହିତ୍ୟରେ ଆଗେଇବାକୁ ହେଲେ, ପ୍ରଥମେ ନିଜର ଚରିତ୍ର ଓ ମୁହଁକୁ କଳା କାର୍ନାମାଠୁ ଦୂରେଇ, ଅନ୍ୟର କଳା ପୋଛି, ସବୁରି ଭିତରେ ଛପିଥିବା କଳା ହରଣର ଗୁଣ ଶିଖିବା ଦର୍କାର । ସବୁରି ଭିତରେ ଭଲ ଓ ମନ୍ଦ ଗୁଣ ରହିଛି । ବ୍ୟକ୍ତିଙ୍କୁ ବ୍ୟଙ୍ଗ ନ କରି ସମଷ୍ଟିଗତ ଭାବରେ ଖୁଣ ଦର୍ଶାଇ, ଖୁଣକୁ ଦୂରେଇ, ଗୁଣର ବିକାଶ କରେଇବାରେ ବ୍ୟଙ୍ଗକାର ମନନିବେଶ କରିବାର ମଙ୍ଗଳ ଇଚ୍ଛା ରଖିବା ଉଚିତ । ବ୍ୟଙ୍ଗ ସାହିତ୍ୟ ଅମଙ୍ଗଳର କାରଣ ନ ହୋଇ ମଙ୍ଗଳରେ ସହାୟକ ହେଉ । ଯେମିତି ଶରୀର ଘା'କୁ ଡାକ୍ତର ଅପରେସନ କଲାବେଳେ ସାମୟିକ କଷ୍ଟ ହେଲେବି, ପରେ ମହତ ଇଚ୍ଛା ବୁଝି ରୋଗୀ ତାଙ୍କୁ ଶତ୍ରୁ ନୁହଁ ବରଂ ପରମ ବନ୍ଧୁ ବୁଝିଥାଏ ।

❤ ଆଗକୁ ଆପଣଙ୍କ ସ୍ୱପ୍ନ କଣ ?

❤❤ ମୋର ସ୍ୱପ୍ନ - ସୁସ୍ଥ , ସୁନ୍ଦର ସମାଜ । ସେହି ସମାଜ ଯେଉଁଥିରେ ସେବା ମନେବୃତ୍ତିରେ ମାନବ ସେବା ମହତ୍ତ୍ୱ ବୁଝି ସଭିଏଁ ସେବା କରୁଥିବେ । ଆଉ ଯେଉଁମାନେ ସାହିତ୍ୟ ରଚନା କରୁଛନ୍ତି ସେମାନେ ଅନ୍ୟଙ୍କୁ ଲେଖିବାକୁ ପ୍ରୋତ୍ସାହିତ କରନ୍ତୁ । ନିଜେ ପ୍ରଚୁର ପଢ଼ନ୍ତୁ । ଅନ୍ୟ ଲେଖାର ଦୋଷତ୍ରୁଟି ଦେଖି ତାକୁ ଗଠନମୂଳକ ମନ୍ତବ୍ୟ ଦିଆଯାଉ । ବ୍ୟକ୍ତିଗତ ବାଦ ବିବାଦ ସାହିତ୍ୟର ପବିତ୍ର କ୍ଷେତ୍ରକୁ କଳୁଷିତ ନକରୁ । ନିଜେ ଗୋଟିଏ ପ୍ରକାଶନ ସଂସ୍ଥା କରି ଉନ୍ନତ ମାନର ବହି ଛାପିବାକୁ ଇଚ୍ଛା । ପ୍ରେସଟେ କରିବାର ଇଚ୍ଛା ।

❤ ଉତ୍ତରପିଢି ପାଇଁ ଆପଣଙ୍କ ସନ୍ଦେଶ କଣ ରହିବ ?

❤❤ ମାଗିଖିଆ , ମାଗଣାଖିଆ , ଲୁଟିଖିଆ, ବୁଦ୍ଧି ଛାଡ଼ନ୍ତୁ । ଖଟି ଖାଇବା, ଯେତିକି ସାମର୍ଥ୍ୟ ସେତିକିରେ କାହାର ଉପକାର ପାଇଁ ଠିଆହେବା ଭଳି କାମ କରନ୍ତୁ। ଭଲ କାମର ଅଭ୍ୟାସ ପରିବାରରୁ ହେଉ । ସେହି ଅନୁଯାୟୀ ସମାଜ, ରାଜ୍ୟ , ରାଷ୍ଟ୍ରର ହିତ ପାଇଁ ଚିନ୍ତା ଓ କାର୍ଯ୍ୟ କରନ୍ତୁ ।❤



ପ୍ରସ୍ତୁତି : ମାନମୟୀ ରଥ
ପ୍ରିନ୍ସପାଲ ସେଣ୍ଟ ଜାଭିୟର୍ସ କିଡ୍ସ,
ବାଲିପୁଟ, ପୁରୀ
(ମୋ) ୭୯୭୮୫୭୯୩୯୯

## ଅନୁବାଦ ଗପ

# ମୋତେ ଛୁଅଁନା

ମୂଳ ହିନ୍ଦୀ – ଉମା ଶର୍ମା
ଅନୁସୃଜନ-କସ୍ତୁରୀ ଚରଣ ରାଉତ



ଜଣେ ବ୍ରାହ୍ମଣ ଥିଲେ । କାଶୀରୁ ବିଦ୍ୟା ଅଧ୍ୟୟନ କରି ଆସିଥିଲେ । ଗାଆଁରେ କେବଳ ଗୋଟିଏ ଚାଳ ଛପର ଘର ତାଙ୍କର ଥିଲା । ଘର ଆଗରେ ଶିବଙ୍କ ମୂର୍ତ୍ତି ରଖି ପ୍ରତିଦିନ ପୂଜା କରୁଥିଲେ ।ତାଙ୍କ ଦେଖାଦେଖି ଗାଆଁର ଅନ୍ୟ ଲୋକମାନେ ବି ଆସି ପୂଜା କରିବାକୁ ଲାଗିଲେ । ଆଖପାଖ ଅଞ୍ଚଳରେ ସେ ସ୍ଥାନ ପ୍ରସିଦ୍ଧ ହୋଇଗଲା । ଦୂର ଗାଆଁର ଲୋକମାନେ ନିଜର ମନସ୍କାମନା ପୂରଣ ପାଇଁ ସେଠାକୁ ଆସିବାକୁ ଲାଗିଲେ । ଲୋକଙ୍କ ଦାନ ଦକ୍ଷିଣାରୁ ପୂଜାରୀ ବ୍ରାହ୍ମଣଙ୍କର ଭଲ ଦୁଇ ପଇସା ରୋଜଗାର ହେଲା । କେତେକ ଲୋକ ଅଛନ୍ତି ଅନ୍ୟର ସୁଖ ଦେଖି ପାରନ୍ତି ନାହିଁ । ସେ ଭଲରେ ଚଳିବା ଫଳରେ ତାଙ୍କର କେତେକ ଶତ୍ରୁ ବି ସୃଷ୍ଟି ହେଲେ ।

ସେହି ପୂଜାରୀଙ୍କର ଏକ ମିତ୍ର ଗଙ୍ଗାଦତ୍ତ ବି କାଶୀରୁ ପାଠ ପଢି ଆସିଥିଲେ । ତାଙ୍କର ଖରାପ ସ୍ୱଭାବ ଯୋଗୁଁ ଗାଆଁର କେହି ବି ତାଙ୍କୁ ଭଲ ପାଉ ନଥିଲେ । ପୂଜାରୀଙ୍କ ଲୋକପ୍ରିୟତା ଦେଖି ସେ ଈର୍ଷାରେ ଜଳୁଥିଲେ ।

ଦିନେ ସୁଯୋଗ ଦେଖି ନିଜ ବନ୍ଧୁ ଉପରେ ସେ ଚୋରୀର ଅଭିଯୋଗ ଆଣିଲେ । ସେ କହିଲେ - 'ପୂଜାରୀ ମହାଶୟ ମନ୍ଦିରର ଜିନିଷ ଚୋରେଇ ନେଇ ବାହାରେ ବିକୁଛନ୍ତି ।' କେତେକ ଲୋକଙ୍କୁ ଆଗରୁ ପଇସା ଦେଇ ନିଜ ସପକ୍ଷରେ ରଖିଥିଲେ । ସେମାନେ ପୂଜାରୀଙ୍କ ବିରୁଦ୍ଧରେ ମିଛ ସାକ୍ଷୀ ଦେଲେ ।

ଏଇ ବିଷୟରେ ଗାଆଁରେ ପଞ୍ଚାୟତ ବସିଲା ।ପୂଜାରୀଙ୍କୁ ସେ ଗାଆଁ ଛାଡ଼ି ଚାଲିଯିବାକୁ ଆଦେଶ ଦିଆଗଲା ।ଗଙ୍ଗାଦତ୍ତଙ୍କୁ ସେ ମନ୍ଦିରର ନୂତନ ପୂଜକ ଭାବେ ନିଯୁକ୍ତି ଦିଆଗଲା । ବାସ୍ତବରେ ସେ ସେଇଆ ହିଁ ଚାହୁଁଥିଲେ ।

ମନ୍ଦିର ଓ ଗାଆଁ ଛାଡ଼ିବା କାରଣରୁ ପୂଜାରୀ ମହାଶୟ ବହୁତ ଦୁଃଖୀତ ହେଲେ । ରାସ୍ତାରେ ଆଗକୁ ଯାଉଥିବା ସମୟରେ ଏକ ଭଙ୍ଗା ଘର ଦେଖିଲେ । ନିଜ ଜ୍ୟୋତିଷ ବିଦ୍ୟା ବଳରେ ଜାଣିବାକୁ ପାଇଲେ କି ହଜାରେ ବର୍ଷ ତଳେ ସେଠାରେ ଏକ ଦେବୀ ମନ୍ଦିର ଥିଲା । ପୂଜାରୀ ସେଠାରେ ଅଟକିଲେ । ଦିନରାତି ପରିଶ୍ରମ କରି ମାଟି ତଳେ ପୋତି ହୋଇଥିବା ଦେବୀ ମୂର୍ତ୍ତିକୁ ଖୋଜି ବାହାର କଲେ । ଦେବୀଙ୍କ ମୂର୍ତ୍ତିକୁ ଯେମିତି ପାହାଡ଼ ଉପରେ ରଖିଛନ୍ତି,ସେମିତି ଖୁବ୍ ଜୋରରେ ଝଡ଼ବର୍ଷା ଆରମ୍ଭ ହେଲା । କେତେ ବର୍ଷ ହେଲା ସେ ଗାଆଁରେ ବର୍ଷା ହେଇ ନଥିଲା । ଗାଆଁର ଲୋକମାନେ ଜାଣିଲେ କି ଦୈବୀଶକ୍ତି ଯୋଗୁଁ ଏ ବର୍ଷା ହୋଇଛି । ଦେବୀଙ୍କ ମୂର୍ତ୍ତିକୁ ସେଇ ପୂଜାରୀ ବ୍ରାହ୍ମଣ ଦିନରାତି ପରିଶ୍ରମ କରି ବାହାର କରିଥିବାରୁ ସମସ୍ତେ ତାଙ୍କୁ ବହୁତ ପ୍ରଶଂସା କଲେ ।

ଗ୍ରାମବାସୀ ଖୁସି ହୋଇ ପୂଜାରୀଙ୍କୁ ମନ୍ଦିରର ସମସ୍ତ ଦାୟିତ୍ୱ ଅର୍ପଣ କଲେ । ଚାନ୍ଦା କରି ମନ୍ଦିର ପୁଣି ତିଆରି କରାଇଲେ ।ଯେବେଠାରୁ ପୂଜାରୀ ମହାଶୟ ସେ ଗ୍ରାମରେ ପାଦ ଦେଲେ ସେବେଠାରୁ ସେ ଗାଆଁରେ ହସଖୁସି ଫେରିଆସିଲା ।

ଦିନେ ଗଙ୍ଗାଦତ୍ତଙ୍କୁ ଅତି ଦୟନୀୟ ଅବସ୍ଥାରେ ମନ୍ଦିର ସମ୍ମୁଖରେ ଭିକାରୀଙ୍କ ଗହଣରେ ବସିଥିବାର ପୂଜାରୀ ଦେଖିଲେ । ଗଙ୍ଗାଦତ୍ତର ଏପରି ଅବସ୍ଥା ଦେଖି ସେ ବହୁତ ଦୁଃଖିତ ହେଲେ । ତା' ପାଖକୁ ଯାଇ ତାଙ୍କର ଏପରି ଅବସ୍ଥାର କାରଣ ପଚାରିଲେ ।

ଗଙ୍ଗାଦତ୍ତ ପୂଜାରୀଙ୍କୁ କ୍ଷମା ମାଗିବାକୁ ଲାଗିଲା - 'ମୋତେ କ୍ଷମା କରିଦିଅ ଭାଇ, ମୁଁ ବହୁତ ବଡ଼ ପାପୀ । ମୁଁ ତୁମ ଉପରେ ମିଛରେ ଦୁର୍ନାମ ଦେଇ ଦୋଷୀ ସଜେଇଥିଲି । ତାହାର ଦଣ୍ଡ ଭୋଗୁଛି ଏବେ ।'

- 'ତୁମେ ତ ମନ୍ଦିରର ପୂଜାରୀ କାମ କରୁଥିଲ , ପୁଣି ଏପରି ଦଶା...।'


- 'ତୁମେ ଚାଲି ଆସିବା ପରେ ମୁଁ ମନ ଇଚ୍ଛା କାମ କରିବାକୁ ଲାଗିଲି । ଗାଆଁ ଲୋକଙ୍କୁ ଅଧିକରୁ ଅଧିକ ଦକ୍ଷିଣା ଦେବାପାଇଁ ବାଧ୍ୟ କଲି । ଧୀରେ ଧୀରେ ମୁଁ ଯୋଗୀରୁ ଭୋଗୀ ପାଲଟିଗଲି । ତୁମ ପ୍ରତି ମୋର ଈର୍ଷା ଭାବ ଓ ଧନରତ୍ନ ପ୍ରତି ମୋର ଅତ୍ୟଧିକ ଲୋଭ ମୋତେ ଅତି ତଳସ୍ତରକୁ ନେଇଗଲା । ଏସବୁ ଦେଖି ପ୍ରଭୁ ସହି ପାରିଲେନି । ଦିନେ ଦେଖେ ତ ଶିବ ଲିଙ୍ଗ ତଳକୁ ତଳକୁ ଯାଇ ମାଟିରେ ପଶି ଯାଉଛନ୍ତି । ଯେମିତି ମୁଁ ଶିବଲିଙ୍ଗଙ୍କୁ ଧରିବାକୁ ହାତ ବଢେଇଛି, ହଠାତ୍ ଏକ ସ୍ୱର ଶୁଭିଲା - 'ମୋତେ ଛୁଅଁନା । ତୁ ଆଜିଠାରୁ କୌଣସି ମୂର୍ତ୍ତିକୁ ଛୁଇଁବାର ଯୋଗ୍ୟତା ହରେଇବୁ ।' ପ୍ରଭୁଙ୍କ ସେଇ ଶୂନ୍ୟବାଣୀ ଯୋଗୁଁ ମୋର ହାତର ଆଙ୍ଗୁଠି ସବୁ ଛିଣ୍ଡିଗଲା । ମୁଁ କୁଷ୍ଠରୋଗରେ ପୀଡ଼ିତ ହେଇ ବିକଳାଙ୍ଗ ହୋଇଗଲି । ଏତିକି କହି ଖୁବ୍ ଜୋରରେ କାନ୍ଦିବାକୁ ଲାଗିଲା ।

ତା'ର ଦୁଃଖଭରା କାହାଣୀ ଶୁଣି ପୂଜାରୀଙ୍କ ମନରେ ଦୟା ଆସିଲା । ସେ ଗଙ୍ଗାଦତ୍ତଙ୍କୁ ନିଜ ପାଖରେ ଆଣି ରଖିଲେ । ଦୁଷ୍ଟ ଗଙ୍ଗାଦତ୍ତ ନିଜର କୁକର୍ମ ଲାଗି ଅନୁତାପ କରୁଥିଲା । ପୂଜାରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାହାର ସ୍ୱଭାବ ବଦଳିଗଲା ଓ ଧୀରେ ଧୀରେ ସଂପୂର୍ଣ୍ଣ ସୁସ୍ଥ ହୋଇଗଲା । ତେଣୁ କାହାର ଉନ୍ନତି ଦେଖି ଈର୍ଷା ନକରି ନିଜେ ଭଲ ମଣିଷ ହେବାକୁ ଚେଷ୍ଟା କରିବା ଉଚିତ ।

❤ ସତ୍ୟବାଦୀ ହାଇସ୍କୁଲ୍,ଧଣ୍ଡାମାଳ
ବଲାଙ୍ଗିର.ମୋ.୮୯୧୭୩୯୭୩୪୮

ଆଲୋଚନା

# ବସୁଧୈବ କୁଟୁମ୍ବକମ୍ ବନାମ ସଂଖ୍ୟାଲଘୁ-ସଂଖ୍ୟା ଗରିଷ୍ଠ



ଗୋପାଳ ମହାପାତ୍ର

ଇଂରେଜ ଶାସନକାଳ ଠାରୁ ଅଦ୍ୟାବଧି ଗୋଟିଏ ଶବ୍ଦକୁ ନେଇ ରାଜନୈତିକ ବିମର୍ଷ ଚାଲିଛି । ଏହି ଶବ୍ଦଟି ରାଜନୀତି ଏପରିକି ସାମାଜିକ ସୌହାର୍ଦ୍ଦ୍ୟକୁ ମଧ୍ୟ ପ୍ରଭାବିତ କରୁଛି । ଶବ୍ଦଟି ହେଉଛି ସଂଖ୍ୟାଲଘୁ । ସ୍ୱାଧିନତା ପୂର୍ବରୁ କଂଗ୍ରେସକୁ ମଧ୍ୟ ଏହି ଶବ୍ଦ ପାଇଁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିଥିଲା । ସ୍ୱାଧିନ ଭାରତରେ ଏହି ଶବ୍ଦ ଧୃବୀକରଣର କାରଣ ପାଲଟିଛି । ଦୁଇଟି ଗୁରୁତ୍ତ୍ୱପୂର୍ଣ୍ଣ ଅବଧାରଣା- ଧର୍ମନିରପେକ୍ଷ ଏବଂ ଉଦାର ଲୋକତନ୍ତ୍ର ମଧ୍ୟ ଏହି ସଂଖ୍ୟାଲଘୁ ଶବ୍ଦ ଆଗରେ ବିବଶ ହୋଇପଡିଛି । ବିଡମ୍ବନା ହେଉଛି ଯେ ଯେଉଁ ଶବ୍ଦର ପରିଭାଷା ସମ୍ବିଧାନରେ ଉଲ୍ଲେଖ କରାଯିବାର ଆବଶ୍ୟକତା ସମ୍ବିଧାନ ପ୍ରଣେତା ମାନେ ହୃଦୟଙ୍ଗମ କରିନଥିଲେସେହି ଶବ୍ଦ ସାମ୍ବିଧାନିକତାର ଜଗୁଆଳି ସାଜିଛି । ୟୁରୋପୀୟ (ପଶ୍ଚିମି) ଦେଶମାନଙ୍କରେ ସମ୍ବିଧାନ ଏବଂ ସମ୍ବିଧାନ ବାହାରେ ଥିବା ସଂସ୍ଥାମାନଙ୍କ ପାଇଁ ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘୁ ଶବ୍ଦ ସେମାନଙ୍କର ସାମାଜିକ-ଆଧାତ୍ମିକ ସଂଘର୍ଷରୁ ଉତ୍ପନ୍ନ ହୋଇଥିଲା । ଯଦିଓ ସେହି ସଂଘର୍ଷ ଏବେ ଇତିହାସ ପାଲଟି ଯାଇଛି ତେବେ ବି ସଂଖ୍ୟାତ୍ମକତାର ମାନସିକତାରୁ ଉତ୍ପନ୍ନ ଆଧିପତ୍ୟବାଦୀ ପ୍ରବୃତି ସମାପ୍ତ ହୋଇନାହିଁ ।

କ'ଣ ଭାରତୀୟ ସମାଜ ଏବଂ ଆଧାତ୍ମ୍ୟ ସେଇ ୟୁରୋପୀୟ ଗୁଣ-ଦୋଷକୁ ପ୍ରତିବିମ୍ବିତ କରୁଛି ? ଏହା ଏକ ଗୁରୁତ୍ତ୍ୱପୂର୍ଣ୍ଣ ପ୍ରଶ୍ନ । ଭାରତରେ ଥିବା ଅଣହିନ୍ଦୁ ଧର୍ମାବଲମ୍ବୀ ମାନେ ସାଧାରଣତଃ ନିଜକୁ ସଂଖ୍ୟାଲଘୁ ବୋଲି କହୁଛନ୍ତି । ଏହି ସଂଖ୍ୟାଲଘୁଙ୍କ ସ୍ୱାର୍ଥ ସଂରକ୍ଷଣ ଏବେ ଭାରତର ଧର୍ମନିରପେକ୍ଷତାର ପରିଭାଷା ପାଲଟି ଯାଇଛି । କିନ୍ତୁ ହିନ୍ଦୁ ବହୁମତବାଦର ନା କିଛି ଇତିହାସ ଅଛି ନା ବର୍ତ୍ତମାନ । ହିନ୍ଦୁ ସଂଖ୍ୟାଗରିଷ୍ଠଙ୍କ କଥାକୁ ଆଦୌ ଗୁରୁତ୍ୱ ମଧ୍ୟ ଦିଆଯାଉ ନାହିଁ । ହିନ୍ଦୁ ଧର୍ମ ଆଧାତ୍ମିକ ଗଣତନ୍ତ୍ରର ମୂଳଦୁଆ ଉପରେ ଠିଆ ହୋଇଛି । ପ୍ରଶ୍ନ ଏବଂ ପ୍ରତିକାରର ବୁନିଆଦ ଉପରେ ହିଁ ହିନ୍ଦୁ ଦର୍ଶନ ଏବଂ ଜିବନ ମୂଲ୍ୟ ବିକଶିତ ହୋଇଛି । ପ୍ରଶ୍ନ ଏବଂ ପ୍ରତିକାର ଅସହିଷ୍ଣୁତା ନୁହେଁ । ଏହା ହିନ୍ଦୁ ଜୀବନ ଶୈଳୀ ଏବଂ ଦର୍ଶନର ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ବୈଶିଷ୍ଟ୍ୟ ଅଟେ ଯାହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ କିମ୍ବା ତର୍କଦ୍ୱାରା ଏ କଥାକୁ ଖଣ୍ଡନ କରାଯାଇ ପାରିବ ନାହିଁ । ଉପନିଷଦର ଦୁଇଟି ଶବ୍ଦ "ନେତି ନେତି" (ଏହା ନୁହେଁ, ତାହା ମଧ୍ୟ ନୁହେଁ) ଏହି ପ୍ରବୃତିର ସୁତ୍ର ବାକ୍ୟ ଅଟେ । ସର୍ବୋପରି ଏହା ହିଁ ହେଉଛି ଆଧାତ୍ମିକ ଗଣତନ୍ତ୍ର ଯେଉଁଥିରେ ସଂଖ୍ୟା ନୁହେଁ ଗୁଣ-ଦୋଷ ଦର୍ଶାଇବା ଏବଂ ସଂପ୍ରଦାୟର ଅସ୍ତିତ୍ୱ କଥା ରହିଛି । ଏହି ସ୍ୱାଭାବିକ ଅସୀମିତତା ପାଇଁ ସବୁ ସ୍ତରରେ ବିବିଧତା ଦୃଷ୍ଟିଗୋଚର ହୋଇଥାଏ । ଏଇଥିପାଇଁ ହିନ୍ଦୁ କେବେ ବି ନିଜକୁ ସଂଖ୍ୟାଗରିଷ୍ଠ ବୋଲି କୁହେ ନାହିଁ । ହିନ୍ଦୁ ସଂସ୍କୃତିରେ "ବସୁଧୈବ କୁଟୁମ୍ବକମ୍"ର ଆଦର୍ଶ କଥା ରହିଛି । ଭାରତୀୟ ସମାଜରେ ବିବିଧତା ଥିବା ବେଳେ ଓ "ବସୁଧୈବ କୁଟୁମ୍ବକମ୍" କଥା କୁହାଯାଉଥିବା ବେଳେ ସଂଖ୍ୟାଲଘୁ ଶବ୍ଦ ଅପ୍ରାସଙ୍ଗିକ ନୁହେଁ କି ? କିନ୍ତୁ ଏହି ଶବ୍ଦ ଏବେ ଅଧିକ ଗୁରୁତ୍ୱପୁର୍ଣ୍ଣ ପାଲଟିଛି । ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଧର୍ମର ମୂଳ ଚରିତ୍ର ଉପରେ ବିମର୍ଶ କରିବାକୁ ସମସ୍ତେ ଡରୁଛନ୍ତି ।

ଦେଶ ସ୍ୱାଧିନ ହେବା ପୂର୍ବର କିଛି ଘଟଣାକୁ ଏ ପ୍ରସଙ୍ଗରେ ଉଦାହରଣ ବୋଲି କୁହାଯାଇପାରେ । ୧୮୮୫ରେ ଯେତେବେଳେ କଂଗ୍ରେସର ସ୍ଥାପନା କରାଗଲା ସେତେବେଳେ ସମୁଦାୟ ୭୨ ପ୍ରତିନିଧିଙ୍କ ମଧ୍ୟରୁ ୫୯ ହିନ୍ଦୁ ଥିଲେ । ଖ୍ରୀଷ୍ଟିଆନ ଏବଂ ଇସଲାମ ଧର୍ମର ଦୁଇ ଦୁଇ ଜଣ ପ୍ରତିନିଧି ଥିଲେ, କିନ୍ତୁ ଦେଶରେ ସଂଖ୍ୟା ଦୃଷ୍ଟିରୁ କମ୍ ଥିବା ପାର୍ସି ମାନଙ୍କ ମଧ୍ୟରୁ ୯ଜଣ କଂଗ୍ରେସର ପ୍ରତିନିଧି ଥିଲେ । ଏହି କ୍ରମ କିଛି ଅବଧି ପର୍ଯ୍ୟନ୍ତ ଚାଲିଥିଲା । ୧୯୦୪ରେ କଂଗ୍ରେସର ଅଧିବେଶନରେ ମୁସଲିମ ପ୍ରତିନିଧି ୨୫ ଥିବାବେଳେ ପାର୍ସି ପ୍ରତିନିଧି ୬୫ ଥିଲେ । ୧୯୦୭ରେ ମୁସଲିମ ଓ ପାର୍ସି ପ୍ରତିନିଧିଙ୍କ ସଂଖ୍ୟା କ୍ରମଶଃ ୧୦ ଏବଂ ୨୦ ଥିଲା । ପାର୍ସି ମାନଙ୍କ ଜନସଂଖ୍ୟା ୧୯୩୧ର ଜନଗଣନାରେ ମାତ୍ର ୧ଲକ୍ଷ ୯ହଜାର ଥିଲା । କିନ୍ତୁ ଅସ୍ତିତ୍ୱ ସଙ୍କଟକୁ ନେଇ କେବେ ସେମାନେ ଆଶଙ୍କା ପ୍ରକାଶ କରିନାହାଁନ୍ତି । ଏଇଥିପାଇଁ ସେମାନେ ସଂଖ୍ୟାଲଘୁ ହୋଇ ମଧ୍ୟ ସଂଖ୍ୟାଲଘୁ ହୋଇ ରହିନାହାଁନ୍ତି । କଂଗ୍ରେସ ଆରମ୍ଭ ହେବା ପରଠାରୁ ୬ଜଣ ଅଧକ୍ଷ ଡବ୍ଲ୍ୟୁ ସି ବାନାର୍ଜୀ (ଖ୍ରୀଷ୍ଟିଆନ), ଦାଦାଭାଇ ନାରୋଜି (ପାର୍ସି), ବଦରୁଦ୍ଦିନ ତେୟବଦି (ମୁସଲମାନ), ଜର୍ଜ ୟୁଲେ ଏବଂ ବେଡେନ ବର୍ଣ୍ଣ (ଉଭୟେ ୟୁରୋପୀୟ) ଏବଂ ୧୮୯୦ରେ କଂଗ୍ରେସର ଅଧକ୍ଷ ହୋଇଥିବା ଫିରୋଜ ଶାହ ମେହେଟା ପାର୍ସି ଥିଲେ । କିନ୍ତୁ ଯଦିଓ ସେତେବେଳେ ବି ଦେଶରେ ହିନ୍ଦୁ ବହୁସଂଖ୍ୟକ ଥିଲେ ତେବେବି କେହି ଏମାନଙ୍କୁ ଅଧକ୍ଷ ହେବା ପାଇଁ ବିରୋଧ କରିନାହାଁନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ସଂଖ୍ୟାଲଘୁ ଶବ୍ଦ କଂଗ୍ରେସକୁ ଚାପଗ୍ରସ୍ତ କରିଦେଇଥିଲା । ୧୯୩୭ରେ ଯେତେବେଳେ ପ୍ରାନ୍ତିୟ (ଆଞ୍ଚଳିକ) ସରକାର ଗଠନ ହେଲା ସେତେବେଳେ ମୁସଲିମ ଲିଗ୍ ପୀରପୁର କମିଟି ରିପୋର୍ଟ ଜାରି କରିଥିଲା । ମୁସଲିମ୍ ଲିଗ୍ ମହାତ୍ମାଗାନ୍ଧୀଙ୍କ ଫଟୋ ଲଗାଇବା ଏବଂ ତ୍ରିରଙ୍ଗା ଉତ୍ତୋଳନକୁ ହିନ୍ଦୁ ଫାସିବାଦର ଆଖ୍ୟା ଦେଇଥିଲା । ଏତିକିରେ ମଧ୍ୟ ମୁସଲିମ୍ ଲିଗ୍‌ର କାର୍ଯ୍ୟ ସୀମିତ ନଥିଲା । କମଲୟର ଜଙ୍ଗ ରିପୋର୍ଟ ଏବଂ ଶରିଫ୍ ରିପୋର୍ଟରେ ଏ କଥା କହି ମୁସଲିମ୍ ଲିଗ୍ କଂଗ୍ରେସ ଉପରେ ଚାପ ପକାଉଥିଲା ।

୧୮୮୫ରୁ ୧୯୪୭ ମଧ୍ୟରେ ନିଜକୁ ସଂଖ୍ୟାଲଘୁଙ୍କ ହିତୈଷି ସାବ୍ୟସ୍ତ କରିବା ପାଇଁ କଂଗ୍ରେସ ପାଖାପାଖି ୩୨୩ ପ୍ରସ୍ତାବ ଗ୍ରହୀତ କରାଇଛି ହେଲେ ସବୁ ନିରର୍ଥକ ସାବ୍ୟସ୍ତ ହୋଇଛି । ଏଇଥିପାଇଁ ସମ୍ବିଧାନ ସଭାରେ ବିହାରର ମୁସଲିମ୍ ଲିଗ୍ ନେତା ତଜାମୁଲ ହୁସେନ୍ ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘୁ ଶବ୍ଦ ବ୍ରିଟେନର ସୃଷ୍ଟି ବୋଲି କହିଥିଲେ ଓ ମାତ୍ର ସଂଖ୍ୟାର ଆଧାରରେ କେହି ସଂଖ୍ୟାଲଘୁ ବା ସଂଖ୍ୟାଗରିଷ୍ଠ ହୋଇପାରିବ ନାହିଁ ବୋଲି ଯୁକ୍ତି କରିଥିଲେ । ତଜାମୁଲ ହୁସେନ ସମ୍ବିଧାନ ସଭାରେ ଦେଇଥିବା ଭାଷଣରେ ଏ ଦୁଇ ଶବ୍ଦକୁ ଶବ୍ଦକୋଷରୁ ବାହାର କରିଦେବା ପାଇଁ ମଧ୍ୟ କହିଥିଲେ । କିନ୍ତୁ ତାଙ୍କ କଥାକୁ କେହି ଗୁରୁତ୍ୱ ଦେଇନଥିଲେ । ସୋସାଲିଷ୍ଟ ନେତା ଦେବି କୃପାଲିନୀ "ମର୍ଣ୍ଣଟି ଇନ୍ ଇଣ୍ଡିଆ" ନାମକ ଏକ ପୁସ୍ତକ ଲେଖିଛନ୍ତି । ଉକ୍ତ ପୁସ୍ତକରେ କୃପାଳିନୀ ଉଲ୍ଲେଖ କରିଛନ୍ତି ଯେ ବେଦ, ପୁରାଣ, ରାମାୟଣ, ମହାଭାରତ, ଉପନିଷଦ ହେଉଛି ଭାରତର ବୁନିଆଦୀ ଡାଞ୍ଚା । କିନ୍ତୁ ଭାରତରେ ଅଣ-ହିନ୍ଦୁମାନେ ଏହାକୁ ମାନିବାକୁ ନାରାଜ । ସେମାନେ ପରିବର୍ତ୍ତନ କଥା ଚାହୁଁନାହାଁନ୍ତି । ପରିବର୍ତ୍ତନର ପ୍ରୟାସକୁ ମଧ୍ୟ ମୁସଲିମ୍ ସମାଜ ବିରୋଧ କରୁଅଛି । ମୋଗଲ ଶାସକ ଦାରା ଶିକୋହ ଉପନିଷଦର ଅନୁବାଦ କରାଇଥିଲେ । କିନ୍ତୁ ମୁସଲିମ ସଂପ୍ରଦାୟ ତାକୁ ମଧ୍ୟ ଗ୍ରହଣ କରିବାକୁ ନାରାଜ ।

ଭାରତରେ ଯେଉଁ ବିମର୍ଷ ଚାଲିଛି ତାକୁ ସଂଖ୍ୟାତ୍ମକ କଥାରୁ ଅଲଗା ରଖାଯିବା ଉଚିତ୍ । ସଂଖ୍ୟାଲଘୁ –ସଂଖ୍ୟାଗରିଷ୍ଠ ଶବ୍ଦ ମନୋବୈଜ୍ଞାନିକ ବିଭାଜନକୁ ଜନ୍ମ ଦେଉଛି । ସଂଖ୍ୟାଲଘୁ ଅବଧାରଣା ଜାତିୟତା ବୋଧକୁ ସମାପ୍ତ କରିଦେଇଥାଏ । ଜାତୀୟତା ବୋଧ ପର-ଆପଣା ବୋଧକୁ ଦୂରେଇ ଦେଇଥାଏ । ଯେଉଁଠି ଜାତୀୟତା ବାଦ ରହିଛି ସେଠାରେ ସାଂପ୍ରଦାୟିକତା ତିଷ୍ଠିରହି ପାରିବ ନାହିଁ । ଧର୍ମନିରପେକ୍ଷତାର ଆଧାରରେ ଦେଶରେ ଶିକ୍ଷା ବ୍ୟବସ୍ଥା ଚାଲିବା କଥା କିନ୍ତୁ ସଂଖ୍ୟାଲଘୁ ଶବ୍ଦ ଏଥିରେ ବାଧକ ସାଜୁଛି । ଯେତେବେଳେ ସମାନ ଶିକ୍ଷା ବ୍ୟବସ୍ଥା କଥା କୁହାଯାଉଛି ସେତେବେଳେ ଏହାକୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବୋଲି କୁହାଯାଇ ବିରୋଧ କରାଯାଉଛି । ୧୯୫୭ରେ କେରଳର ନମ୍ବୁଦ୍ରିପାଦ ସରକାରକୁ ଏହାର ଫଳ ଭୋଗିବାକୁ ପଡ଼ିଥିଲା । ଯେତେବେଳେ କେରଳରେ ସମାନ ଶିକ୍ଷା ବ୍ୟବସ୍ଥା କଥା ନମ୍ବୁଦ୍ରିପାଦ ସରକାର କହିଲେ ସେତେବେଳେ ଖ୍ରୀଷ୍ଟଧର୍ମାବଲମ୍ବୀ ମାନେ ଏହାକୁ ବିରୋଧ କରିଥିଲେ । ସଂଖ୍ୟାଲଘୁ ଶବ୍ଦ ଅନ୍ୟ ମାନଙ୍କଠାରୁ ଭିନ୍ନ ବା ସ୍ୱତନ୍ତ୍ର ହେବାର ମାନସିକତାକୁ ଜନ୍ମ ଦେଇଥାଏ । କିନ୍ତୁ ପାର୍ସି ମାନେ ଏହାର ଉର୍ଦ୍ଧ୍ୱରେ । ଏମାନଙ୍କ ସଂଖ୍ୟା କମ୍ ହେଲେବି ଦେଶ ଓ ସମାଜ ପାଇଁ ଏମାନଙ୍କ ଯୋଗଦାନ ଅଧିକ । ସଂଖ୍ୟାଲଘୁ-ସଂଖ୍ୟାଗରିଷ୍ଠ ଶବ୍ଦ ଜଟିଳତାର ମାୟାଜାଲ ସୃଷ୍ଟି କରେ ଯାହା ରାଷ୍ଟ୍ରୀୟ ଜୀବନ ଉପରେ ପ୍ରଭାବ ପକାଇଥାଏ । ସମ୍ବିଧାନ ସଭାରେ ଏ ପ୍ରସଙ୍ଗରେ କେତେ ଯେତିକି ଚର୍ଚ୍ଚା ବା ବିମର୍ଶ ହୋଇଥିଲା ସେଭଳି ଚର୍ଚ୍ଚା ବା ବିମର୍ଶ ଆଉ କେବେ ହୋଇନାହିଁ । ଏ ଦୁଇ ଶବ୍ଦ ଉପରେ ସବୁ ରାଜନୈତିକ ଦଳ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଆଲୋଚନା କରିବା ଆବଶ୍ୟକ । ରାଷ୍ଟ୍ରୀୟ ଜୀବନ ପାଇଁ ଏ ଦୁଇ ଶବ୍ଦର ବିଲୋପ ଜରୁରୀ ।

♥ ରାମଚନ୍ଦ୍ରପୁର, ରଣପୁର, ମୋ- ୯୪୩୮୪୮୫୦୯୪



ଅଣୁ ଗପ

# ନିର୍ଭେଜାଲ ସନ୍ଥ

ନଗେନ୍ଦ୍ର ନାଥ ପଟ୍ଟନାୟକ

ଧର୍ମର ଦ୍ୱାହି ଦେଉଥିବା କପଟୀ, ପ୍ରବଂଚକ ତଥା ଦଗାବାଦଙ୍କ ଦୌରାତ୍ମ୍ୟରୁ ମୁକ୍ତ ରହିବାକୁ ସନ୍ଥ କବୀର ଅନୁଗାମୀମାଙ୍କୁ ସର୍ବଦା ଅନୁପ୍ରେରିତ କରୁଥିଲେ । ଏକଦା କାଶୀର ପବିତ୍ର ଗଙ୍ଗାନଦୀ ତଟରେ ନିଶା ସେବନ ଓ ଅଭଦ୍ର, ଅଶ୍ଳୀଳ ଆଚାର ବିଚାର କରୁଥିବା କୌଣସି ଜଣେ ସାଧୁ ବେଶଧାରୀ ବ୍ୟକ୍ତିଙ୍କୁ ଦେଖି ବ୍ୟଥିତ ହୋଇ ପଡିଥିଲେ ସନ୍ଥ କବୀର । ସେ ଆଉ କାଳ ବିଳମ୍ବ ନକରି ସାଧୁ ବେଶଭୂଷାଧାରୀ ଲୋକଟି ପାଖରେ ପହଁଚିଗଲେ କ୍ଷିପ୍ର ପଦକ୍ଷେପରେ । ତାକୁ ପରାମର୍ଶ ଦେଇଥିଲେ ପାପ କର୍ମରୁ ନିବୃତ ରହିବାକୁ ।

ସେହିପରି ଜନୈକ ଶ୍ରଦ୍ଧାଳୁ ଦିନେ କବୀର ଦାସଙ୍କୁ ଜିଜ୍ଞାସା କଲେ - ସାଧୁଙ୍କ ଲକ୍ଷଣ କ'ଣ ?

କବୀରଦାସ ବେଶ୍ ଶାନ୍ତ ସ୍ୱରରେ କହିଲେ - ସାଧୁ ସୋଇ ଜାନିଏ, ଚଲେ ସାଧୁ କୀ ଚାଲ୍ । ପରମାରଥ ରାତା ରହେ, ବୋଲେ ବଚନ ରସାଳ । ଅର୍ଥାତ୍ ସେଇ ଲୋକଟାକୁ ସନ୍ଥ ବୋଲି ଜାଣିରଖ, ଯାହାର ଆଚରଣ ସନ୍ଥଙ୍କ ସମ ଶୁଦ୍ଧପୂତ, ପବିତ୍ର ଓ ନିର୍ମଳ, ଯିଏ ପରୋପକାର ତଥା ପରମାର୍ଥରେ ତଲ୍ଲୀନ, ତନ୍ମୟ ହୋଇଯାଏ ଆଉ ଯିଏ ସଦାସର୍ବଦା ସବୁଠୁ ମଧୁର ବଚନ ବୋଲୁଥାଏ । କବୀରଦାସ କହିଛନ୍ତି, ସନ୍ଥ-ମହାତ୍ମା ତାଙ୍କୁ ହିଁ ବୁଝାଯାଏ ଯିଏ ଆଶା-ଆକାଂକ୍ଷା ପ୍ରତ୍ୟାଶା, ମୋହ-ମାୟା, ମାନ-ସମ୍ମାନ, ହର୍ଷ-ଶୋକ, ପରନିନ୍ଦା-ଅସୂୟା ପରଶ୍ରୀକାତରତା ଇତ୍ୟାଦି ନକାରାତ୍ମକ ଗୁଣ ସବୁକୁ ପରିବର୍ଜନ କରିଥାଏ । ସଚ୍ଚା ସନ୍ଥଜନ ନିଜସ୍ୱ ମାନ-ସମ୍ମାନ, ଇଜ୍ଜତ ଓ ସଂଭ୍ରମ ପ୍ରତି ତିଳେମାତ୍ର ନିଘା ରଖେନାହିଁ । ଆନକୁ ନିରୁତା ପ୍ରେମ ଓ ନିର୍ଭେଜାଲ ଶ୍ରଦ୍ଧା କରେ, ଅତୁଟ ସ୍ନେହ-ମମତାସିକ୍ତ ବନ୍ଧନରେ ବାନ୍ଧିରଖେ ଆଉ ସେମାନଙ୍କୁ ସାଦରେ ପରମ ଆଶ୍ଲେଷରେ ଆପଣାର କରିନିଏ ।

ସନ୍ଥ କବୀରଦାସ ନିଜର ଅନ୍ତର୍ଦୃଷ୍ଟି ବଳରେ ଜାଣିଥିଲେ ଯେ ଏମିତି ଏକ କାଳଖଣ୍ଡ ଉପଗତ ହେବ ଯେତେବେଳେ ସଚ୍ଚା ସନ୍ଥ -ମହାତ୍ମ ଓ ସଜ୍ଜନମାନଙ୍କ କଥା ନମାନି ଲୋକେ ଦୁରାଚାରୀ, ଦୁରାତ୍ମା, କାମୁକ ତଥା ଦୁଷ୍ଚରିତ୍ର ଲୋକଙ୍କୁ ପୂଜା-ଉପାସନା କରିବେ । ତେଣୁ ସେ ଲେଖିଥିଲେ- ୟହ କଳିୟୁଗ ଆୟୋ ଅବୈ, ସାଧୁ ନ ମାନୈ କୋୟ । କାମୀ, କ୍ରୋଧୀ, ମସଖରା, ତିନକୀ ପୂଜା ହୋୟ... ଆଜି କବୀରଦାସଙ୍କ ବାଣୀର ସତ୍ୟତା ଶତପ୍ରତିଶତ ପ୍ରତିପାଦିତ ହୋଇଅଛି । ସୁତରାଂ ଏବର ସନ୍ଥ ବେଶଭୂଷାଧାରୀ ଅନେକ ନକଲି ସାଧୁବାବା ଜଘନ୍ୟ, ସଙ୍ଗୀନ ଓ ଘୃଣ୍ୟ ଅପରାଧରେ ସଂଲିପ୍ତ ।

♥ ଓସ୍କାର ସିଟି,
ପ୍ଲଟ ନଂ-୪୫୪,ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



## ପେଶାଓ୍ୱର କାଣ୍ଡର ମହାନାୟକ



୬୪

ଦୀପକ ରଂଜନ ମିଶ୍ର

(ସଂକ୍ଷିପ୍ତ ଜୀବନ ଚରିତ)

# ॥ ବୀର ଚନ୍ଦ୍ରସିଂହ ଗଢ଼ବାଲୀ - ୫ ॥

ଫ୍ରାନ୍ସର ମୋରସେଇ ବନ୍ଦରରେ କିଛିଦିନ ଆସି ଅପେକ୍ଷା କରିବା ପରେ ଅକ୍ଟୋବର ମାସ ବେଳକୁ ସେମାନଙ୍କୁ ଭାରତ ପାଇଁ ଜାହାଜ ମିଳେ । ଫାୟାରିଂ ଲାଇନ୍‌ରେ ଗାତ ଭିତରେ ଲୁଚି ରହି ଶତ୍ରୁ ସହିତ ଯୁଦ୍ଧ କଲାବେଳେ ସେମାନେ କ'ଣ ଭାବିଥିଲେ ପୁଣି ତାଙ୍କ ମାତୃଭୂମିକୁ କେବେ ଫେରି ପାରିବେ ବୋଲି । ସେଇ ସୁଯୋଗ ପାଇଥିବାରୁ ଜାହାଜରେ ଚଢ଼ିବା ବେଳେ ସେମାନେ ଖୁସିରେ ଆତ୍ମହରା ହୋଇଯାଆନ୍ତି । ତା' ସାଙ୍ଗକୁ ଯୁଦ୍ଧଭୂଇଁରେ ହରାଇଥିବା ସାଥୀଙ୍କ ବିଚ୍ଛେଦର ଦୁଃଖ ମଧ୍ୟ ସେମାନଙ୍କୁ ବିଚଳିତ କରୁଥାଏ । ଦେଶକୁ ଫେରି ସେଇ ସାଥୀମାନଙ୍କ ପରିବାର ଲୋକଙ୍କୁ କିପରି ସାମ୍ନା କରିବେ ସେଇକଥା ମନକୁ ଆସୁଥାଏ ବାରମ୍ବାର । ଛାତି କିନ୍ତୁ ଗର୍ବରେ ଫୁଲି ଉଠୁଥାଏ ତାଙ୍କ ରେଜିମେଣ୍ଟର ଦୁଇଜଣ ଗଢ଼ବାଲୀ ବୀର ଗୋବର ସିଂହ ଓ ଦରବାନ୍ ସିଂହଙ୍କୁ ଯୁଦ୍ଧ ଭୂଇଁରେ ଅସୀମ ବୀରତ୍ୱ ପ୍ରଦର୍ଶନ ଯୋଗୁଁ 'ଭିକ୍ଟୋରିଆ କ୍ରସ୍' ପ୍ରାପ୍ତ ହୋଇଥିବାରୁ ।

ମୋରସେଇରୁ ସେମାନେ ଆସି ପୋର୍ଟ ସଇଦ୍‌ରେ ଓହ୍ଲାନ୍ତି । ସୁଏଜ୍ କେନାଲ୍ ପୋତି ହୋଇ ପଡ଼ିଥିବା ଯୋଗୁଁ ଆଗକୁ ଜାହାଜ ଯିବାରେ ଅସୁବିଧା ହେଉଥାଏ । ଯୁଦ୍ଧରୁ ଫେରୁଥିବା ଭାରତୀୟ ସିପାହୀମାନଙ୍କୁ ସେଇ କେନାଲ୍‌ରୁ ମାଟି ଖୋଳି ବାହାର କରିବା କାମରେ ଲଗାଯାଏ । ଦିନସାରାର ଗଧ ଖଟଣୀ ପରେ ବି ସେମାନଙ୍କର ଖାଇବା ପିଇବାର ବିଶେଷ ଧ୍ୟାନ ରଖନ୍ତିନି ଇଂରେଜମାନେ । ଘୋଡ଼ାଙ୍କ ପାଇଁ ଜାହାଜରେ ବୋଝେଇ ହୋଇଥିବା ଯଅ ବସ୍ତାକୁ ଖୋଲି ସିପାହୀମାନେ ସେଥିରୁ ମୁଠା ମୁଠା ପାଟିରେ ପକାଇ ଚୋବାଇବାକୁ ଲାଗନ୍ତି ଭୋକ ସହି ନପାରି । ଦିନସାରା ଖଟାଇବା ପରେ ରାତିରେ ଯାଇ ସେମାନଙ୍କୁ ରୁଟି ଖାଇବାକୁ ଦିଆଯାଏ । ପିଇବା ପାଣିରେ ବି ଥାଏ ଖୁବ୍ କଟକଣା । ଦୁଧ ଭଳି ଅଳ୍ପ ଅଳ୍ପ ପାଣି ସେମାନଙ୍କୁ ଦିଆଯାଏ ଶୋଷ ମେଣ୍ଟାଇବା ଉଦ୍ଦେଶ୍ୟରେ । କିନ୍ତୁ ସାଥୀରେ ଥିବା ଇଂରେଜ ସିପାହୀ କିମ୍ବା ଅଫିସରଙ୍କ ପାଇଁ ଖାଇବା ପିଇବାର ଉତ୍ତମ ବ୍ୟବସ୍ଥା ହେଉଥାଏ ପ୍ରତିଦିନ । ଏସବୁ ଦେଖି ସିପାହୀମାନେ ମନେ ମନେ ଭାରି ଦୁଃଖୀ ହୋଇଯାଆନ୍ତି । ହେଲେ କାନମୁଣ୍ଡା ଆଉଁସି ରହିବା ବ୍ୟତୀତ ତାଙ୍କର ଆଉ କୌଣସି ଚାରା ନଥାଏ । ସୁଏଜ୍‌ରେ ରହିଲା ବେଳେ ଚନ୍ଦ୍ରସିଂହ ଓ ତାଙ୍କ ୬ ଜଣ ସାଥୀଙ୍କୁ ପନିପରିବା ଆଣିବା ପାଇଁ ସେଠିକା ରାସନ୍ ମିଳୁଥିବା ଜାଗାକୁ ପଠାଯାଏ । ସାଥିରେ ଦୁଇଟି ଖଚ୍ଚର ଧରି ସେମାନେ ସେଠାକୁ ଯାଆନ୍ତି । ଇଂରେଜମାନେ ଏମାନଙ୍କୁ ଆଳୁ, ଶାଳଗମ୍ ଇତ୍ୟାଦି ଦେବାପରେ ପାଖରେ ଥିବା ଗୋଟେ ତମ୍ବୁ ଭିତରକୁ ନେଇଯାଆନ୍ତି । ସିପାହୀମାନେ ଭାବୁଥାନ୍ତି ପନିପରିବା ସହ ସେମାନଙ୍କୁ ଆଉ କିଛି ଭଲ ଖାଇବା ଜିନିଷ ଦିଆଯିବ ବୋଲି । ତମ୍ବୁ ଭିତରେ ଛାଲ ଉତୁରା ହୋଇଥିବା ଗୋଟେ ବଳଦ ଚିତ୍‌ମାତ୍ ହୋଇ ପଡ଼ିଥାଏ । ପାଖରେ ଥାଏ ଗୋଟେ ବଡ଼ ଧାରୁଆ ମାଂସକଟା ଛୁରୀ । ତାକୁ ଦେଖାଇ ଜଣେ ଆଦେଶ ଦେବା ଭଙ୍ଗୀରେ ଚନ୍ଦ୍ରସିଂହଙ୍କୁ କହେ, "ଡେରି ଆଉ କରନି । ତୁମର ଯେତିକି ଦରକାର ସେତିକି ଏଥିରୁ କାଟିକରି ନେଇଯାଅ ।" ମୃତ ବଳଦକୁ ଦେଖି ଚନ୍ଦ୍ରସିଂହଙ୍କ ଦେହ ଶୀତେଇ ଉଠେ । ସେଠାରେ ଆଉ ଦଣ୍ଡେ ଛିଡ଼ା ହେବା ତାଙ୍କ ପକ୍ଷରେ ସମ୍ଭବ ନହେବାରୁ ସେ ତରବର ହୋଇ ବାହାରକୁ ଚାଲିଆସନ୍ତି । ଜଣେ କଳା, ଭାରତୀୟ ସିପାହୀ ଆଦେଶ ଅମାନ୍ୟ କରୁଥିବା ଦେଖି ଇଂରେଜ୍‌ର ମୁଣ୍ଡକୁ ପିତ୍ତ ଚଢ଼ିଯାଏ । ଚନ୍ଦ୍ରସିଂହଙ୍କ ହାତ ଧରି ପକାଇ ସେ ମାଂସ କାଟିବାକୁ ବାଧ କରେ । ଚନ୍ଦ୍ରସିଂହ ରାଇଫଲ୍ ବେଣ୍ଟରେ ତାକୁ ପିଟିବାକୁ ଲାଗନ୍ତି । ସେଠାରେ ଉପସ୍ଥିତ ଥିବା ଭାରତୀୟ ସିପାହୀ ଓ ଇଂରେଜ ସିପାହୀଙ୍କ ଭିତରେ ଉଚ୍ଚବାଚ ହୋଇ ହାତାହାତି ହେବା ପର୍ଯ୍ୟନ୍ତ କଥାଯାଏ । ହୋହଲ୍ଲା ଶୁଣି ଇଂରେଜ୍ ଅଫିସର ଆସି ଉଭୟ ପକ୍ଷକୁ ବୁଝାଇ ସୁଝାଇ ପରିସ୍ଥିତିକୁ ସାମାନ୍ୟ କରନ୍ତି ।

କିଛିଦିନ ମାଟି ଖୋଳି ବାହାର କରିବା ପରେ କେନାଲ୍ ଜାହାଜ ଯାତାୟାତ ପାଇଁ ଉପଯୁକ୍ତ ହୋଇଯିବାରୁ ସିପାହୀମାନେ ଏଥର ଜାହାଜ ଚଢ଼ନ୍ତି ଭାରତ ଅଭିମୁଖେ । ବମ୍ବେରେ ଜାହାଜରୁ ଓହ୍ଲାଇବା ପରେ ଗଢ଼ବାଲୀ ସିପାହୀଙ୍କର ଭବ୍ୟ ସ୍ୱାଗତ କରାଯାଏ । ସେଠାରୁ ସେମାନେ ଆଗ୍ରା ଆସନ୍ତି । ଦୁଇ ଗଢ଼ବାଲୀ ସିପାହୀଙ୍କୁ ଭିକ୍ଟୋରିଆ କ୍ରସ୍ ମିଳିଥିବାରୁ ସେଠାରେ ମଧ୍ୟ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବାର ବ୍ୟବସ୍ଥା କରାହୋଇଥାଏ । ରାଜା ମହାରାଜାମାନେ ଇଂରେଜଙ୍କ ବଳରେ ବଳୀୟାନ ହୋଇ ହିଁ ଭାରତରେ ବଞ୍ଚିରହିଥାନ୍ତି । ତେଣୁ ସେମାନେ ବିଭିନ୍ନ ପ୍ରକାରେ ତାଙ୍କ ରାଜଭକ୍ତି ପ୍ରଦର୍ଶନ କରିବାକୁ ଥାଆନ୍ତି ଲାଳାୟିତ । ଆଗ୍ରାରେ ସେଇ ରାଜାମହାରାଜାଙ୍କ ପକ୍ଷରୁ ଏମାନଙ୍କୁ ସ୍ୱାଗତ ଜଣାଇବା ପାଇଁ ବିରାଟ ଉତ୍ସବର ଆୟୋଜନ କରାହୋଇଥାଏ । ତାଙ୍କ ଉଦ୍ଦେଶ୍ୟରେ ତୋପ ସଲାମୀ ଦେବାସହ ବେଣ୍ଡ୍ ମଧ୍ୟ ବଜାଯାଏ । ବୀର ସିପାହୀଙ୍କୁ ଚେୟାରରେ ବସାଇ, ଫୁଲମାଳ ପିନ୍ଧାଇ ଚା' ଦ୍ୱାରା ଆପ୍ୟାୟିତ କରାଯାଏ । ସୁସ୍ୱାଦୁ ଫଳ ଓ ମିଷ୍ଟାନ୍ନର ଜଳଯୋଗ ପରେ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ ମଧ୍ୟ କରାଯାଏ ସେମାନଙ୍କୁ । ଉତ୍ସବ ସମାପ୍ତି ପରେ ଆଗ୍ରାରୁ ସେମାନେ ଚାଲି ଚାଲି ଲେନ୍ସଡୋନ ଆସନ୍ତି । ସେଠାରେ ମଧ୍ୟ ସ୍ୱାଗତ ସମାରୋହ ସେମାନଙ୍କୁ ଅପେକ୍ଷା କରିଥାଏ । ହେଲେ ଲେନ୍ସଡୋନ୍ ଆସିବା ପୂର୍ବରୁ କୋଟଦ୍ୱାର ଠାରେ ଏକ ଦୁଃଖଦ ଘଟଣା ଘଟିଯାଏ । ସିପାହୀ ରୂପସିଂହ ମାନସିକ ଅବସାଦଗ୍ରସ୍ତ ହୋଇ ନିଜ ବନ୍ଧୁକରୁ ନିଜକୁ ଗୁଳି କରି ଆତ୍ମହତ୍ୟା କରେ । ତା' ମାନସିକ ଅବସାଦର କାରଣ କିଛି ଏଇଭଳି - ଫ୍ରାନ୍ସରେ ଫାୟାରିଂ ଲାଇନ୍‌ରେ ପହରା ଦେବା ଥାଏ ତା'ର ଦାୟିତ୍ୱ । ଦଶ ବାରଘଣ୍ଟା ଲେଖାଏଁ ରାତି ଦିନ ଉଜାଗର ରହି ଭାରି ବନ୍ଧୁକ ଧରି କାମ କରିବାକୁ ପଡୁଥାଏ ତାକୁ । ଦିନେ ପହରା ଦେଉ ଦେଉ ଆଖି ଲାଗିଯିବାରୁ ବିଚରା କିଛି ସମୟ ପାଇଁ ଘୁମାଇ ପଡ଼େ । ତାହା ଥିଲା ତା'ର ମସ୍ତବଡ଼ ଅପରାଧ । ସେଥିପାଇଁ ତାକୁ ଗୁଳି କରି ମାରିଦେବାର ଦଣ୍ଡ ଶୁଣାଯାଏ । ହେଲେ ଯୁଦ୍ଧଭୂଇଁରେ ଗଢ଼ବାଲୀ ସୈନିକମାନେ ନିଜ ଅଭୂତ ବୀରତ୍ୱର ପରିଚୟ ଦେଉଥିବାରୁ ରୂପସିଂହର ଦଣ୍ଡ କୋହଳ କରି ଗୁଳି ମାରିବା ପରିବର୍ତ୍ତେ ସମସ୍ତଙ୍କ ସମ୍ମୁଖରେ ତାକୁ ବେତ ପ୍ରହାର କରାଯାଏ । ଏଇ ଦଣ୍ଡ ଯୋଗୁଁ ଘୋର ଅପମାନିତ ବୋଧ କରୁଥାଏ ରୂପସିଂହ । ବେତ ପାହାର ଖାଇ ଗଢ଼ବାଲରେ ଯାଇ କାହାକୁ ସେ ମୁହଁ ଦେଖାଇ ପାରିବ ? ସେଥିପାଇଁ କୋଟଦ୍ୱାର ପହଞ୍ଚୁ ପହଞ୍ଚୁ ସେ ନିଜ ବନ୍ଧୁକରୁ ନିଜକୁ ଗୁଳି ମାରି ସେଇ ହିନସ୍ତିଆ ଜୀବନର ଅନ୍ତ ଘଟାଇ ଦିଏ । ଲେନ୍ସଡୋନ୍‌ରୁ ସେମାନଙ୍କୁ ସିମ୍‌ଲା ପଠାଇ ଦିଆଯାଏ । ସେଠାରେ ଦୁଇମାସ ଡ୍ୟୁଟି କରିବା ପରେ ଚନ୍ଦ୍ରସିଂହଙ୍କୁ ଘରକୁ ଯିବାକୁ ଛୁଟି ମିଳେ । ସିପାହୀମାନଙ୍କ ଯୁଦ୍ଧ ସମୟର ପୂରା ଦରମା ସହିତ ଅଗ୍ରୀମ୍ ୬୦ ଟଙ୍କା ଲେଖା ଦିଆହୁଏ ଘରକୁ ଗଲାବେଳେ । ପରିବାରର ସଦସ୍ୟମାନଙ୍କ ପାଇଁ କିଛି କିଛି ଉପହାର ତଥା କପଡ଼ାଲତା କିଣିବା ପରେ ଆଉ ନଗଦ ୪୦ ଟଙ୍କା ବଳେ ଚନ୍ଦ୍ରସିଂହଙ୍କର । ସେତକ ନେଇ ସେ ଗାଁକୁ ଯାଆନ୍ତି । ସାକ୍ଷାତ୍ ମୃତ୍ୟୁ ମୁହଁରୁ ପୁଅ ଫେରି ଆସିଥିବା ଦେଖି ବାପାମା' ଖୁସିରେ ଆତ୍ମହରା ହୋଇଯାଆନ୍ତି । ଗାଁ ଲୋକେ ବି ଖୁବ୍ ଆନନ୍ଦିତ ହୁଅନ୍ତି ତାଙ୍କୁ ଦେଖି । ସମସ୍ତେ ତାଙ୍କ ଚାରିପଟେ ବେଢ଼ିଯାଇ ଯୁଦ୍ଧ ସମୟର କଥା, ବିଦେଶ ଭୂଇଁର କଥା, ଜଳଜାହାଜରେ ଯାତ୍ରା କାଳର କଥା ଇତ୍ୟାଦି ଗୋଟି ଗୋଟି କରି ପଚାରିବାକୁ ଲାଗନ୍ତି ।

ଗୋଟେ ମାସ ଗାଁରେ ହସଖୁସିରେ ବିତେଇବା ପରେ ପାଖ ଗାଁରେ ଥିବା ଜଣେ ବାଲ୍ୟବନ୍ଧୁଙ୍କୁ ଦେଖା କରିବାକୁ ଯାଆନ୍ତି ଚନ୍ଦ୍ରସିଂହ । ଦୁଇ ଗାଁ ମଝିରେ ଥାଏ ଘଞ୍ଚ ଜଙ୍ଗଲ । ଗଲାବେଳେ ତ ଚାଲିଯାଆନ୍ତି ହେଲେ ବନ୍ଧୁଙ୍କୁ ସାକ୍ଷାତ କରି ଫେରିବା ବେଳେ ଗୋଟେ ନାଳ ପାଖରେ ସେ ପଡ଼ନ୍ତି ଭାଲୁ ହାବୁଡ଼ରେ । ଭାଲୁ ତାଙ୍କ ପାଇଁ ଗୋଟେ ଅପରିଚିତ ପଶୁ ନଥାଏ । ପିଲାଦିନେ ଗାଈ ଚରାଇବା ବେଳେ ଏମିତି କେତେ ଭାଲୁ ସେ ଦେଖିଛନ୍ତି । ହେଲେ ଏଇ ମା'ଭାଲୁ ପାଖରେ କିଛି ଛୁଆ ଥିବାରୁ ସେ ବୋଧେ ଭାବିଦିଏ ତା' ଛୁଆଙ୍କୁ ଇୟେ ଛଡ଼େଇ ନେବାକୁ ଆସିଛନ୍ତି ବୋଲି । ସେଥିପାଇଁ ହିଂସ୍ର ହୋଇ ସେ ୟା'ଙ୍କ ଉପରକୁ ଆକ୍ରମଣ କରେ । ବାଡ଼ିଖଣ୍ଡେ ହାତରେ ଧରି ଯେତେ ପ୍ରୟାସ କଲେ ବି ସେ ଭାଲୁକୁ ଭୟଭୀତ କରି ପାରନ୍ତି ନାହିଁ । ଭାଲୁ ତାଙ୍କୁ ଠେଲିନେଇ ଗୋଟେ ଗାତ ଭିତରେ କଚାଡ଼ିଦେଇ ନିଜ ଛୁଆଙ୍କୁ ନିରାପଦ ଦୂରତ୍ୱକୁ ନେଇଯାଏ । ଚନ୍ଦ୍ରସିଂହ ରକ୍ତାକ୍ତ ହୋଇ ଗାତ ଭିତରେ ପଡ଼ି ସେତିକିରେ ବିପଦ ଟଳିଗଲା ବୋଲି ଭାବୁଥିବା ବେଳେ ପୁଣି ଫେରିଆସେ ଭାଲୁ । ତାଙ୍କୁ ଗାତଭିତରୁ ଟାଣିଆଣି ଉପରେ ପକାଇଦିଏ । ପାହାଡ଼ିଆଲୋକ ବେଶ୍ ଜାଣିଥାନ୍ତି ଭାଲୁ ମୁର୍ଦ୍ଦାରକୁ ଛୁଏଁନି ବୋଲି । ତେଣୁ ଚନ୍ଦ୍ରସିଂହ ଯେତେ କଷ୍ଟ ହେଲେ ବି ଆଖିବୁଜି, ହଲ୍‌ଚଲ୍ ନହୋଇ ମୁର୍ଦ୍ଦାର ଭଳି ପଡ଼ିରହନ୍ତି । ଭାଲୁ ତାଙ୍କୁ ଓଲଟ ପାଲଟ କରି ଭାବେ ଇଏ ମରିଯାଇଛି ବୋଲି । 'ଡୁବୋଁ'... 'ଡୁବୋଁ' ଶବ୍ଦ କରି ଚିତ୍କାର କରେ, ଫୁର୍ର ଫୁର୍ର କରି ସାରା ଶରୀର ଉପରେ ଛେପ ପକାଏ ଓ ସେଠାରୁ ଚାଲିଯାଏ । ପ୍ରଥମେ ଗାତ ଭିତରକୁ ପକାଇବା ବେଳେ ତାଙ୍କ ବାଁ ହାତଟିକୁ ଭାଲୁ କାମୁଡ଼ି ଥିବାରୁ ହାଡ଼ ଭାଙ୍ଗିଯାଇଥାଏ । ହାତ ପାପୁଲି ଏପଟୁ ସେପଟକୁ କଣା ହୋଇଯାଇଥାଏ ତା' ମୁନିଆଁ ଦାନ୍ତ ଯୋଗୁଁ । ଗୋଟେ ଆଙ୍ଗୁଳି ଭାଙ୍ଗିଯାଇଥାଏ ମଧ୍ୟ । ସାରା ଶରୀର ନଖରେ ଆଞ୍ଚୁଡ଼ି ପକାଇବା ସହ ପିନ୍ଧା କପଡ଼ାକୁ ଚିରି ଟୁକୁରା ଟୁକୁରା କରିଦେଇଥାଏ ଭାଲୁ । ଅନେକ ସମୟ ଯାଏ ଚନ୍ଦ୍ରସିଂହ ହଲଚଲ୍ ନହୋଇ ମୁର୍ଦ୍ଦାର ଭଳି ପଡ଼ିରହନ୍ତି । ଭାଲୁ ଖୁବ୍ ଦୂରକୁ ଚାଲିଯିବାର ଅନୁମାନ କରି ମନରେ ସାହସ ବାନ୍ଧି ସେ ଏଥର ଉଠି ଠିଆ ହୁଅନ୍ତି । ଧାର ଧାର ରକ୍ତ ଝରିପଡୁଥାଏ ଶରୀରରୁ । ଆସ୍ତେ ଆସ୍ତେ ଛୋଟେଇ ଛୋଟେଇ ସେ ନିଜ ଗାଁ ଆଡ଼କୁ ମୁହାଁନ୍ତି । ଗାଁଲୋକେ ତାଙ୍କର ଏଭଳି ଅବସ୍ଥା ଦେଖି ଛାନିଆ । ଘରେ କାନ୍ଦବୋବାଳି ପଡ଼ିଯାଏ । ସ୍ଥାନୀୟ ବୈଦ୍ୟଙ୍କ ଚେରମୂଳି ପ୍ରଭାବରେ ସାତଦିନରେ ଘା' ଶୁଖିଯାଏ ସିନା କିନ୍ତୁ ହାତ ପାପୁଲି ଆଉ ଖୋଲି ପାରନ୍ତିନି । ଛୁଟି ସରିବାର ଦଶଦିନ ପୂର୍ବରୁ ସେ ଯାଇ ଲେନ୍ସଡୋନ୍‌ର ଆର୍ମୀ ହସ୍‌ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି ହୁଅନ୍ତି । ସେଠି ଚିକିତ୍ସା ପରେ ବି ହାତ ପାପୁଲି ଠିକ୍ ନହେବାରୁ ତାଙ୍କ ନାଁ ପଲଟଣରୁ କାଟିଦିଆଯାଏ । ଚାକିରି ହରାଇ ଗୋଟାପଣେ ଭାଙ୍ଗିପଡ଼ନ୍ତି ବିଚରା ଚନ୍ଦ୍ରସିଂହ ।

ଫାନ୍ସରେ ଯୁଦ୍ଧ ସମୟରେ ଜଣେ ଇଂରେଜ୍ କମାଣ୍ଡରଙ୍କୁ ସେ ନିଜେ ବିପଦରେ ପଡ଼ି ମଧ୍ୟ ଶତ୍ରୁ କବଳରୁ ଉଦ୍ଧାର କରିଥିଲେ । ସାକ୍ଷାତ୍ ମୃତ୍ୟୁ ମୁଖରୁ ବଞ୍ଚାଇ ଥିବାରୁ କମାଣ୍ଡରଙ୍କ ସହିତ ତାଙ୍କର ଭଲ ଭାବଦୋସ୍ତି ହୋଇଯାଏ । କମାଣ୍ଡରଙ୍କ ପତ୍ନୀ ଚନ୍ଦ୍ରସିଂହଙ୍କ ପାଖକୁ ଭଲ ଉତ୍କୃଷ୍ଟ ବ୍ରାଣ୍ଡର ସିଗାରେଟ ତଥା ସ୍ୱେଟର ପଠାନ୍ତି ଉପହାର ରୂପେ । ସେଇ କମାଣ୍ଡର ଯୁଦ୍ଧରୁ ଫେରିବା ପରେ ଲେନ୍ସଡୋନ୍ ଠାରେ ଦ୍ୱିତୀୟ ଲେଫ୍‌ଟେନାଣ୍ଟ ଭାବରେ କାମ କରୁଥାନ୍ତି । ତାଙ୍କରି ସୁପାରିସ୍ ଯୋଗୁଁ ଭଲ ସର୍ଜନ୍‌ଙ୍କ ଦ୍ୱାରା ହାତ ପାପୁଲିର ଅପରେସନ କରାଯିବାରୁ ତାହା ଠିକ୍ ହୋଇଯାଏ । ସମ୍ପୂର୍ଣ୍ଣ ଆରୋଗ୍ୟଲାଭ କରିଥିବାରୁ ପୁଣିଥରେ ତାଙ୍କ ନାଁ ପଲଟଣରେ ଲେଖାଯାଇ ତାଙ୍କ ସମେତ ୯୦ ଜଣ ସିପାହୀଙ୍କୁ ଲେନ୍ସଡୋନ୍‌ରେ ସି ଆଇ ଡି ଟ୍ରେନିଂ ଦିଆଯାଏ । ଗୁପ୍ତ ଖବର ସଂଗ୍ରହ କରି ପଲଟଣ ପାଖକୁ ପଠାଇବା, ଗୋଟିଏ ସ୍ଥାନର ଅବିକଳ ନକ୍ସା ଅଙ୍କନ କରିବା, ଗୁପ୍ତଚର କାର୍ଯ୍ୟ ବେଳେ ବିଭିନ୍ନ ପ୍ରକାରର ସଙ୍କେତ କିଭଳି ଓ କେଉଁ ପରିସ୍ଥିତିରେ ବ୍ୟବହାର କରିବା ଇତ୍ୟାଦି ବିଷୟରେ ଶିକ୍ଷା ଦିଆଯାଏ । ଏଇ ସବୁ ଶିକ୍ଷା ଯୋଗୁଁ କାଳେ ସେମାନଙ୍କୁ ପୁଣିଥରେ ଜର୍ମାନ୍ ବିପକ୍ଷରେ ହେଉଥିବା ଯୁଦ୍ଧକୁ ପଠାଯାଇ ପାରେ ବୋଲି ସେମାନେ ମାନସିକ ରୂପେ ପ୍ରସ୍ତୁତ ହୋଇ ରହିଥାନ୍ତି । ପ୍ରଶିକ୍ଷଣ ଉପରାନ୍ତେ ସେଇ ୯୦ ଜଣିଆ ଦଳକୁ ଲେନ୍ସଡୋନର ପ୍ରଶିକ୍ଷଣ କେନ୍ଦ୍ରରୁ ଦିଲ୍ଲୀ ପଠାଇ ଦିଆଯାଏ ।

ଦିଲ୍ଲୀର କିଙ୍ଗ୍‌ସ ୱେ କେମ୍ପ୍‌ରେ ସେମାନଙ୍କର ରହିବା ବ୍ୟବସ୍ଥା କରାଯାଏ । ସେଠାରେ ରହି ସେମାନେ ଭାଇସ୍‌ରାୟ ଭବନରେ ଡ୍ୟୁଟି କରନ୍ତି । ସେଠାରେ ଚନ୍ଦ୍ରସିଂହ ବ୍ରିଗେଡ୍ ଟ୍ରେନିଂ ନେବାସହ ସ୍କେଟିଂ କାମ ବି ଶିଖନ୍ତି । ପ୍ରତ୍ୟେକ ସିପାହୀଙ୍କୁ ଇଂରାଜୀ ଲେଖିବା ତଥା ପଢ଼ିବା ଶିଖାଯାଏ ଯେମିତି ଆବଶ୍ୟକସ୍ଥଳେ ବିଦେଶକୁ ଗଲେ ସେମାନଙ୍କୁ ଭାବର ଆଦାନ ପ୍ରଦାନ ପାଇଁ ଆଉ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ନପଡ଼େ । ଅନ୍ୟ ସାଥୀଙ୍କ ତୁଳନାରେ ଚନ୍ଦ୍ରସିଂହ ଖୁବ୍ ଶୀଘ୍ର ପ୍ରତ୍ୟେକ କଥା ଶିଖିଯିବା ସହ ତାଙ୍କୁ ଦିଆ ହେଉଥିବା କାମ ଗୁଡ଼ିକ ସୁଚାରୁ ରୂପେ ତୁଲାଇ ପାରୁଥିବାରୁ ଉପରିସ୍ଥ ଅଫିସରମାନେ ତାଙ୍କୁ ଖୁବ୍ ଆଦର କରୁଥାନ୍ତି । ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବାପରେ ତାଙ୍କ ପଦୋନ୍ନତି କରି ତାଙ୍କୁ ଲାନ୍ସ-ନାୟକ ବନେଇ ଦିଆଯାଏ ।

୧୯୧୭ ମସିହା ଆରମ୍ଭ ବେଳକୁ ଗଢ଼ବାଲୀ ପଲଟଣକୁ ପୁଣି ଯୁଦ୍ଧକୁ ପଠାଯିବ ବୋଲି ଗୁଜବ ପ୍ରଚାରିତ ହୋଇଯାଏ । କିଛିଦିନ ପରେ ଏହା ମିଥ୍ୟା ଖବର ନୁହେଁ ବୋଲି ଜଣାପଡ଼େ । ମାର୍ଚ୍ଚ ମାସରେ ରେଳଯୋଗେ ସେମାନଙ୍କୁ ଦିଲ୍ଲୀରୁ କରାଚୀ ନିଆଯାଏ । ସେଠାରୁ ଜଳଜାହାଜରେ ସେମାନେ 'ବସ୍‌ରା' ଯାଆନ୍ତି । ଯାତ୍ରା କାଳରେ ଆରବ ସାଗରର ସମୁଦ୍ର ପ୍ରାୟ ସମୟ ଶାନ୍ତ ରହିବାରୁ କାହାରି କିଛି ଅସୁବିଧା ହୁଏନି । ସେତେବେଳେ ମେସୋପଟାମିଆଁରେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଥାଏ । ଦ୍ୱିପହର ବେଳକୁ ମରୁଭୂମିର ବାଲି ତାତି ଏକବାରେ ନିଆଁ । ଗରମ କରେଇରେ ଖରଡ଼ି ହେବାଭଳି ଅବସ୍ଥା ଭାରତୀୟ ସିପାହୀଙ୍କର । ଅତ୍ୟଧିକ ଉତ୍ତାପ ଯୋଗୁଁ ଅନେକେ ଅସୁସ୍ଥ ହୋଇ ପଡ଼ିବାରୁ ଡାକ୍ତର ସେମାନଙ୍କୁ ନିୟମିତ ନଦୀରେ ଯାଇ ଗାଧୋଇବା ପାଇଁ ନିର୍ଦ୍ଦେଶ ଦିଅନ୍ତି । ଡାକ୍ତରଙ୍କ କଥା ମାନି ଗୋଟେ ଗୋଟେ କମ୍ପାନୀ ତାଙ୍କ କମାଣ୍ଡରଙ୍କ ସହ ଟାଇଗ୍ରୀସ୍ ନଦୀକୁ ଗାଧୋଇବାକୁ ଯାଆନ୍ତି । ଦିନେ ଚନ୍ଦ୍ରସିଂହ ତାଙ୍କ କମ୍ପାନୀ ସହ ଡ୍ରିଲ୍ କରି କରି ନଦୀକୁ ଯାଆନ୍ତି । ପାଣି ଦେଖିଦେବା ମାତ୍ରେ ସିପାହୀଙ୍କୁ ଆଉ ସମ୍ଭାଳିବା ମୁସ୍କିଲ ହୋଇପଡ଼େ । ସେମାନେ ପୋଷାକ ଖୋଲି ପାଣି ଭିତରକୁ ଡିଆ ମାରି ନଦୀରେ ପହଁରିବାକୁ ଲାଗନ୍ତି । ଚନ୍ଦ୍ରସିଂହଙ୍କ ଭଳି ପହଁରା ଜାଣି ନଥିବା ଲୋକ କୂଳରେ ଆଣ୍ଠୁଏ ପାଣିରେ ବସିପଡ଼ି ଗାଧାନ୍ତି । ସେତିକି ପାଣିରେ ମନ ଶାନ୍ତି ନହେବାରୁ ଚନ୍ଦ୍ରସିଂହ ଆଉ ଟିକିଏ ନଦୀ ଭିତରକୁ ଯିବାକୁ ଚାହିଁବାବେଳେ ହଠାତ୍ ଗୋଡ଼ ଖସି ସେ ପ୍ରଖର ସ୍ରୋତରେ ତଳକୁ ଭାସି ଯାଆନ୍ତି । ଗୋଡ଼ହାତ ଛାଟି ଯେତେ ଚେଷ୍ଟା କଲେ ବି କୂଳକୁ ଫେରିବା ଆଉ ସମ୍ଭବ ହୋଇ ପାରେନି । ହାବୁକା ହାବୁକା ପାଣି ପିଇ ସେ ଆକ୍ତାମାକ୍ତା ହୋଇପଡ଼ନ୍ତି । ତାଙ୍କ ଅସହାୟ ଅବସ୍ଥା ଦେଖି ସାଥୀମାନେ ତାଙ୍କୁ ଉଦ୍ଧାର କରି କୂଳକୁ ଆଣନ୍ତି । ମଇମାସ ବେଳକୁ ଗରମ ଆହୁରି ବଢ଼ିଯାଏ । ଏମାନଙ୍କ କମ୍ପାନୀକୁ ସେତେବେଳେ ପଠାଇ ଦିଆଯାଏ 'କତ୍-ଅମ୍ବାରା' । ସେଠାରେ ସେନାବାହିନୀର କିଛି କାମ ନଥାଏ ସିନା ହେଲେ ଅସହ୍ୟ ଗରମରେ ବଞ୍ଚିରହିବାକୁ ଆପ୍ରାଣ ଉଦ୍ୟମ କରିବାକୁ ପଡ଼େ ସମସ୍ତଙ୍କୁ....

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୩ ଅପ୍ରେଲ ୨୦୨୩



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ପ ର ମ୍ପ ରା

# ଅକ୍ଷୟ ତୃତୀୟାର ଅନ୍ତରାଳେ

**ଅରୁଣ ଜେନା**

ମଣିଷ ତଥା କୋଟି ଜୀବଜଗତର ବଞ୍ଚିବାର ବିଭୁଦଣ୍ଡ ଆଧାର ଜମି, ଜଳ, ଜଙ୍ଗଲ, ପାହାଡ଼, ପର୍ବତ, ନଦୀ, ହ୍ରଦ, ସମୁଦ୍ର ଆଦି ପ୍ରାକୃତିକ ପରିବେଶ, ଚାଷ ଓ ବାସର ଭିତ୍ତିଭୂମି ଉପରେ ଗଢ଼ି ଉଠିଥିବା ମାନବ ସଭ୍ୟତା, ହଜାର ହଜାର ବର୍ଷର ବିବର୍ତ୍ତନବାଦ ତଥା କ୍ରମବିକାଶର ସୁଫଳ କହିଲେ ଭୁଲ ହେବନାହିଁ। ପ୍ରାଚୀନଯୁଗର ନଗ୍ନ ଆଦିମାନବୀୟ ଆରଣ୍ୟକ ସଭ୍ୟତାର ବଳୟ ଭିତରେ ଥାଇ ମଣିଷ ତା'ର ଜୀବନଧାରଣର ଅବଲମ୍ବନ ଫଳମୂଳ ସଂଗ୍ରହ ଓ ପଶୁପକ୍ଷୀର ଶିକାରଜନିତ କଞ୍ଚା ମାଂସାହାରର ଅନିଶ୍ଚିତତାରୁ ନିଜକୁ ମୁକୁଳାଇ ତା'ର ଅନିସନ୍ଧିତ୍ସୁ ପ୍ରୟାସର ଆବିଷ୍କାର ସ୍ୱରୂପ ଜୀବିକାନିର୍ବାହର ଚିରସ୍ଥାୟୀ ମାର୍ଗ ପାଇଥିବା ଧାରାଟି ହେଉଛି କୃଷିକର୍ମ ବା କୃଷି ସଭ୍ୟତା।

ସେଇଥିପାଇଁ ବୋଧହୁଏ ସେଦିନ ତ୍ରିକାଳଦର୍ଶୀ କବିକଣ୍ଠରୁ ବାହାରି ଆସିଥିଲା ସେଇ ସର୍ବକାଳୀକ ସତ୍ୟର ଶାଶ୍ୱତପଂକ୍ତି -

"କୃଷି ସିନା ସଂସାରେ ସଭ୍ୟତାର ମୂଳ
କୃଷି ଏକା ସକଳ ଜୀବିକାର ଚୂଳ
କୃଷି-ଗୋପାଳନ ସମ କହ କାହିଁ ସାଧୁପନ୍ଥା
କୋଟିଜନେ ଯୋଗାଏ ଯେ ବଞ୍ଚିବାର ଆସ୍ଥା।"

ବାସ୍ତବିକ ଆମର ସଭ୍ୟତା, ସଂସ୍କୃତି, ପରମ୍ପରା ଓ ଅନେକ ପର୍ବପର୍ବାଣୀ ପ୍ରାୟ କୃଷିଭିତ୍ତିକ। ଏଇଥିପାଇଁ ଦୁନିଆର ଅନ୍ନଦାତା ଚାଷୀକଳର ଆଦ୍ୟପର୍ବ - ଅକ୍ଷୟ ତୃତୀୟା, ରଜ ସଂକ୍ରାନ୍ତି, ଗହ୍ମା ପୂର୍ଣ୍ଣିମା, ଗର୍ଭଣା ସଂକ୍ରାନ୍ତି ଓ ମକର ସଂକ୍ରାନ୍ତି ଆଦି ଗଣପର୍ବ ପାଳନ ଭିତରେ ଚାଷୀ ଏବଂ ଚାଷର ସୁରକ୍ଷା ତଥା ମଣିଷ ସମାଜର ସଂସ୍କାର ଓ ବିକାଶ ଦିଗରେ ରହିଛି ଅନେକ ଗାରୀମାର ଗୌରବମୟ ଗାୟତ୍ରୀ ମନ୍ତ୍ର। ଏ କଥା ଭୁଲିଗଲେ ଚଳିବନି ଯେ ଆଜିର ହାଇଟେକ୍ ଯୁଗରେ ମୋବାଇଲ ଓ କଂପ୍ୟୁଟର ଦୁନିଆର କପଟତା ଭିତରେ ଛନ୍ଦି ହୋଇଯାଇଥିବା ଜନମାନସ ଆଉ ଇମେଲ୍, ଇନ୍ଷ୍ଟାଗ୍ରାମ୍ ତଥା ଡିଜିଟାଲ୍ର ଇନ୍ଦ୍ରଜାଲି ମାୟାର ମରୀଚିକା ଏବଂ ଲାପ୍ଟପ୍ର ଲାସ୍ୟମୟୀ ପ୍ରହେଳିକା ଭିତରେ ହଜିଯାଉଥିବା ଯୁବସମାଜ କେବେ କି ବୁଝିପାରିବ ମାଆ-ମାଟି-ମଣିଷର ବ୍ୟଥା, ବେଦନା ? ପଲ୍ଲୀ ଜୀବନର ପୁଲକ - ମାଟିର ମହକ ଚାଷ ବାସର କଥା ତଥା ଆମ ଗ୍ରାମ୍ୟ ଜୀବନର ଗାଥା ଭିତରେ ଭରି ରହିଥିବା ସ୍ନେହ, ସରାଗ, ଅତୁଟ ପ୍ରାଣ ପ୍ରାଚୁର୍ଯ୍ୟର ଅସୀମ ଅଭିବ୍ୟକ୍ତି ଆଉ ମାନବିକତାର ମହାମନ୍ତ୍ର।



ଏହିସବୁ ପରିପ୍ରେକ୍ଷୀରେ ଚାଷୀକୁଳର ଆଦ୍ୟପର୍ବ 'ଅକ୍ଷୟ ତୃତୀୟା' କଥା ଭାବିବସିଲେ ଆମ ଆଖି ଆଗରେ ହସିଉଠେ ଗାଁ କୃଷକର ସେଇ ଅଙ୍କା ବଙ୍କା ଗାଁ ଦାଣ୍ଡ, ହଳ, ବଳଦ, ଲଙ୍ଗଳ, ଜୁଆଳୀ, ନୂଆ ଧାନ ଟୋକେଇ, ସିନ୍ଦୂର, ଫୁଲ, ଧୂପ, ଦୀପ, ଚନ୍ଦନ, ଅଗୁର, ଶ୍ରୀଫଳ ତଥା ପୂଜା ସାମଗ୍ରୀ ଧରି ସକାଳୁ ସକାଳୁ ଗାଧୋଇ ପାଧୋଇ, ନୂଆ ଲୁଗା ପିନ୍ଧି, 'ଚଷାପୁଅଟିଏ କ୍ଷେତକୁ ଯାଉଥିବା'ର ଏକ ବିରଳ ମନୋରମ ଦୃଶ୍ୟଟିଏ। ଅକ୍ଷୟ ତୃତୀୟା ଭରି ଦେଇଥାଏ ଆମ ଓଡ଼ିଶାର ପୁରପଲ୍ଲୀରେ ବସବାସ କରୁଥିବା ୮୦ଭଗ କୃଷିଜୀବୀ ପରିବାରର ଏକ ନିରୋଳା - ନିଆରା ଭାବୋଚ୍ଛ୍ୱାସ। ଧାନକ୍ଷେତରେ ଚାଷ କାମ ଆରମ୍ଭ କରିବାରେ ପବିତ୍ର ଅକ୍ଷୟ ତୃତୀୟା ହିଁ ପହିଲି ପାହାଚ। ତାକୁ ନ ଛୁଇଁଲେ କୃଷି ମନ୍ଦିରର ଗମ୍ଭୀରା ଭିତରକୁ ଯାଇହେବନି। ତେଣୁ ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାକୁ ସେ ଅକ୍ଷିମୁଠି ଅନୁକୂଳ ବା ଅକ୍ଷୟ ତୃତୀୟା ଭାବେ ପାଳନ କରିଥାଏ।

'ଅକ୍ଷୟ ତୃତୀୟା' ଆମ ସଭ୍ୟତାର ମୂଳ ଆଧାର ଚାଷକାର୍ଯ୍ୟର ଅନୁକୂଳ ପର୍ବ। ଏହି ଦିନ 'ମା' ବସୁନ୍ଧରାକୁ ପୂଜା ଆରାଧନା କରି କୃଷକ ସାରା ବର୍ଷର ଫସଲ ଉତ୍ପନ୍ନ ପାଇଁ ଆଗଭର ହୋଇଥାଏ। ବିହନ ବୁଣାର ପହିଲି ପର୍ବ ହୋଇଥିବାରୁ କୃଷକ ବାପୁଡ଼ା (ଚାଷୀଭାଇ) ଏହି ଦିନ ସକାଳର ମାହେନ୍ଦ୍ର ବେଳାରେ କାନ୍ଧରେ ହଳ ଲଙ୍ଗଳ ଧରି ଯୋଚା ବଳଦ ସହିତ ଶୁକ୍ଳବର୍ଣ୍ଣ ଧାନ ବିହନ ଓ ପୂଜା ସାମଗ୍ରୀ ଆଦି ନେଇ ଅକ୍ଷିମୁଠି ଧରି କିଆରିକୁ ବାହାରିପଡ଼େ; ପଛରେ ଶୁଭୁଥାଏ - ତା' ଗୃହିଣୀର ଶୁଭଶଙ୍ଖ, ହୁଳହୁଳି ଶବ୍ଦ - ଗୃହକର୍ତ୍ତାର ଶୁଭ ମନାସି କ୍ଷେତକୁ ପଠାଇଥାଏ ତା'ର ସହଧର୍ମିଣୀ ବା ଧର୍ମପତ୍ନୀ। ଆଉ ଠିକ୍ ଏଇ ଅମୃତ ଲଗ୍ନରେ - ପଲ୍ଲୀ ପ୍ରକୃତିର ସବୁଜ-ଗହଳ-ତରୁଲତା ଉହାଡ଼ରୁ କୋଇଲିର କୁହୁ କୁହୁ ମଧୁର ସ୍ୱନ, କୁମ୍ଭାଟୁଆର କୁହାଟ ରାବ ସାଙ୍ଗକୁ ବଣି, ବୁଲବୁଲ, କଜଳପାତୀ ଆଉ ହଳଦୀବସନ୍ତର ସୁମଧୁର କାକଳି ସମଗ୍ର ପରିବେଶକୁ ବେଶ୍ ଜୀବନ୍ତ କରିଥାଏ। କିଆରୀରେ ପହଞ୍ଚି କୃଷକ ତା' କ୍ଷେତର ଐଶାନ୍ୟ କୋଣରେ ମାଟିଗୁଣ୍ଡ କରି, ଧୂପଦୀପ ଦେଇ, ନଡ଼ିଆ ଭାଙ୍ଗି ମାଆ 'ଧରିତ୍ରୀ'ର ପୂଜା ଆରାଧନା କରେ। ମା' ଧରଣୀକୁ ପ୍ରଣାମ ଜଣାଇ ସୂର୍ଯ୍ୟନମସ୍କାରାନ୍ତେ ବିଲରେ ଅକ୍ଷିମୁଠି ବୁଣି ଚାଷୀ ବିଚରା ନିବେଦନ ଜଣାଏ - "ମା'ଲୋ କରୁଣାମୟୀ ବସୁମତୀ ମାତା ! ମୋର ଏଇ ବିହନ ଗଣ୍ଡାକ ଯେମିତି କ୍ଷୟ ନ ହେଉ। ସାରା ବର୍ଷର ଫସଲ ମୋତେ ନିର୍ବିଘ୍ନରେ ମିଳୁ। ତୁ ଦୟା କଲେ ମା' ଲୋ ଜଗତଜନନୀ, ଦୁନିଆ ମୁହଁରେ ଆହାର ଦେବାକୁ ଏ ଅକିଞ୍ଚନ ସକ୍ଷମ ହେବ।" କେବଳ ଯେ ସେଦିନ ଚାଷୀ ତା' କ୍ଷେତରେ ଧାନ ବୁଣିଥାଏ ତାହା ନୁହେଁ, ବିଭିନ୍ନ ପନିପରିବା ଓ ଚାରାଗଛ ଆଦି ଏହି ଦିନରେ ଲଗାଇଲେ ତାହା କେବେ କ୍ଷୟ ହୁଏନାହିଁ ବୋଲି କୃଷକର ବିଶ୍ୱାସ। ମୋଟ ଉପରେ ଚାଷାଦି କାର୍ଯ୍ୟ ଆରମ୍ଭ ଲାଗି ଅକ୍ଷୟ ତୃତୀୟା ସବୁଠାରୁ ଶୁଭ ଓ ଶ୍ରେଷ୍ଠ ଦିବସ ପରିଗଣିତ ହୋଇଥାଏ।

କେବଳ ଚାଷକାର୍ଯ୍ୟ ନୁହେଁ ଏହି ଦିନ ନୂତନ ଗୃହକୁ ପ୍ରବେଶ, ଗୃହପ୍ରତିଷ୍ଠା ପାଇଁ ଶୁଭଦେବା, ଦୂରଯାତ୍ରାରମ୍ଭ, ତୁଳସୀ ପ୍ରତିଷ୍ଠା, ବିଦ୍ୟାରମ୍ଭ ଓ ବ୍ୟବସାୟ ଇତ୍ୟାଦି ଆରମ୍ଭ କରିବା ପାଇଁ ମଧ୍ୟ ଶୁଭଦିନ ଭାବେ ଗଣାଯାଏ। ଏତଦ୍ଭିନ୍ନ ଉକ୍ତ ଦିନ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରାର ଶୁଭାରମ୍ଭ ସାଙ୍ଗକୁ ପବିତ୍ର ରଥ ନିର୍ମାଣ କାର୍ଯ୍ୟର ମଧ୍ୟ ଅନୁକୂଳ ହୋଇଥାଏ। ପୌରାଣିକ ତଥ୍ୟ ଅନୁସାରେ ଏହିଦିନରେ ସତ୍ୟଯୁଗର ଆରମ୍ଭ ହୋଇଥିଲା। ମୋଟ ଉପରେ ଅକ୍ଷୟ ତୃତୀୟାର ପ୍ରକୃତ ମାହାତ୍ମ୍ୟକୁ ବୁଝି ତା'ର ସାରତତ୍ତ୍ୱକୁ ହୃଦୟଙ୍ଗମ କରି ଯଦି କାର୍ଯ୍ୟ କରାଯାଏ ତେବେ ଚାଷୀ କୁଳର ପେସା ଓ ବେଉସାକୁ ଆମର ସରକାର, ଶାସନ ଓ ପ୍ରଶାସନ ଯଦି ଚାଷୀ ଓ ଚାଷ ସମସ୍ୟାର ସମାଧାନ ପାଇଁ ଅଗ୍ରାଧିକାର ଦିଅନ୍ତେ, ତେବେ ଏ ଦେଶର ଅନେକ ହିତ ସାଧିତ ହୁଅନ୍ତା - ରଣଯନ୍ତାରେ ବୁଡ଼ି ଦେଶୀ ବିଦେଶୀ କଂପାନୀଙ୍କ ଶୋଷଣ ଯନ୍ତାରେ ପଡ଼ି ବିଚରା ଚାଷୀଟିଏ ଆଜି ଆଉ ଦୁଃଖ ହତାଶାର ନାଗଫାଶରେ ଛନ୍ଦିହୋଇ ଆତ୍ମହତ୍ୟାର କରୁଣ, ମର୍ମନ୍ତୁଦ, ଦୁଃଖଦ ପନ୍ଥାକୁ ଆପଣେଇ ନଥାନ୍ତା। ପ୍ରାକୃତିକ ବିପଯ୍ୟୟକୁ ସହିପାରୁଥିବା ଆମ୍ଭର ପାରମ୍ପରିକ ବିହନ ଗୋବରଖତ, ଜୈବିକ ଖତ, ଗୋମୂତ୍ର, ପିଡ଼ିଆ ଓ କମ୍ପୋଷ୍ଟକୁ ଭୁଲି ଆମେ ଆଜି ଅଧିକ ଉତ୍ପାଦନ ଲାଗି ଶଙ୍କର ଜାତୀୟ ବିହନ (ହାଇବ୍ରିଡ୍ ସିଡ୍ସ୍) ଏବଂ ରାସାୟନିକ ସାର ଓ ପୋକମରା ଔଷଧ ଆଦିର ବ୍ୟାପକ ବ୍ୟବହାର କରୁଥିବା ହେତୁ ମାଟିର ଉତ୍ପାଦିକା ଶକ୍ତି କମିଯାଉଛି। ରତ୍ନଗର୍ଭା ମାଟି ପଥୁରିଆ ଓ ଅମ୍ଳଯୁକ୍ତ ହୋଇଯାଉଛି। ବହୁ ଉପକାରୀ ବ୍ୟାକ୍ଟେରିଆ, ଜିଆ, ବିଲମାଛ ଓ ଗେଣ୍ଡା ଆଦି ମରିଯାଉଛନ୍ତି। ଦେଶୀ-ବହୁଦେଶୀ କମ୍ପାନୀ ପ୍ରାୟୋଜିତ ସାର, ଔଷଧ ଓ ବିହନର ଉପଯୋଗ ଚାଷୀଙ୍କୁ ତଳିତଳାନ୍ତ କରିସାରିଲାଣି। ଚାଷୀ ବିଚରା କମ୍ପାନୀ ଶୋଷଣର ଶୀକାର ହେଉଛି। ଆଧୁନିକ କୃଷି ପ୍ରଣାଳୀକୁ ଅନୁସରଣ କରୁଥିବା ଚାଷୀର ଆୟ ଅପେକ୍ଷା ବ୍ୟୟ ଯେ ଅଧିକ ଏକଥା ଗଭୀର ଅନୁଶୀଳନରୁ ବୁଝାପଡ଼େ। ଏହି ସବୁ କାରଣରୁ ବିଚରା ଚାଷୀଟିଏ ତା' ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ ନପାଇ ଅଭାବୀ ବିକ୍ରିର ଶୀକାର ହେଉଅଛି। ଏ କ୍ଷେତ୍ରରେ ଆମ ଶାସନ, ପ୍ରଶାସନ ଓ ସରକାର ନିଦାବିଷ୍ଣୁ ସାଜିଛନ୍ତି। ଚାଷୀ ଓ ଚାଷର ଏ ପ୍ରକାର ଦୁରାବସ୍ଥାର ଅବସାନ ହେବା ଏକାନ୍ତ ବାଞ୍ଛନୀୟ। ବୋଧହୁଏ ଏଇଥିପାଇଁ କୃଷିକ୍ଷେତ୍ରରୁ ଅଧିକରୁ ଅଧିକ ଲୋକ ଓହରିଯାଇ ଅନ୍ୟାନ୍ୟ ପନ୍ଥାକୁ ଜୀବିକା ଭାବେ ଗ୍ରହଣ କରୁଛନ୍ତି। ସୁତରାଂ ଚାଷୀକୁ ତା' ଉତ୍ପାଦିତ ଫସଲର ଲାଭଜନକ ମୂଲ ପ୍ରଦାନ ସାଙ୍ଗକୁ କୃଷିଭିତ୍ତିକ ଶିଳ୍ପ ଓ କୁଟୀରଶିଳ୍ପର ବ୍ୟାପକ ପ୍ରସାର କରାଗଲେ ଚାଷୀର ଭାଗ୍ୟ ବଦଳିବ ନିଶ୍ଚୟ। ସୁତରାଂ ଏହି ପରିପ୍ରେକ୍ଷୀରେ ଅକ୍ଷୟତୃତୀୟାର ଅନ୍ତଃସ୍ୱର କହେ, "କୃଷି ଅର୍ଥନୀତି ଚିରକାଳ, ସାର୍ବଜନୀନ। ପ୍ରକୃତି ଓ ପରିବେଶର ସହାୟକ, ଜୀବଜଗତର ରକ୍ଷକ। ତଥାକଥିତ ଶିଳ୍ପ ଅର୍ଥନୀତି ସ୍ୱଳ୍ପକାଳ, ସର୍ବଗ୍ରାସୀ। ପ୍ରକୃତି ଓ ପରିବେଶର ବିନାଶକ, ଜୀବଜଗତର ଘାତକ କହିଲେ ଭୁଲ୍ ହେବନାହିଁ।"

ସଭାପତି - ଚାଷୀ ଏକତା ମଞ୍ଚ, ବାଲେଶ୍ୱର ଜିଲ୍ଲା
(ମୋ) ୯୪୩୭୨୩୧୫୦୪

## ସ୍ମୃତି ଶତଦଳ ୨୮

# କବିତା ଓ ଫୁଟବଲ



ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍ରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

**ସେ ଥିଲେ 'ଫାଇଟର' ଓ ମୁଁ ଥିଲି 'ରାଇଟର'। ମୁଁ ଚିନାବାଦମ ଖାଇ ଗାଲେରୀରେ ବା' ଭି.ଆଇ.ପି ଚେୟାରରେ ବସି ରମାରମଣଙ୍କର ଫୁଟବଲ ଖେଳ ଦେଖିଲାବେଳେ ସେ ମଧ୍ୟ କବିତା ପାଠୋତ୍ସବରେ ପ୍ରଥମ ଧାଡି ଦର୍ଶକ ଚେୟାରରେ ବସି ମୋର କବିତା ଶୁଣନ୍ତି।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜୀବନ ଓ ସମୟର ଏକ ଅଦ୍ଭୁତ ସଂଯୋଗ ! କେତେବେଳେ ଦୁହେଁ ଦୁଇଟି ସମାନ୍ତରାଳ ରେଖାରେ ଚାଲନ୍ତି ତ ଆଉ କେତେବେଳେ ଦୁହେଁ ଗୋଟିଏ ଛକରେ ଏକତ୍ରିତ ହୋଇଯାନ୍ତି। ଦୁହିଁଙ୍କର ମିଶ୍ରଣରେ ଦିଗ୍‌ବଳୟରେ ଉଙ୍କିମାରେ ବିଚିତ୍ରବର୍ଣ୍ଣା ଇନ୍ଦ୍ରଧନୁ ତା'ର ସାତୋଟି ଯାକ ରଙ୍ଗର ଆଶ୍ଚର୍ଯ୍ୟ ବୈଚିତ୍ର୍ୟରେ ସାରା ଆକାଶ ଓ ପୃଥିବୀ ବର୍ଣ୍ଣାଳୀମୟ ହୋଇଯାଏ। ଦୁହେଁ ଦୁହିଁଙ୍କର ହାତ ଧରନ୍ତି, କରମର୍ଦ୍ଦନ କରନ୍ତି, ଆଲିଙ୍ଗନ କରନ୍ତି ଏବଂ ପୁଣିଥରେ ନିଜ ନିଜଠାରୁ ବିଚ୍ଛିନ୍ନ ହୋଇଯାନ୍ତି। ସେତେବେଳେ ଅଭିନ୍ନ ଅନୁରାଗ କିଛି ଆନନ୍ଦାଶ୍ରୁ ଓ କିଛି ବିଷାଦର ଅଶ୍ରୁ ଦୁଇହାତରେ ନେଇ ଦୁହେଁ ଦୁହିଁଙ୍କଠାରୁ ବିଚ୍ଛିନ୍ନ ହୋଇଯାନ୍ତି ଏବଂ ଏଇ ଅନୁଭବ ଗୁଡିକ ଚିରଦିନ ପାଇଁ ସ୍ମୃତିର ଗନ୍ତାଘରେ ସାଇତି ରଖନ୍ତି, ଯାହା ପାଲଟିଯାଏ ଏକ ଅନନ୍ୟ ମହାକାବ୍ୟ।

ସେହିଭଳି କବିତା ଓ ଫୁଟବଲ ଦୁଇଟି ବିପରୀତାତ୍ମକ ଶବ୍ଦ। ଜଣକର ମୁହଁ ଉତ୍ତର ଦିଗକୁ ତ' ଆରଜଣକର ମୁହଁ ଦକ୍ଷିଣ ଦିଗକୁ। ଏମିତି ତ' କବିତା, କଳାର ଏକ ଉତ୍କୃଷ୍ଟ ପରିପ୍ରକାଶ ତଥା ଭାବ, ଭାଷା ଓ ଶବ୍ଦର ଏକ ଅନନ୍ୟ ସଂଯୋଗ, ଅଥଚ ଫୁଟବଲ ଖେଳ ବିଜ୍ଞାନର ଏକ ଅଂଶ ତଥା ବସ୍ତୁ ଜଗତର ଜିନିଷ। ଏହାର ବିଜୟ ନିର୍ଭର କରିଥାଏ ଫୁଟବଲ ଖେଳାଳୀମାନଙ୍କର ଖେଳିବାର ଶୈଳୀ, ରକ୍ଷଣ ଭାଗର ଖେଳାଳୀମାନଙ୍କର ଗୋଲ୍ ସୁରକ୍ଷା ଦେବାର ମନୋବଳ ତଥା ଅଗ୍ରଭାଗ ଖେଳାଳୀ ମାନଙ୍କର ଗୋଲ୍ ଦେବାରେ ସକ୍ଷମତା। ଏ ସବୁର ଏକ ମିଳିତ ସହଯୋଗହିଁ ଫୁଟବଲ୍ଲୁ ଖେଳାଳୀମାନଙ୍କୁ ବିଜୟୀ କରିଥାଏ। ଏଥିରେ କବିର କୋମଳ ଛନ୍ଦ ସିନା ନଥାଏ, କି ଭାବ ଭାଷାର ସୁମଧୁର ବନ୍ଧନ ନଥାଏ କିନ୍ତୁ ଦୁହିଁଙ୍କର ସ୍ଥିତି ପ୍ରାୟ ଏକା କହିଲେ ଅତ୍ୟୁକ୍ତି ହେବ ନାହିଁ।

ସେହିଭଳି ଏସ୍.ସି.ବି ମେଡିକାଲ କଲେଜରେ ରମାରମଣଙ୍କର ଫୁଟବଲ ଆଉ ମୋର କବିତାର ଅଦ୍ଭୁତ ସାମଞ୍ଜସ୍ୟ ଦେଖା ଦେଇଥିଲା। ସେ ଏସ୍.ସି.ବି ର 'ସ୍ପୋର୍ଟ ଚମ୍ପିଆନ' ଥିଲେ ଆଉ ମୁଁ ଥିଲି ଲିଟରାରୀ ଚମ୍ପିଆନ୍। ସେ ଥିଲେ ଜଣେ ପୃଷ୍ଠଭାଗ ବା' ରକ୍ଷଣା ଭାଗର ଖେଳାଳୀ (ଅଥେଣ୍ଟିକ୍ ବ୍ୟାକ୍ ପ୍ଲେୟାର) ଏବଂ କେବଳ କଟକର ରାଇଜିଂ ଷ୍ଟାରର ଜଣେ ଜଣାଶୁଣା ଖେଳାଳୀ ନଥିଲେ ସେ ଥିଲେ ଓଡିଶା ଫୁଟବଲ ଆସୋସିଏସନର ଜଣେ ପୁରୁଣା ଖେଳାଳୀ ଯିଏ ଆଇ.ଏଫ.ଏ ଜୁନିୟର, ଆଇ.ଏଫ.ଏ ସିନିୟର ସନ୍ତୋଷ ଟ୍ରଫି ସିନିୟର ତଥା ଇଣ୍ଡିଆ ଓ ଇଣ୍ଟର ନ୍ୟାସାନାଲ ମ୍ୟାଚ୍ ଖେଳି, ଏକ ପ୍ରତିଷ୍ଠିତ ଫୁଟବଲ ଖେଳାଳୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ସଟ୍‌ପୁଟ୍, ଡିସକସ୍ ଥ୍ରୋ, ଜାଭେଲିନ୍ ଥ୍ରୋରେ ଓଡିଶା ଅଲିମ୍ପିକରେ ରେକର୍ଡ ସୃଷ୍ଟି କରିଥିଲେ ଓ ଜାଭେଲିନ ଥ୍ରୋ ଅଲିମ୍ପିକ ଷ୍ଟାଇଲରେ ପକାଉଥିଲେ। ଡାକ୍ତର କାମ ତଥା କବିତା ଲେଖାରୁ ଫୁରସତ ମିଳିଲେ ମୁଁ ତ କେବଳ କଷ୍ଟେମଷ୍ଟେ 'ମ୍ୟୁଜିକାଲ ଚେୟାର' ପର୍ଯ୍ୟନ୍ତ ଯାଇପାରିଥିଲି। ତେଣୁ ସେ ଥିଲେ 'ଫାଇଟର' ଓ ମୁଁ ଥିଲି 'ରାଇଟର'। ମୁଁ ଚିନାବାଦମ ଖାଇ ଗାଲେରୀରେ ବା' ଭି.ଆଇ.ପି ଚେୟାରରେ ବସି ରମାରମଣଙ୍କର ଫୁଟବଲ ଖେଳ ଦେଖିଲାବେଳେ ସେ ମଧ୍ୟ କବିତା ପାଠୋତ୍ସବରେ ପ୍ରଥମ ଧାଡି ଦର୍ଶକ ଚେୟାରରେ ବସି ମୋର କବିତା ଶୁଣନ୍ତି। ପ୍ରଥମେ ମୁଁ ଫୁଟବଲ ଖେଳ ଆଦୌ ବୁଝିପାରୁନଥିବା ବେଳେ ପରେ ବୁଝିବାକୁ ଚେଷ୍ଟା କଲି ଓ କ୍ରମେ ବୁଝିଗଲି ମଧ୍ୟ କିନ୍ତୁ ସେ ମୋ' କବିତାର ଜଣେ ସଫଳ କ୍ରିଟିକ ଏବଂ ମୋ କବିତାର ସେ ପ୍ରଥମ ପାଠକ ମଧ୍ୟ। କିନ୍ତୁ ପରେ ଅନୁଭବ କଲି କବିମାନେ ଭାରି ସ୍ଲୋ, ଖେଳାଳୀ ମାନେ ଫାଷ୍ଟ, କବିମାନେ ନୈରାଶବାଦୀ ଏବଂ ସବୁ ଜିନିଷକୁ ନକାରାତ୍ମକ ଦୃଷ୍ଟିରେ ଦେଖନ୍ତି, ପ୍ଲେୟାରମାନେ ସକାରାତ୍ମକ ଚିନ୍ତାଧାରା ନେଇ ଚାଲନ୍ତି। ସେଥିପାଇଁ ବେଳେବେଳେ ମୁଁ କହିଥାଏ ହେ ଭଗବାନ ! ଏତେ ବଡ ବଡ କାମ ସବୁ ମୋ ଦ୍ୱାରା ହୋଇପାରିବ ନାହିଁ କିନ୍ତୁ ରମାରମଣ କହନ୍ତି ନିଶ୍ଚୟ ହୋଇପାରିବ, ଆମେ ମିଳିମିଶି କରିବା ଏବଂ ସେସବୁ କାମ ସେ ସୁଚାରୁରୂପେ କରିପାରନ୍ତି ଏବଂ ସଫଳ ମଧ୍ୟ ହୁଅନ୍ତି।

କ୍ରମେ କ୍ରମେ ଉତ୍ତରମେରୁ ଓ ଦକ୍ଷିଣମେରୁ ପାଖରେ ଥିବା ବରଫରାଶି ଓ ହିମ ପ୍ରବାହ ତରଳିବାକୁ ଲାଗିଲା ଏବଂ ବିକର୍ଷଣ ନୁହେଁ ଫୁଟବଲ ଓ କବିତା ମଧ୍ୟରେ ଏକ ସୁନ୍ଦର ବୁଝାମଣା ଓ ଆକର୍ଷଷ ଉତ୍ପନ୍ନ ହୋଇଗଲା କାରଣ ଦୁଇଟି ଯାକ ତ' ଖେଳ। ଜଣେ ଖେଳୁଆଡ ମନୋଭାବ ନେଇ ଶବ୍ଦର ଖେଳ ଖେଳିଲେ ନିଶ୍ଚିତ ଭାବରେ ବିଜୟୀ ହୋଇପାରିବ ଏବଂ କବିତାର ଧାଡିଟିଏ ଲେଖାସହ ଗୋଲ୍ ମାରିଲେ ନିଶ୍ଚିତ ଭାବେ ଫୁଟବଲ ଖେଳାଳୀଟି ଜିତିବ। ତେବେ ଯାଇଁ ବିଜ୍ଞାନ ଓ କଳାର ମଧୁର ସମନ୍ୱୟ ହୋଇପାରିବ। ଫୁଟବଲ ଖେଳର ପ୍ରତିଟି ସଟ୍ ଓ ଗୋଲ୍ ରେ ଯେ କବିତା ଏକ ମଧୁର ଝରଣା ପରି ଝରିଯାଇ ସମସ୍ତଙ୍କୁ ପ୍ରାଣବନ୍ତ କରିଦେବ, ଏଇ ସରଳ କଥାଟି କିପରି କ୍ଳିଷ୍ଟ ହୋଇଯାଇଥିଲା ମୋ ପାଇଁ ଏବଂ ଏ କଥାଟି ବୁଝିଲା ପରେ କିପରି ସବୁ ଅମୃତମୟ ହୋଇଗଲା ଏକଥା ଏବେ ମଧ୍ୟ ମୋ ପାଇଁ ଅସ୍ପଷ୍ଟ। (କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ-(୧୮)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ






ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୧୯)

ଚାର୍ବାକର ସ୍କୁଲରେ ପ୍ରଥମ ଦିନ। ସ୍କୁଲ୍ ଯିବାର ଆଠ / ଦଶ ଦିନ ଆଗରୁ ସିଏ ମୋତେ ରାତିଦିନ ବଜାରରେ ବୁଲେଇଲା। ସ୍ଲେଟ୍ ନିଅ ... ବହି ନିଅ ... ରଙ୍ଗ ବେରଙ୍ଗ ଚକ୍ ନିଅ... ୱାଟର୍ ବଟଲ୍ ନିଅ, ଟିଫିନ୍ ନିଅ। କମ୍ପାସ ନିଅ, ଚିତ୍ର ଥିବା ବହି ନିଅ। ୟୁନିଫର୍ମ ନିଅ, ଜୋତା ନିଅ, ବିସ୍କୁଟ୍ ପ୍ୟାକେଟ୍ ନିଅ। ନିତିଦିନ କିଣାକିଣି ଚାଲିଲା। ସିଏ ଛତା ବି କିଣେଇଲା ଆଉ ରେନ୍‌କୋଟ୍ ବି। ମୋର ସାରା ଜୀବନର ପାଠପଢା ଖର୍ଚ୍ଚ ଆଉ ତାର ଗୋଟିଏ ବର୍ଷର ଖର୍ଚ୍ଚ ପାଖାପାଖି ସମାନ ଥିଲା। ଅନେକ ସମୟରେ କିଣାକିଣି କରିବା ବେଳେ ମୁଁ ବିରକ୍ତ ହୋଇଯାଏ। ଗୋଟେ / ଦି'ଟା ଜିନିଷ ନ କିଣି ଫେରିଆସେ। ଚାର୍ବାକ୍ ସାଙ୍ଗେ ସାଙ୍ଗେ ନିଜ ଜେଜେମାଆ ସାମ୍ନାରେ ଫେରାଦ ହୁଏ। ତାର ଅଭିଯୋଗ ଶୁଣି ମାଆ ସାଙ୍ଗେ ସାଙ୍ଗେ ହୁକୁମନାମା ଜାରି କରିଦିଏ। "ଆରେ ତାର ଯାହା ଦରକାର ତାକୁ କିଣି କି ଦେଏ।"

ମୁଁ କହେ, "ସବୁ ତ ନେଇ ସାରିଛି, ପୁଣି ସିଏ ଗୋଟିଏ ବଦଳରେ ଦୁଇ ଦୁଇଟି ଜିନିଷ ମାଗୁଛି।"

ସିଏ: ହଁ, ହଉ, ତାକୁ କିଣିକି ଦେଏ।

ମୁଁ: ଆରେ... କିନ୍ତୁ ଗୋଟେ ତ ନେଇଛି ନା।

ସିଏ: ଆଉ ଗୋଟେ ନେଇ ଘରେ ରଖି ଦେଇଥାଆ। ଛୋଟ ପିଲାମାନେଯେକୌଣସି ଜିନିଷକୁ ସାଙ୍ଗେ ସାଙ୍ଗେ ଭାଙ୍ଗି ଦିଅନ୍ତି।

ମୁଁ : ମୁଁ ଜମା କିଣିବିନି। ନର୍ସରୀ କ୍ଲାସ୍‌କୁ ତ ଯାଉଛି। କଣ ବାରିଷ୍ଟରୀ ପଢ଼ିବାକୁ ଯାଉଛି ନା କ'ଣ। ଆଉ ମୁଁ ବି କେଉଁଠି ପଢ଼ିଲା ବେଳେ ଏ ସବୁ ଜିନିଷ ନେଇଥିଲି। ପ୍ରଥମ ଦିନ ତ ଗୋଟେ ସ୍ଲେଟ୍ ହାତରେ ଧରି ଯାଇଥିଲି।

ସିଏ: ଆରେ ତୋର ଭାଗ୍ୟ ଖରାପ ଥିଲା। ମୋ ନାତିର ଭାଗ୍ୟ ଭଲ। ତୋତେ କଷ୍ଟ ସହିବାକୁ ହେଇଥିଲା। ସେଥିପାଇଁ କ'ଣ ସିଏ ବି କଷ୍ଟ ସହିବା ଉଚିତ୍ ?

ନିଜ ଜେଜେମାଆର ସମର୍ଥନ ପାଇ ଚାର୍ବାକ୍ ସେ ସବୁ ଚିଜ ହାସଲ କରିଥିଲା ଯାହା ତାର ଦରକାର ଥିଲା। ସ୍କୁଲ ଯିବାର ଦିନ ଆସିଲା। ତାକୁ ୟୁନିଫର୍ମ ପିନ୍ଧାଇ ପ୍ରସ୍ତୁତ କରିଦିଆଗଲା ପରେ ସିଏ କଣ ଭାବିଲା କେଜାଣି ସିଧା ଯାଇ ତା ମାଆକୁ କୁଣ୍ଢାଇ ଧରିଲା। 'ମୁଁ ସ୍କୁଲ ଯିବିନି' କହି ସିଏ ପୂରା ଜିଦ କରିବାକୁ ଲାଗିଲା। ନିଜର ବହିବସ୍ତାନୀ ଫିଙ୍ଗିଦେଲା। ମୋର ସ୍ତ୍ରୀ ଅଫିସ ଯିବା ପାଇଁ ତରବର ହେଉଥିଲା। ହେଲେ ସିଏ ତାକୁ ଛାଡ଼ିବାକୁ ରାଜି ନଥିଲା। ଆମେ ବହୁତ ବୁଝାଇଲୁ ତାକୁ। ହେଲେ ସିଏ କିଛି ବୁଝିବା ସ୍ଥିତିରେ ନଥିଲା। ସିଏ ଜୋର୍ ଜୋର୍‌ରେ କାନ୍ଦିବାକୁ ଲାଗିଲା।

"ମୁଁ ଜେଜେମାଆ ସାଙ୍ଗରେ ରହିବି, ସ୍କୁଲ ଯିବିନି"କହି କାନ୍ଦୁଥିଲା ସିଏ।

ସିଏ ସ୍କୁଲରୁ ଫେରିଲା ପରେ ମୁଁ ତାକୁ ନିଷ୍ଟେ ଅଇସ୍‌କ୍ରିମ୍ ଖୁଆଇବି, ପାର୍କକୁ ନେଇ ଘୋଡା ଉପରେ ବସେଇବି, ନୂଆ ଖେଳନା କିଣିକି ଦେବି, ସିନେମା ବି ନେଇଯିବା କଥା କହିଲି। ଏମିତି ହଜାରେ କଥା ହଲପ୍ କରି କହିଲି। ହେଲେ ସିଏ ମୋର କୌଣସି କଥାରେ ସ୍କୁଲ ଯିବାକୁ ରାଜି ହେଲାନାହିଁ। ସ୍କୁଲ ଟାଇମ୍ ନିକଟେଇ ଆସୁଥିଲା। ମୋର ପତ୍ନୀ ତା ଠାରୁ ନିଜକୁ ଛଡ଼େଇ ଅଫିସ ଯିବାକୁ ଚେଷ୍ଟା କରୁଥିଲା। ହେଲେ ସିଏ ପୂରା ଘରକୁ ଅସ୍ତବ୍ୟସ୍ତ କରି ପକେଇଲା। ମୁଁ ଏତେ ସମୟ ଯାଏ ନିଜ ଉପରେ କାବୁ ରଖିବାକୁ ଚେଷ୍ଟା କଲି। ହେଲେ ଶେଷରେ ମୋର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା ଓ ମୁଁ ଗୋଟେ ଜୋର୍‌ଦାର୍ ଚାପୁଡ଼ା ବସେଇ ଦେଲି ତା ଗାଲରେ।ଏଇ ଚାପୁଡ଼ା ଏତେ ଜୋର୍ ଥିଲା ଯେ ମୋ ପାପୁଲିରେ ଅସଂଖ୍ୟ ପିମ୍ପୁଡ଼ି କାମୁଡ଼ିଲା ପରି ମୋତେ ଅନୁଭବ ହୋଇଥିଲା। ମା' ମୋତେ ଏଥିରୁ ନିବୃତ୍ତ କରିବାକୁ ଦୌଡ଼ି ଆସିଲା। ସିଏ ଚାର୍ବାକ୍‌କୁ ନିଜର କାନି ଭିତରେ ଘୋଡ଼ାଇ ପକେଇଲା। ସିଏ ଥରଥର ହୋଇ କମ୍ପୁଥିଲା। ମୋର ପତ୍ନୀକୁ ଅଫିସ ଯିବାକୁ ଇଚ୍ଛା ନଥିଲା। ସିଏ ବି କାନ୍ଦିବାକୁ ଲାଗିଥିଲା।

"ଏବେ ତୁ ଯାଆ ଅଫିସ। ମୁଁ ବୁଝିବି ତା କଥା।" ତାକୁ ବି ମୁଁ ରୁକ୍ଷ ସ୍ୱରରେ କହିଲି। "ତାକୁ ଟିକେ ବୁଝେଇକି କହୁନ, ଏମିତି ରାଗୁଛ କହିଁକି ?"ଏତିକି କହି ସିଏ କଇଁ କଇଁ ହୋଇ କାନ୍ଦି ବାହାରିଗଲା ଅଫିସ୍। ସିଏ ବାହାରି ଯିବାକ୍ଷଣି ମୁଁ ଚାର୍ବାକ୍ ଆଡ଼େ ଚାହିଁ ଜୋର୍‌ରେ ଗର୍ଜିଲା ପରି କହିଲି-

-ଏବେ ଚୁପ୍‌ଚାପ୍ ବସ।

ସିଏ ଚୁପ୍ ହୋଇଗଲା।

"ଟିଫିନ୍ ବ୍ୟାଗ୍ ଭିତରେ ରଖ।"

ସିଏ ଟିଫିନ୍ ବାକ୍ସକୁ ରଖିଦେଲା ବ୍ୟାଗ୍ ଭିତରେ।

-ଏବେ ବ୍ୟାଗ୍‌କୁ କାନ୍ଧରେ ଓହଳା।

ସିଏ ବ୍ୟାଗ୍ ରଖିଦେଲା କାନ୍ଧରେ।

"ଏବେ ଏମିତି କମ୍ପିବା ବନ୍ଦ୍ କର... ଶାନ୍ତ ହେଇ ଯାଆ।"

ସିଏ ନିଜର ଥରଥର ହୋଇ କମ୍ପୁଥିବା ଗୋଡ଼କୁ ସ୍ଥିର କରିବା ପାଇଁ ଚେଷ୍ଟା କଲା।

"ଏବେ ଚାଲ ମୋ ପଛେ ପଛେ"

ସିଏ ଚାଲିବା ଆରମ୍ଭ କରିଥିଲା।

ମୁଁ ଆଗେ ଆଗେ ଚାଲିଥିଲି। ଆଉ ସିଏ ପଛେ ପଛେ। ମୁଁ ବୁଲି କରି ଚାହିଁଲି। ତା ପଛରେ ମାଆ ଥିଲା। କ'ଣ କହିବି, କଣ କହିବି, କିଛି ଚିନ୍ତା କରିପାରୁନଥିଲି। ତିନିଜଣ ଯାକ ଶାନ୍ତ ଭାବରେ ଚାଲୁ ଚାଲୁ ଆସି ପହଞ୍ଚି ଯାଇଥିଲୁ ସ୍କୁଲ ରାସ୍ତାରେ। ଏମିତିରେ ସ୍କୁଲ ଥିଲା ଆମ ଘର ପାଖରେ। ଚାର୍ବାକ୍ ମଝିରେ ମଝିରେ ସୁଁ ସୁଁ ହେଉଥିଲା। ମୋତେ ସେମିତି ଲାଗିଲା। ହେଲେ ମୁଁ ସେ ପ୍ରତି ଧ୍ୟାନ ଦେଲିନି। ସ୍କୁଲ ଆସିଗଲା। ତାକୁ ତାର ଶ୍ରେଣୀରେ ବସେଇ ଦେଲି। ମାଆ ବି ଆସି ଯାଇଥିଲା ସେଇ ଶ୍ରେଣୀ ଯାଏଁ। ଶିକ୍ଷୟିତ୍ରୀମାନଙ୍କ ସହିତ କଥାବର୍ତ୍ତା କରି ମୁଁ ଯେମିତି ବାହାରକୁ ଆସିଛି, ଚାର୍ବକ୍ ବି ଦୌଡ଼ି ଆସି ମାଆର ଗୋଡ଼ ହାତ ଧରିବାକୁ ଲାଗିଲା। "ଜେଜେମାଆ ତୁମେ ଯାଅନାହିଁ ମୋତେ ଛାଡ଼ି। ଏଇଠି ରୁହ।" କହି ଜିଦ୍ କରିବାକୁ ଲାଗିଲା।

ଟିଚର ତାକୁ ମାଆ ଠାରୁ ଅଲଗା କଲେ। ତାର ଜେଜେମାଆ, ଅର୍ଥାତ୍ ମାଆ କ୍ଲାସ୍ ବାହାରେ ରହିବାର ଆଶ୍ୱାସନା ବି ଦେଲେ। ସତକୁସତ ମାଆ କ୍ଲାସ ବାହାରେ କାନ୍ଥକୁ ଲାଗି ତଳେ ଚକା ପକେଇ ବସିଗଲା। ଚାର୍ବାକ୍ ଭିତରେ। ମାଆ ବାହାରେ। ମୁଁ ମାଆ ପାଖକୁ ଯାଇ କହିଲି "ମାଆ, ଚାଲ ଆମେ ଫେରିଯିବା।"

ସିଏ: ଏବେ ତୁ ମୋ ସାଙ୍ଗେ ଜମା କଥାବାର୍ତ୍ତା କରନା।

ମୁଁ: ଆରେ, ହେଲେ ହେଲା କଣ ?

ସିଏ: କଣ ହେଲା ? ଆରେ ଏଡ଼େ ଟିକେ ଛୁଆ ଉପରେ ହାତ ଉଠେଇଲା ବେଳେ ତୋତେ ଲାଜ କେମିତି ଲାଗୁନି ? ବାପ ବୋଲି କହି ଏମିତି ମରଦପଣ ଦେଖଉଛୁ ? ମୋ ନାତି ଉପରେ ହାତ ଉଠାଉଛୁ ନା, ରହ ଦେଖିବୁ ତୋ ହାତରେ ଘାଆ ହୋଇଯିବ। ପିଲାଙ୍କୁ ଯଦି ସମ୍ଭାଳିବା ଆସୁନାହିଁ, ତେବେ ଛୁଆ କାହିଁକି ଜନ୍ମ କରୁଛ ? ଆରେ ଛୁଆଙ୍କୁ ସମ୍ଭାଳିବା ପାଇଁ ଭଗବାନ ଦେଇଥିବା ବୁଦ୍ଧିକୁ ଉପଯୋଗ କରିବା କଥା। ତୁ ହାତ କେମିତି ଉଠଉଛୁ, ହେଲେ ମୁଁ ତୋତେ କହି ଦଉଛି, ତୁ ଯାହା କରିଛୁ ତାର ଫଳ ତୋତେ ଭୋଗ କରିବାକୁ ହେବ। ସ୍କୁଲରେ ଝାମେଲା ଝଞ୍ଜଟ ନହେଉ ସେଥିପାଇଁ ମୁଁ ଏକୁଟିଆ ଘରକୁ ଫେରି ଆସିଲି। ନାତିର ପ୍ରେମରେ ମାଆ ନିଜର ପୁଅକୁ ହିଁ ଅଭିଶାପ ଦେଉଛି.... ଏସବୁ ବଡ଼ ବିଚିତ୍ର।

ପରଦିନ ସିଏ ପୁଣି ଚାର୍ବାକ୍‌କୁ କାଖେଇ ସ୍କୁଲ ଯିବାକୁ ବାହାରିଲା। ତାର ବ୍ୟାଗ ତା ଗଳାରେ ଆଉ ମାଆ ତାକୁ ଧରିଥିଲା କୋଳରେ। ମୋତେ ସିଏ ଆସିବାକୁ ହିଁ ଦେଲାନାହିଁ ତାଙ୍କ ସାଙ୍ଗରେ। ମୁଁ ଚାର୍ବକ୍‌କୁ ବାୟ-ବାୟ କହିଲି। ସେମାନେ ଦୁଇ ଜଣ ସ୍କୁଲ ଯିବାକୁ ବାହାରିଲେ। ଦ୍ୱିତୀୟ ଦିନ ବି ମାଆ ସ୍କୁଲ ସରିବା ଯାଏଁ ସ୍କୁଲ ବାହାରେ ବସି ରହିଲା। ତୃତୀୟ ଦିନ ବି ଏଇ ରୁଟିନ୍ ଚାଲିଲା। ଆଉ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଠାରୁ ଫୋନ ଆସିଲା। "ସାହେବ, ଆପଣଙ୍କ ମାଆକୁ ସ୍କୁଲରେ ରହିବାକୁ ମନା କରନ୍ତୁ। ଆପଣଙ୍କର ପୁଅ ସଦା ସର୍ବଦା ତାଙ୍କରି ଆଡ଼କୁ ଚାହୁଁଛି। ଆଉ ସିଏ ବି ତାକୁ ପ୍ରତ୍ୟୁତ୍ତର ଦେଉଛନ୍ତି ଇସାରାରେ। ଯଦି ସେମିତି ହୋଇ ଚାଲେ ତେବେ ପିଲାର ସ୍କୁଲରେ ଏକୁଟିଆ ରହିବାର ଆତ୍ମବିଶ୍ୱାସ ଜାଗ୍ରତ ହେବନି।

ସ୍କୁଲ କର୍ତ୍ତପକ୍ଷଙ୍କ ଏଇ କଥା ମୋ ମନକୁ ପାଇଲା। ସ୍କୁଲ ଯିବାର ଅର୍ଥ ପିଲା ପାଇଁ ନିଜର ନିଜସ୍ୱ ପରିବେଶରୁ ବାହାରି ସାମାଜିକ ପରିବେଶକୁ ଆପଣେଇବାର ପ୍ରଥମ ସୋପାନ। ଏଇ ଜଟିଳ ସୂତ୍ରକୁ କେଉଁଠି ଗୋଟେ ଶୁଣିଥିଲି। ପୁଅ ଓ ସାମାଜିକୀକରଣ ଭିତରେ ମାଆ ଏକ ପ୍ରାଚୀର ପରିଥିଲା। ତାକୁ ଏବେ ବୁଝେଇବାକୁ ହେବ। ସନ୍ଧ୍ୟାରେ ଘରକୁ ଫେରିଲା ପରେ ମୁଁ ତାକୁ କହିଲି... "ମାଆ, କାଲିଠାରୁ ତୁ ଚାର୍ବାକକୁ ନେଇ ସ୍କୁଲ ଯିବୁନୁ। ମୁଁ ତାକୁ ନେଇ ଛାଡି ଦେଇଆସିବି।"

ସିଏ: ମୁଁ କାହିଁକି ଯିବିନାହିଁ ?

ସିଏ: କାରଣ ତୁ ଘରକୁ ଫେରୁନୁ-ସେଇଠି ରହିଯାଉଛୁ।

ସିଏ: ରହିଗଲେ କଣ ଅସୁବିଧା ହୋଇଯାଉଛି ? ଘରେ ମୋର କଣ କାମ ଅଛି ଯେ ?

ମୁଁ: ପ୍ରଶ୍ନ ତୋର କାମର ନୁହେଁ-କିନ୍ତୁ ସିଏ ଏକୁଟିଆ ରହିବା ଶିଖି ପାରିବିନି।

ସିଏ: କାହିଁକ ଶିଖିପାରିବନି ? ମୁଁ ତ କ୍ଲାସ ବାହାରେ ବସି ରହୁଛି।

ମୁଁ : ହଁ, ସେଇଥିପାଇଁ ସେଠି ତାର ମନ ଲାଗୁନି।

ସିଏ: ମୁଁ ତାର ଶତ୍ରୁ ନା କଣ ?

ମୁଁ: ମାଆ ତୁ କଥା ବୁଝୁନାହୁଁ କାହିଁକି !

ସିଏ: ଭଲଭାବରେ ବୁଝିସାରିଛି। ଛୁଆର ଗାଲ ଫଟେଇ ଦେବା ବି ଦେଖି ସାରିଛି।

ମୁଁ: ଆରେ ସ୍କୁଲରୁ ଅଭିଯୋଗ ଆସିଛି। ସ୍କୁଲରେ ରହିବା ପାଇଁ ଅଭିଭାବକମାନଙ୍କୁ ଅନୁମତି ନାହିଁ। ସେଥିପାଇଁ କହୁଛି ତୋତେ। (କ୍ରମଶଃ)

❤ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ୨୦୨୨-୨୩ ଆର୍ଥିକ ବର୍ଷରେ ସେଲ ଆରଏସପିର କର୍ମଚାରୀଙ୍କ ସୃଜନୀ ଯୋଜନା ମାଧ୍ୟମରେ ୧୯ ହଜାରରୁ ଅଧିକ ସୃଜନଶୀଳ ପ୍ରସ୍ତାବ ପ୍ରଦାନ




ରାଉରକେଲା, ୨୨/୦୪ (ନି.ପ୍ର): ୨୦୨୨-୨୩ ଆର୍ଥିକ ବର୍ଷରେ ସେଲ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀମାନେ ସୃଜନୀ ଯୋଜନା ଅଧୀନରେ ୧୯୦୦୦ରୁ ଅଧିକ ସୃଜନାତ୍ମକ ପ୍ରସ୍ତାବ ପ୍ରଦାନ କରିଥିଲେ, ଯାହା ଦ୍ୱାରା ବିଭିନ୍ନ ଦିଗରେ କାରଖାନାର କାର୍ଯ୍ୟଦକ୍ଷତାକୁ ଅଧିକ ଉନ୍ନତ କରାଯାଇପାରିଥିଲା।
ପ୍ରଦତ୍ତ ପ୍ରସ୍ତାବଗୁଡିକ ମଧ୍ୟରୁ ୧୬୧୧୦ ଟି ପ୍ରସ୍ତାବ ସମୀକ୍ଷା କରାଯାଇଛି ଏବଂ ୧୫୭୭୧ ଟି ପ୍ରସ୍ତାବ ନିମନ୍ତେ ପୁରସ୍କାର ପ୍ରଦାନ କରାଯାଇଛି ଏବଂ ୧୨୦୨୫ ଟି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ବ୍ୟବସାୟ ଉତ୍କର୍ଷ ବିଭାଗର କ୍ରମାଗତ ପ୍ରୟାସରେ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଗ୍ରହଣ କରାଯାଇଥିବା ପ୍ରସ୍ତାବ ସଂଖ୍ୟାରେ ୬୬.୦୪% ଅଭିବୃଦ୍ଧି ଘଟିଛି। କାର୍ଯ୍ୟକାରୀ ହୋଇଥିବା ପ୍ରସ୍ତାବ ଗୁଡିକ ନିମନ୍ତେ କର୍ମଚାରୀଙ୍କୁ ୨୮୨୭୦୫୦ ଟଙ୍କା ପୁରସ୍କାର ରାଶି ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିବାବେଳେ କାର୍ଯ୍ୟକାରୀ ହେବା ଯୋଗ୍ୟ ପ୍ରସ୍ତାବ ପାଇଁ ମଧ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଆରଏସପି ଆରଏସପି କାର୍ଯ୍ୟକାରୀ ହୋଇଥିବା ପ୍ରସ୍ତାବ ଗୁଡିକ ଦ୍ୱାରା ଏକକାଳୀନ ୩୭.୦୫ କୋଟି ଟଙ୍କା ସଞ୍ଚୟ ହାସଲ କରିଛି ଏବଂ ପୁନଃପୌନିକ ରୂପେ ପ୍ରାୟ ୫୯.୮୩ କୋଟି ଟଙ୍କାର ସଞ୍ଚୟ ହାସଲ ସମେତ ବିପୁଳ ପରୋକ୍ଷ ଲାଭ ମଧ ହାସଲ କରିଛି। ଏହି ସୃଜନଶୀଳ ଯୋଜନା, ସୁରକ୍ଷା, ପରିବେଶ, ହାଉସକିପିଙ୍ଗ, ଗୁଣବତ୍ତା, ପ୍ୟାକେଜିଂ, ସେବା, ଅପରେଟିଂ ଏବଂ ରକ୍ଷଣାବେକ୍ଷଣ ଅଭ୍ୟାସ, ଉତ୍ତମ ଉପଯୋଗ ଏବଂ ଉତ୍ପାଦନ, ସିଷ୍ଟମ୍ ଏବଂ ପଦ୍ଧତି ପରି କାରଖାନାର ପ୍ରତ୍ୟେକ କ୍ଷେତ୍ରରେ ସୃଜନଶୀଳ ଚିନ୍ତାଧାରା ମାଧ୍ୟମରେ କର୍ମଚାରୀଙ୍କ ବ୍ୟାପକ ଅଂଶଗ୍ରହଣ ଏବଂ ଅବଦାନକୁ ଉତ୍ସାହିତ କରୁଛି। ଏହା ଶକ୍ତି, ବିଦ୍ୟୁତ, କଞ୍ଚାମାଲ, ତେଲ ଏବଂ ଲୁବ୍ରିକାଣ୍ଟ ଇତ୍ୟାଦି ସଂରକ୍ଷଣ ଏବଂ ମୂଲ୍ୟ ହ୍ରାସ ଏବଂ ପୁନଃବ୍ୟବହାର / ବର୍ଜ୍ୟବସ୍ତୁର ଉପଯୋଗ କିମ୍ବା ନିଜ ନିଜ କାର୍ଯ୍ୟ କ୍ଷେତ୍ର ସହିତ ଉନ୍ନତି ପାଇଁ ଯେକୌଣସି ନୂତନ ଧାରଣାକୁ ମଧ ବିଚାରକୁ ନେଉଛି।

## ସିମିଲିଆରେ ଜଳିଗଲା ୪ ବଖରା

ହାଟଡିହି , ୨୨/୦୪ (ନି.ପ୍ର): ହାଟଡିହି ବ୍ଲକ୍ ବଡ଼ରମ୍ପାସ ପଞ୍ଚାୟତ ସିମିଲିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ତିନିଟି ପରିବାରର ୪ ବଖରା ଘର ପୋଡ଼ିଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଶୁକ୍ରବାର ସକାଳେ ଗ୍ରାମର ପ୍ରଶାନ୍ତ ପହିଙ୍କ ଘରେ ରୋଷେଇ ହେଉଥିବା ସମୟରେ ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟି ଚାରିଆଡ଼କୁ ବ୍ୟାପି ଯାଇଥିଲା। ନିଆଁର ପ୍ରକୋପ ଅଧିକ ଥିବାରୁ କେହି ଘର ଭିତରକୁ ପଶିପାରି ନଥିଲେ। ଫଳରେ ପ୍ରଶାନ୍ତଙ୍କ ଦୁଇ ବଖରା, ମଧୁସୂଦନ ବେହେରା ଓ ପ୍ରାଣନାଥ ପହିଙ୍କ ଗୋଟିଏ ଲେଖାଏଁ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ପ୍ରଶାନ୍ତଙ୍କ ଘରେ ଥିବା ଦେଢ଼ଲକ୍ଷ ଟଙ୍କା, ଧାନଚାଉଳ ଓ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ହାଟଡିହି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ ବଡ଼ରମ୍ପାସ ସରପଞ୍ଚ ରବୀନ୍ଦ୍ର କୁମାର ଜେନା, ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଜନ୍ମମାଟିରେ ଜନସମୁଦ୍ର;...

୨ ବର୍ଷ ପରେ ୨୦୧୩ରେ ସ୍ଥଳସେନାର ଶିଖ୍ ଲାଇଟ୍ ଇନଫାଣ୍ଟ୍ରିରେ ସୈନିକ ଭାବେ ଯୋଗ ଦେଇ ସ୍ୱପ୍ନ ପୂରଣ କରିଥିଲେ। ଏବେ ସେ ଜାମ୍ମୁକାଶ୍ମୀରରେ ରାଷ୍ଟ୍ରୀର ରାଇଫଲ୍ସରେ ଲାନସ ନାୟକ ରାଙ୍କରେ କାର୍ଯ୍ୟରତ ଥିଲେ । ଗତବର୍ଷ ଅକ୍ଷୟ ତୃତୀୟାରେ ବିବାହ କରିଥିଲେ ଦେବାଶିଷ। ଏଇ ବର୍ଷ ଜାନୁଆରୀରେ କନ୍ୟା ସନ୍ତାନର ଏକୋଇସିଆରେ ଶେଷ ଥର ଲାଗି ଘରକୁ ଆସିଥିଲେ। ଆସନ୍ତା ମେ ୧୨ରେ ଘରକୁ ଆସିବା ଲାଗି ଆଗୁଆ ଟିକେଟ୍ କରିଥିଲେ। ଘରକୁ ଆସିବା ପରେ ପାଳନ ହୋଇଥାନ୍ତା ପ୍ରଥମ ବିବାହ ବାର୍ଷିକୀ ହେଲେ, ବିଧିର ବିଧାନ ଥିଲା କିନ୍ତୁ ଅଲଗା। ବାପା ଶବ୍ଦ କହିବା ଆଗରୁ ବାପାଙ୍କ ମରଶରୀର ଉପରେ ଢଙ୍କା ହୋଇଆସିଥିବା ଜାତୀୟ ପତାକାକୁ ଗ୍ରହଣ କରିଛି ୪ ମାସର କୁନି ଝିଅ । ସେନା ପକ୍ଷରୁ ତ୍ରିରଙ୍ଗା ଦିଆଯାଉଥିବା ବେଳେ ବଲବଲ ଚାହୁଁଛି କୁନି ଝିଅ । ମା' କୋଳରେ ବସିଥିବା ବେଳେ ସେ ଜାଣିନାହିଁ ତା ମୁଣ୍ଡ ଉପରୁ ବାପାଙ୍କ ହାତ ହଟି ଯାଇଛି । ଆତଙ୍କବାଦୀ ଆକ୍ରମଣରେ ତା ବୀର ବାପା ଦେଶମାତୃକା ପାଇଁ ସହିଦ ହୋଇଛନ୍ତି । ଆଉ ତା ମାଆ ମଥାର ସିନ୍ଦୁର ଲିଭି ଯାଇଛି । କୁନି ଝିଅକୁ କୋଳରେ ଧରି ବସିଛନ୍ତି ସହିଦ୍ ଦେବାଶିଷ ବିଶ୍ୱାଳଙ୍କ ପତ୍ନୀ ସଂଗୀତା ବିଶ୍ୱାଳ । ବିବାହ ବାର୍ଷିକୀର ପୂର୍ବ ଦିନ ସ୍ୱାମୀଙ୍କ ଶେଷ ଦର୍ଶନ କରିଛନ୍ତି ସଙ୍ଗୀତା । ଦେଶ ମାତୃକାକୁ ସୁରକ୍ଷା ଦେଉ ଦେଉ ସହିଦ ହୋଇଯାଇଛନ୍ତି ବୀର ଦେବାଶିଷ । ଆଉ ଏପଟେ ଭାଇର ବାହା ମୁକୁଟ ଦେଖାଇ କାନ୍ଦୁଛନ୍ତି ଦେବାଶିଷଙ୍କ ଭଉଣୀ । ପଂଚଭୂତରେ ଲୀନ ହୋଇଛନ୍ତି ସହିଦ ଦେବାଶିଷ ବିଶ୍ୱାଳ । ସେନା ପକ୍ଷରୁ ଗାର୍ଡ଼ ଅଫ ଅନର ଦିଆଯିବା ସହ ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି । ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଖଣ୍ଡାୟତ ସାହିରେ ଶୋକାକୂଳ ପରିବେଶ ଭିତରେ ସହିଦଙ୍କୁ ଶେଷ ବିଦାୟ ଦିଆଯାଇଛି । ଶେଷ ଦର୍ଶନ ପାଇଁ ଗାଁରେ ସୃଷ୍ଟି ହୋଇଥିଲା ଜନ ସମୁଦ୍ର । ଦେଶ ପାଇଁ ସାର୍ବୋଚ୍ଚ ବଳିଦାନ ଦେଇଥିବା ଦେବାଶିଷଙ୍କୁ ଅଶ୍ରୁଳ ବିଦାୟ ଦେଇଛନ୍ତି ଅଂଚଳବାସୀ । ସହିଦ ଯବାନ ଅମର ରହେ ନାରାରେ କମ୍ପିଥିଲା ପରିବେଶ ।

### ୪ସହିଦ ପରିବାରକୁ ୧କୋଟି ଟଙ୍କା ...

ଆକ୍ରମଣରେ ୫ ଜଣ ଯବାନ ସହିଦ୍ ହୋଇଥିଲେ। ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେପଟେ ଗତକାଲିର ପୁଞ୍ଚ୍ ହମଲାରେ ୫ ଜଣ ଯବାନଙ୍କ ହତ୍ୟା ପଛରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର ଏ ତୋଏବା ହାତ ଥିବା ଅନୁମାନ କରାଯାଉଛି। ଘଟଣା ପରେ ଏବେ ମିଳିତ ବାହିନୀ ପକ୍ଷରୁ ଅଞ୍ଚଳ ଡ୍ରୋନ୍ ଓ ସର୍ଭିଲାନ୍ସ ହେଲିକପ୍ଟର ସାହାଯ୍ୟରେ ବ୍ୟାପକ ସର୍ଚ୍ଚ ଅପରେସନ୍ ଚାଲିଛି। ତେଣେ ଆକ୍ରମଣସ୍ଥଳ ନିକଟବର୍ତ୍ତୀ ଅଞ୍ଚଳରେ ୬ରୁ ୭ ଜଣ ଆତଙ୍କୀ ଦୁଇଟି ଗ୍ରୁପରେ ଲୁଚି ରହିଥିବା ସେନା ଓ ସୁରକ୍ଷା ବଳ ସୂଚନା ପାଇଛି। ଏପଟେ ଘଟଣାସ୍ଥଳକୁ ଆଜି ଘଓଇର ଟିମ୍ ଯାଇ ଅନୁସନ୍ଧାନ ଆରମ୍ଭ କରିଛି। ଜାମ୍ମୁ ଓ କାଶ୍ମୀର ଡିଜିପି ମଧ ଘଟଣାସ୍ଥଳକୁ ଯାଇଛନ୍ତି।

# ସେଲ ଆରଏସପିର ଅଗ୍ନିଶମ ସେବା ବିଭାଗ ଦ୍ୱାରା ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ମିନି ମାରାଥନ ଆୟୋଜିତ



ରାଉରକେଲା, ୨୨/୦୪ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଅଗ୍ନିଶମ ସେବା ବିଭାଗ ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଅପ୍ରେଲ ୨୦ ତାରିଖରେ ଏକ ମିନି ମାରାଥନ୍ ଆୟୋଜନ କରିଥିଲା। ଏହି ମିନି ମାରାଥନ୍ ଶିଳ୍ପ କୋଣାର୍କ ପରିସରରୁ ସକାଳ ୭.୩୦ ମିନିଟ ସମୟରେ ସେବା ବିଭାଗର ସିଜିଏମ୍ ଶ୍ରୀ ଦେବବ୍ରତ ଦତ୍ତଙ୍କ ଦ୍ୱାରା ପତାକା ଦେଖାଇ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଅଗ୍ନିଶମ ସେବା ବିଭାଗର ଜିଏମ୍ ଇନ୍-ଚାର୍ଜ ଶ୍ରୀ ଜୀବନ ବଲ୍ଲଭ ପଟ୍ଟନାୟକ, କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ କାରଖାନାର ୭୬ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଫିଟ୍ ଇଣ୍ଡିଆ ଅଭିଯାନକୁ ପ୍ରୋତ୍ସାହିତ କରିବା ଏହି ମାରାଥନର ଲକ୍ଷ୍ୟ ଥିଲା। ଉକ୍ତ ମିନି ମାରାଥନ୍ ଶିଳ୍ପ କୋଣାର୍କ ପରିସରରୁ ବାହାରି ଆଇଜି ପାର୍କ ନିକଟରେ ଟ୍ରାଫିକ୍ ସିଗନାଲ୍ ପୋଷ୍ଟ ପର୍ଯ୍ୟନ୍ତ ଏବଂ ସେଠାରୁ କାରଖାନା ଭିତରେ ସ୍ଥିତ ଅଗ୍ନିଶମ ସେବା ତାଲିମ କେନ୍ଦ୍ରକୁ ଫେରିବା ପର୍ଯ୍ୟନ୍ତ ପ୍ରାୟ ୫.୪ କିଲୋମିଟର ସଂପୂର୍ଣ୍ଣ କରିଥିଲା।

# ଡେଲାଙ୍ଗରେ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ




ଡେଲାଙ୍ଗ, ୨୨/୦୪ (ନି.ପ୍ର): ପ୍ରତିବର୍ଷ ଏପ୍ରିଲ ୧୪ ତାରିଖକୁ ସାରା ଭାରତ ବର୍ଷରେ ଅଗ୍ନିଶମ ସହିଦ୍ ଦିବସ ଭାବରେ ପାଳନ କରାଯାଉଛି। ଯେଉଁ ଆଗ୍ନିକ ମାନେ ନିଜର କର୍ତ୍ତବ୍ୟ ପାଳନ ସମୟରେ ବୀରଗତି ପ୍ରାପ୍ତ ହୁଅନ୍ତି ସେମାନଙ୍କର ସ୍ମୃତିରେ ଅଗ୍ନିଶମ ସହିଦ୍ ଦିବସ ପାଳନ କରାଯାଏ। ଏପ୍ରିଲ ୧୪ରୁ୨୦ ତାରିଖ ପର୍ଯ୍ୟନ୍ତ ଅଗ୍ନିଶମ ସପ୍ତାହ ପାଳନ କରାଯାଇଥାଏ। ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ମଧ୍ୟରେ ଅଗ୍ନି ସଚେତନତା ସୃଷ୍ଟି କରିବା। ସେହିପରି ପକ୍ଷରେ ଗୁରୁବାର ଦିନ ଡେଲାଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ କେନ୍ଦ୍ରାଧିକାରୀ ଚନ୍ଦ୍ରଶେଖର ଜେନା ଙ୍କ ନେତୃତ୍ୱରେ ଏକ ସଚେତନତା ରାଲି ଷ୍ଟେସନ ଡେଲାଙ୍ଗ ପରିସରରୁ ବାହାରି ବେରବୋଇ ବଜାର, ଲକ୍ଷ୍ମୀ ବଜାର, ହାଟ ବଜାର, ବାୟା ବଜାର ସମେତ ବିଭିନ୍ନ ପ୍ରେଟୋଲ୍ ଟାଙ୍କି ମାନଙ୍କରେ ଜନସାଧାରଣ ମାନଙ୍କୁ ସଚେତନତା କରାଇ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପହଞ୍ଚିଥିଲା। ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ତ୍ରିପାଠୀ ଓ ଡେଲାଙ୍ଗ ଅଗ୍ନିଶମ ବିଭାଗର କେନ୍ଦ୍ରାଧିକାରୀ ଚନ୍ଦ୍ରଶେଖର ଜେନା ଙ୍କ ସହଯୋଗରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ମାନଙ୍କୁ ନିଆଁ ଲାଗିଯାଇଥିବା ସମୟରେ କିପରି ନିଆଁକୁ ଆୟତ୍ତ କରାଯାଇ ପାରିବ ଓ କିପରି ଲିଭାଇ ଦିଆଯାଇପାରିବ ତାହା ଉପରେ ବିଭିନ୍ନ ନିଆ ଲିଭା ଯନ୍ତ୍ର ପାଣି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ରେ ଡାକ୍ତର ସୌମ୍ୟ ସୌରଭ ସ୍ୱାଇଁ, ନିଳାମ୍ବର ନାଏକ, ପ୍ରିୟରଞ୍ଜନ ପାଇକେରା, ସୁରକ୍ଷା କର୍ମୀ ଟୁଟୁ ଗୁରୁ, ସଫେଇ କର୍ମଚାରୀ ସଙ୍କର ନାଏକ, ଯୁବ ସମାଜ ସେବୀ ଚନ୍ଦ୍ରକାନ୍ତ ମହାପାତ୍ର ପ୍ରମୁଖ ଏହି ଶିବିର ଉପସ୍ଥିତ ରହିଥିଲେ। ସେହିପରି ଡେଲାଙ୍ଗ ଅଗ୍ନିଶମ ବିଭାଗର କେନ୍ଦ୍ରାଧିକାରୀ ଚନ୍ଦ୍ରଶେଖର ଜେନା ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ଦେଇଥିବା ବେଳେ ଲିଡିଙ୍ଗ୍ ଫାଇଆର୍ ମ୍ୟାନ୍ ଜସମନ୍ତ ପ୍ରଧାନ, ଡ୍ରାଇଭର ରଘୁନାଥ ସାହୁ, ଫାଇଆର ମ୍ୟାନ୍ ପିତବାସ ସ୍ୱାଇଁ, ପତନ ସ୍ୱାଇଁ, ସାରଦା ପ୍ରସାଦ ଜେନା, ପ୍ରକାଶ ଚନ୍ଦ୍ର ସେଠୀ, ବିକ୍ରମ ସାମନ୍ତରାୟ, ଶ୍ରୀକାନ୍ତ ପ୍ରଧାନ, ଦୁଷ୍ମନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ନୂଆପଡାରେ ପୁଣି ବାଘ ଆତଙ୍କ : ବାଛୁରୀକୁ ଶିକାର କଲା

ନୂଆପଡା, ୨୨/୦୪ (ନି.ପ୍ର): ନୂଆପଡାରେ ପୁଣି ବାଘ ଆତଙ୍କ । ବାଛୁରୀକୁ ଶିକାର କଲା କଲରାପତରିଆ ବାଘ । କେନ୍ଦୁବାହାରା ବିଟ ଅମାନାରା ସେକ୍ସନ ବ୍ରାହ୍ମଣି ଗାଁର ଘଟଣା । ଅଗୁନ ରାଉତଙ୍କ ବାଛୁରୀ ମହୁଲ ଫୁଲ ଖାଇବାକୁ ଯାଇଥିବା ବେଳେ ଆଜି ଭୋର ସମୟରେ ବାଘ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଂଚି ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି ଫରେଷ୍ଟର ଚୁଡାନାଥ ସରାଫ୍ । ୬ ଦିନ ହେବ ସିଲିଆରୀ ବାହାରା ଅଂଚଳରୁ ଏକ ଅସୁସ୍ଥ ବାଘକୁ କାବୁ କରି ଚିକିତ୍ସା କରାଯାଉଥିବା ବେଳେ ଏବେ ପୁଣି ଏକ ବାଘ ସେହି ଅଂଚଳରେ ଆତଙ୍କ ଖେଳାଇ ଦେଇଛି।

# ଭତ୍ତା ପାଇଁ ୨୫ କିମି : କେବେ ଦୂର ହେବ ୨ ଦିବ୍ୟାଙ୍ଗଙ୍କ ଦୁଃଖ ?



କୋମନା : ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ ଭତ୍ତା ପାଇଁ ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ୨୫ କିଲୋମିଟର ଦୂର ଯିବାକୁ ପଡୁଛି। ଦୀର୍ଘ ଦିନ ହେଲା ସେମାନେ ଏଭଳି କଷ୍ଟରେ ଭତ୍ତା ଆଣୁଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନପଡ଼ିବା ଦୁର୍ଭାଗ୍ୟର କଥା। କୋମନା ବ୍ଲକ ଠିକପାଲି ଗାଁର ଧୋବା ନାଗ (୬୮) ଚାଲିବୁଲି ପାରୁନଥିବା ବେଳେ ପ୍ରଶାନ୍ତ କୈବର୍ତ୍ତ (୨୬) ଜନ୍ମରୁ ଅନ୍ଧ। ଉଭୟ ଦିବ୍ୟାଙ୍ଗ ହିତାଧିକାରୀ ୩/୪ ମାସ ପୂର୍ବରୁ ଆରାମରେ ନିକଟ ପଞ୍ଚାୟତ କର୍ମଚାରୀଙ୍କଠାରୁ ଭତ୍ତା ପାଉଥିଲେ। ହେଲେ ବର୍ତ୍ତମାନ ହିତାଧିକାରୀଙ୍କ ଆକାଉଣ୍ଟରେ ଭତ୍ତା ରାଶି ପଡୁଥିବାରୁ ସେମାନଙ୍କ ଦୁଃଖ ବଢ଼ିଯାଇଛି। ଗାଁରେ କୌଣସି ସୁବିଧା ନଥିବାରୁ କୋମନା ଏସ୍‌ବିଆଇକୁ ଭତ୍ତା ନେବାକୁ ଆସୁଥିବା ଦେଖାଯାଉଛି। ଅନ୍ୟପକ୍ଷରେ ଆକାଉଣ୍ଟ ଅଚଳ ଥିବା ସେମାନଙ୍କୁ କୁହାଯାଇଥିବାରୁ ନିରାଶ ହୋଇ ଫେରିବା ଘଟଣା ଚର୍ଚ୍ଚା ବିଷୟ ହୋଇଛି। ଏନେଇ କୋମନା ବିଡିଓ ସୁଶାନ୍ତ ରଣା ଜାଣିବା ପରେ ସ୍ଥାନୀୟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୀତାକାନ୍ତ ବନଗୋଲାଙ୍କୁ ଏହାର ସମାଧାନ ପାଇ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ବନଗୋଲା ଏସ୍‌ବିଆଇରେ ପହଞ୍ଚି ଉଭୟଙ୍କ ୩ ମାସର ଭତ୍ତା ପ୍ରଦାନ କରିବା ବ୍ୟବସ୍ଥା କରିଥିଲେ। ସେହିପରି ଘରେ ଯାଇ ସେମାନଙ୍କୁ ଭତ୍ତା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ବିଡିଓ ଶ୍ରୀ ରଣା ପ୍ରକାଶ କରିଛନ୍ତି। ବ୍ଲକରେ ଏଭଳି ବହୁ ହିତାଧିକାରୀ ରହିଥିବାରୁ ତୁରନ୍ତ ସେମାନଙ୍କୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓଡ଼ିଶା ସପ୍ତାହ - ୨୦୨୩ ପାଳିତ




ଭଦ୍ରକ, ୨୨/୦୪ (ନି.ପ୍ର): ଓଡ଼ିଶା ସରକାରଙ୍କ ସାଧାରଣ ବିବିଧ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ୍ରମେ ଓଡ଼ିଆ ସପ୍ତାହ ପାଳନ ଉପଲକ୍ଷେ ଆଜି ସଦ୍‌ଭାବନା ସଭାଗୃହରେ ଓଡ଼ିଆ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ସହକାରୀ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅନୂପ କୁମାର ବେହେରା ଏବଂ ସହାୟକ ଜିଲ୍ଲାପାଳ ସୁଧାଂଶୁ ମୋହନ ସ୍ୱାଇଁ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। "ଆମ ଭାଷା ଆମ ପରିଚୟ" ଶୀର୍ଷକ ବିଷୟ ଉପରେ ପ୍ରତିଯୋଗୀ ମାନଙ୍କର ବକ୍ତବ୍ୟ ବେଶ ପ୍ରଭାବଶାଳୀ ଥିଲା। ପ୍ରତିଯୋଗିତା ଶେଷରେ ଓଡ଼ିଶା ସପ୍ତାହ ପାଳନ ଉପଲକ୍ଷେ ଏକ ଆଲୋଚନା ଚକ୍ର ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାତୃଭାଷା ମା'ର ଭାଷା, ଆମେ ଯେତେ ଉଚ୍ଚ ଶିକ୍ଷିତ ହେଲେ ବି ମାତୃଭାଷାକୁ କେବେ ଭୁଲିପାରିବା ନାହିଁ ବୋଲି ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଚାରକ ଦାୟିତ୍ୱ ନିଭାଇଥିଲେ ଶ୍ରୀଯୁକ୍ତ ମଣ୍ଡଳ, ଶ୍ରୀଯୁକ୍ତ ସ୍ୱାଇଁ ଏବଂ ଶ୍ରୀଯୁକ୍ତ ବେହେରା ଯୋଗ ଦେଇଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ୧ମ ସ୍ଥାନ ନେଇଥିଲେ ନିଖିଲେଶ ଦତ୍ତ, ୨ୟ ହେଲେ ଶ୍ୟାମ ସୁନ୍ଦର ଜେନା, ୩ୟ ହେଲେ ହେମନ୍ତ କୁମାର ପ୍ରଧାନ ଓ ସାନ୍ତ୍ୱନା ମୂଳକ ପୁରସ୍କାର ନୀରଜା ଗୁଡ଼ପାଲାଙ୍କୁ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟକି ଏପ୍ରିଲ ୧୫ ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତିବର୍ଷ ଓଡ଼ିଆ ସପ୍ତାହ ପାଳନ କରାଯାଇଥାଏ ।

# ଆଦାନୀ ଧାମରା ପୋର୍ଟରେ ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳିତ




ଧାମରା, ୨୨/୦୪ (ନି.ପ୍ର): ଆଦାନୀ ଧାମରା ପୋର୍ଟ ପରିସରରେ ୭୯ତମ ଅଗ୍ନିଶମ ସେବା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଦିବଂଗତ ଅଗ୍ନିଶମ ସୁରକ୍ଷା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ପୋର୍ଟ ମୁଖ୍ୟ ପରିଚାଳନା ଅଧିକାରୀ ସଂଜୀବ କୁମାର ଗୁପ୍ତା ଓ ଆଦାନୀ ପୋର୍ଟ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ସୁରକ୍ଷା ବିଭାଗ ମୁଖ୍ୟ ପଙ୍କଜ ସିଂଘାଲ୍ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତତ୍ ସଙ୍ଗେ ବନ୍ଦର ଅଗ୍ନିଶମ କର୍ମଚାରୀ ଓ ସୁରକ୍ଷା କର୍ମଚାରୀମାନେ ସହିଦ ଅଗ୍ନିଶମ ସୁରକ୍ଷା କର୍ମଚାରୀଙ୍କୁ ଶ୍ରଦ୍ଧାଳି ଅର୍ପଣ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ଜାତୀୟ ଭିତ୍ତିଭୂମିର ଅଭିବୃଦ୍ଧି ହେତୁ ଅଗ୍ନି ନିରାପତ୍ତା ବିଷୟରେ ସଚେତନତା' ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଗ୍ନିଶମ ସଚେତନତା ଉପରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପୋର୍ଟ କର୍ମଚାରୀ ଓ ଅଧିକାରୀମାନଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଉଦ୍‌ଯାପନୀ ଦିବସରେ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସପ୍ତାହେ ବ୍ୟାପୀ ବନ୍ଦର ଅଗ୍ନିଶମ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ଅଗ୍ନି ସୁରକ୍ଷା ଉପକରଣଗୁଡିକୁ ପ୍ରଦର୍ଶିତ କରାଯିବା ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନ୍ଦର ଅଗ୍ନିଶମ ସୁରକ୍ଷା ମୁଖ୍ୟ ସୁବ୍ରତ କୁମାର ମଣ୍ଡଳ ଓ ବନ୍ଦର ରେଳବାଇ ମୁଖ୍ୟ ଅଧିକାରୀ ଚିନ୍ମୟ ଦାଶ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଗ୍ନିଶମ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ଦ୍ୱିବେଦୀ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ତାତି ପାଇଁ ଷ୍ଟାଡିୟମ ପରିସରରେ ଖୋଲିଲା ଜଳଛତ୍ର

ସୁନ୍ଦରଗଡ଼, ୨୨/୦୪ (ନି.ପ୍ର): ସୁନ୍ଦରଗଡ଼ରେ ଖରା ତାତି ବଢୁଛି। ପଦାକୁ ବାହାରିଲେ ଟାଣ ଖରାରେ ଲୋକେ ଛାଇ, ପାଣି ଖୋଜୁଛନ୍ତି। ତାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ର ସମର୍ପିତ ସେବା ସଂସ୍ଥାନ(ଟିମ୍ ଶ୍ମଶାନ ବନ୍ଧୁ), ସମ୍ବାଦ- ଆମ ଓଡ଼ିଶା ଓ ଜିଲ୍ଲା କ୍ରୀଡା ସଂସଦର ମିଳିତ ଉଦ୍ୟମରେ ଷ୍ଟାଡିୟମ ପରିସରରେ ଏକ ଜଳଛତ୍ର ଖୋଲା ଯାଇଛି। ଏଠାରେ ଶୋଷିଲା ଲୋକଙ୍କ ପାଇଁ ଦହି, ଲେମ୍ବୁ ସରବତ ସହ ଓଆରଏସ ଯୁକ୍ତ ଥଣ୍ଡା ପାଣି ଯୋଗାଇଦେବା ବ୍ୟବସ୍ଥା ହୋଇଛି। ଗ୍ରୀଷ୍ମ ତାତି ଥିବା ଯାକେ ଜଳଛତ୍ରରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ଯାଏ ଏହି ସେବା ଜାରି ରହିବ ବୋଲି ମୁଖ୍ୟ ଉଦ୍ୟୋକ୍ତା ଟିମ୍ ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ ପଣ୍ଡା କହିଛନ୍ତି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ବାଲିଆପାଳ ଅଞ୍ଚଳର ଜଳସ୍ତର ହ୍ରାସ: ଅଧିକାଂଶ ନଳକୂଅ ଅଚଳ

ଲଙ୍ଗଳେଶ୍ୱର-୨୨/୪ (ନି ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ବିଭିନ୍ନ ଅଞ୍ଚଳର ଭୂ ତଳ ଜଳ ହ୍ରାସ ପାଇବା ରେ ଲାଗିଛି ।ଯାହାଫଳରେ ଏ ଅଞ୍ଚଳ ରେ ଥିବା ନଳକୂଅ ଗୁଡିକ ଅଚଳ ହେବା ଯୋଗୁଁ ପାନୀୟଜଳ ର ସଙ୍କଟ ଉକ୍ଟ ରୂପ ଧାରଣ କରିଛି ।କିଛିବର୍ଷ ଧରି ଏଭଳି ପରିସ୍ଥିତି ଲଗାତାର ଭାବେ ଦେଖାଦେଇଥିଲେ ହେଁ ସମସ୍ୟାର ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି ।ପ୍ରତିବର୍ଷ ଫେବୃଆରୀ ମାସ ପରେ ଜଳସ୍ତର ହ୍ରାସ ହେବାରେ ଲାଗିଛି ।ଏବେ ଖରାଦିନ ଆସିଯାଇଥିବାରୁ ଏବଂ ଦୀର୍ଘ ପାଞ୍ଚ ମାସ ଧରି ବର୍ଷା ନ ଥିବା କାରଣରୁ ଜଳ ସଙ୍କଟ ଦେଖା ଦେଇଛି । ଜଳସ୍ତର ହ୍ରାସ ଯୋଗୁଁ ବ୍ଲକ ର ବିଭିନ୍ନ ଗ୍ରାମରେ ଅଧିକାଂଶ ନଳକୂଅ ଅଚଳ ହେବା ସହିତ ପୋଖରୀ ଗଡ଼ିଆ ସବୁ ସୁଖୀ ଗଲାଣି ।ତେଣୁ ଗୋରୁ ଗାଈ ମଧ ଶୋଷ ମେଣ୍ଟାଇବା ପାଇଁ ଡହଳ ବିକଳ ହେଉଛନ୍ତି । ଏବେଠୁ ସମସ୍ୟା ଦେଖାଯାଇଥିବାରୁ ବୈଶାଖ ଜ୍ୟେଷ୍ଠ ମାସ ଅଧିକ ନଳକୂଅ ଅଚଳ ହେବା ସହିତ ଜଳ କଷ୍ଟ ଉଗ୍ର ରୂପ ଧାରଣ କରିବ ବୋଲି ବୁଦ୍ଧି ଜୀବୀ ମାନେ ଆଲୋଚନା କରୁଛନ୍ତି । ବିଶେଷ କରି ପଞ୍ଚୁପାଲି, ଜମ୍ବୀରାଇ, ନୂଆଗାଁ, ଜଗତିପୁର,ବଣିଆଡିହା, ସାଉଡି, କୁଣ୍ଡୁଳି, ବାଲିକୁଟି, ବଳରମପୁର, ମଧୁପୁରା, ପ୍ରତାପୁର, ସମେତ,ସଦର ବ୍ଲକ ର କଷାଫଳ, ଆଲୁମେଦା, ଇତ୍ୟାଦି ପଞ୍ଚାୟତର ନଳକୂଅ ଅଚଳ ହେବା ଯୋଗୁଁ ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସ୍ଥାୟୀ ସମାଧାନ ପାଇଁ ସରକାର ସୁବର୍ଣ୍ଣରେଖା ନଦୀରୁ ପାଣି ଉଠାଇ ପାନୀୟ ଜଳ ଯୋଗାଇବା ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରିଥିଲେ ହେଁ,ତାହା ମନ୍ଥର ଗତିରେ ଚାଲିଥିବାରୁ ପାଣି ଯୋଗାଇବାକୁ ଆହୁରି ପାଞ୍ଚବର୍ଷ ବିତି ଯିବ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି। ତେବେ ଗତ ଦୁଇଦିନ କିଛି କିଛି ବର୍ଷା ହେବା ଯୋଗୁଁ ପରିସ୍ଥିତି କିଛି ମାତ୍ରାରେ ସୁଧାରିବ ବୋଲି ଆଶା ପ୍ରକଟ କରାଯାଉଛି ।ତେବେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ମାନେ ଏବେ ଠାରୁ ସଜାଗ ରହିଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ବୁଦ୍ଧି ଯିବି ମନେ ପରାମର୍ଶ ଦେଇଛନ୍ତି।

# ମହାନାୟକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପୁସ୍ତକ ଉନ୍ମୋଚିତ



ବାଲେଶ୍ୱର,୨୨।୪(ନିପ୍ର):ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଓଡ଼ିଆ ଜାତିର ଅନିର୍ବାଣ ଦୀପଶିଖା। ତାଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜରେ ରାମରାଜ୍ୟ ପ୍ରତିଷ୍ଠିତ ହୋଇପାରିଥିଲା। ମାତ୍ର ୪୨ ବର୍ଷର ଜୀବନକାଳରେ କେବଳ ମୟୂରଭଞ୍ଜ କାହିଁକି ସମଗ୍ର ଓଡ଼ିଆ ଜାତି ପାଇଁ ତାଙ୍କର ଅବଦାନ ଚିରକାଳ ଏ ଜାତି ସ୍ମରଣ କରିବ ବୋଲି ଫକୀରମୋହନ ସାହିତ୍ୟ ପରିଷଦର ଆନୁକୂଲ୍ୟରେ ଅଧ୍ୟାପକ କମଳାକାନ୍ତ ଦାଶଙ୍କ ପୁସ୍ତକ 'ମହାନାୟକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ' ଉନ୍ମୋଚନ ଅବସରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଗବେଷକ ତଥା ପ୍ରବଚକ ଭାଗବତ ପ୍ରସାଦ ପଣ୍ଡା, 'ସମାଜ' ଉତ୍ତର ଓଡ଼ିଶା ସଂସ୍କରଣର ବ୍ୟୁରୋ ମୁଖ୍ୟ କୁଳମଣି ବାରିକ, ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଅତିଥି ଭାବରେ ଯୋଗ ଦେଇ ପୁସ୍ତକ ସଂପର୍କରେ ଆଲୋଚନା ପରିପ୍ରେକ୍ଷୀରେ ଉତ୍କଳ ନିର୍ମାଣର ଅନ୍ୟତମ ବିଦ୍ଧାଣୀ ପ୍ରଜାବତ୍ସଳ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଲେଖକ କମଳାକାନ୍ତ ଦାଶ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ରାଜେଶ ଗିରି ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣି ବାହାର ବୋହି ଗୁଜୁରାଣ ମେଂଟାଉଛି ୬୫ ବର୍ଷର ବୃଦ୍ଧ ରାମଚନ୍ଦ୍ର

## ୪୫ ବର୍ଷ ଧରି ଅମର୍ଦାରୋଡ ଅଳରେ ଲୋକମାନଙ୍କୁ ଯୋଗାଇ ଚାଲିଛନ୍ତି ପାଣି



ବସ୍ତା,୨୨।୪(ନିପ୍ର):ପ୍ରବଳ ଖରା, ଗୁଳୁଗୁଳି ଆଉ ଗରମ ଯୋଗୁଁ ଲୋକେ ଆଉଟୁ ପାଉଟୁ ହେଉଛନ୍ତି, ଟୋପାଉ ପାଣି ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି, ଲୋକଙ୍କ ମୁହଁରେ ଟୋପାଏ ପାଣି ଦେବା ପାଇଁ ୪୫ ବର୍ଷ ଧରି ବାହାରରେ ପାଣି ବୋହି ପାଣି ଯୋଗାଉଛନ୍ତି ଅମର୍ଦାରୋଡର ୬୫ ବର୍ଷର ବୃଦ୍ଧ ରାମଚନ୍ଦ୍ର । ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ନଟାକଟା ପାଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମର ରାମଚନ୍ଦ୍ର ପାତ୍ର, ରାମଚନ୍ଦ୍ର ସକାଳୁ ଏବଂ ସନ୍ଧ୍ୟାରେ ବାହୁଙ୍ଗି ଏବଂ ଦୁଇଟି ଟିଣ ଧରି ବାହାରି ପଡନ୍ତି ପାଣି ବାହାର ବହିବା ପାଇଁ,ଅମର୍ଦାରୋଡର ପାଖାପାଖି ୨୦ ରୁ ୨୫ ଦୋକାନୀଙ୍କୁ ପାଣି ଯୋଗାଉଛନ୍ତି, ଏହି କାମ ସେ ଦିର୍ଘ ୪୫ ବର୍ଷ ଧରି କରି ଆସୁଛନ୍ତି । ବର୍ତ୍ତମାନ ବିଜୁଳି ଚାଳିତ ମଟର ସହିତ ସାପ୍ଲାୟ ପାଣି ଆସୁଥିଲେ ମଧ ରାମଚନ୍ଦ୍ରଙ୍କ ଠାରୁ ପାଣି ନେବାକୁ ଚାହିଁ ରହିଥାନ୍ତି ଅମର୍ଦାରୋଡର ଦୋକାନୀ । ତେଣୁ ରାମଚନ୍ଦ୍ର ଅମର୍ଦା ଅଳରେ ପାଣି ମଉଷା ଭାବେ ପରିଚିତ,ରାମଚନ୍ଦ୍ରଙ୍କର ଜମିବାଡି କିଛିନଥିବାରୁ ଏହି ପାଣି ବାହାର ବହି ଯାହା ରୋଜଗାର କରନ୍ତି ସେଥିରେ ନିଜର ପରିବାର ଚଳାଉଛନ୍ତି ।ତାଙ୍କର ୬୫ ବର୍ଷ ବୟଷ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଭଡା କିମ୍ବା ଘର ଖଣ୍ଡିଏ ପାଇ ପାରି ନଥିବା କହିଛନ୍ତି । ଗତ ବନ୍ୟାରେ ଘରେ ପଣି ପସିଯିବାରୁ କାନ୍ଥ ଦୁର୍ବଳ ହୋଇ ଯାଇଥିଲା । ଏଣୁତେଣୁ ଧାର କରଜ କରି ଘର ମରାମତି ରିଥିବା କହିଛନ୍ତି । ରାମଚନ୍ଦ୍ର ଆଜକୁ ୪୫ ବର୍ଷ ଧରି ବାହୁଙ୍ଗିରେ ପାଣି ବାହାର ବହୁଛନ୍ତି ।କି ଖରା କି ବର୍ଷା ଶିତ ସବୁଦନି ଏହି କାମ କରିଥାନ୍ତି ରାମଚନ୍ଦ୍ର ।ପୂର୍ବରୁ ବାହାରକ ୧୦ ପଇସାରେ ଦେଉଥିଲେ ଦୋକାନୀ । ଏବେ ବାହାରକ ମାତ୍ର ୬ ରୁ ୭ ଟଙ୍କାରେ ଦେଉଛନ୍ତି । ଆଗରୁ ୨୦ ରୁ ୨୫ ଦୋକାରେ ପାଣି ଦେଉଥିଲେ ଏବେ ବୟଷ ଅଧିକ ହେବା ସହିତ ଅସୁସ୍ଥତା କାରଣରୁ ୧୦ ରୁ ୧୫ ଦୋକାନରେ ପାଣି ଦେଉଛନ୍ତି । ସେଥିରୁ ଦୈନିକ ୧୫୦ ରୁ ୨୦୦ ଭିତର ରୋଜଗାର କରୁଛନ୍ତି । ବାକି ସମୟରେ ଘରେ ପତର ସିଲେଇ କରି ଯାହା ରୋଜଗାର କରୁଛନ୍ତି ସେଥିରେ ପରିବାର ଚଳାଉଛନ୍ତି ।ଗରିବ ପରିବାର ହୋଇଥିବାରୁ ଆଉ ଏହା ଉପରେ ପରିବାର ଚଳୁଥିବାରୁ ସବୁ ସୁବିଧା ଥିଲେ ମଧ ଦୋକାନୀ ମାନେ ତାଙ୍କ ପାଖରୁ ପାଣି ନେଉଥିବା କହିଛନ୍ତି ଦୋକାନୀ । ଅନ୍ୟ ପଟରେ ଅମର୍ଦାରୋଡ ବଜାର ରେଳବାଇ ଜାଗାରେ ହୋଇଥିବାରୁ ପାଇପ ଲାଇନ ଆସି ପାରୁ ନାହିଁ ଯାହା ଫଳରେ ଲୋକଙ୍କ ପଣିର ଅବଶ୍ୟକତା ରାମଚନ୍ଦ୍ରଙ୍କ ଦ୍ୱାରା ପୁରଣ ହୋଇ ପାରୁଛି ବୋଲି କହିଛନ୍ତି ଲୋକେ । ରାମଚନ୍ଦ୍ର ଗରିବ ପରିବାରର ହୋଇ ଥିବାରୁ ବୟସ ୬୫ ଛୁଇଁ ଥିବାରୁ ତାଙ୍କୁ ଘର ଆଉ ଭା ଟିଉ ଯୋଗଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଡାକ୍ତର ଶାନ୍ତନୁ ଦାସଙ୍କୁ ମିଳିଲା 'ଚରକ ରତ୍ନ ସମ୍ମାନ'

ବାଲେଶ୍ୱର,୨୨।୪(ନି.ପ୍ର): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଓୟୁଏଟି) ଏବଂ ଭାରତୀୟ ପ୍ରୋକ୍ଟୋଲୋଜି ସୋସାଇଟି (ଆଇପିଏସ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆନ୍ତର୍ଜାତିକ ସମ୍ମିଳନୀରେ ବାଲେଶ୍ୱରର ବିଶିଷ୍ଟ ଆୟୁର୍ବେଦିକ ଭେଷଜ ବିଶେଷଜ୍ଞ ପ୍ରଫେସର ଡାକ୍ତର ଶାନ୍ତନୁ ଦାସଙ୍କୁ 'ଚରକ ରତ୍ନ ସମ୍ମାନ' ପ୍ରଦାନ କରାଯାଇଛି । ଭୁବନେଶ୍ୱର ସ୍ଥିତ ଓୟୁଏଟିରେ ଆୟୋଜିତ 'ଏଥ୍ନୋ ମେଡିସିନ୍ ଇନ ୱାନ ହେଲ୍‌ଥ' ଶୀର୍ଷକ ଆନ୍ତର୍ଜାତିକ ସମ୍ମିଳନୀରେ ଭାରତର ବିଭିନ୍ନ ଆୟୁର୍ବେଦିକ ମହାବିଦ୍ୟାଳୟ, ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ, ଆୟୁର୍ବେଦ ବିଶ୍ୱବିଦ୍ୟାଳୟ ଓ ପଶୁ ଚିକିତ୍ସା ମହାବିଦ୍ୟାଳୟ ପକ୍ଷରୁ ୩୦ରୁ ଉର୍ଦ୍ଧ୍ୱ ନିବନ୍ଧ ଉପସ୍ଥାପିତ ହୋଇଥିଲା। ବିଶିଷ୍ଟ ଆୟୁର୍ବେଦ ଶଲ୍ୟ ବିଶେଷଜ୍ଞ ପ୍ରଫେସର ଚତୁର୍ଭୁଜ ଭୂୟାଁଙ୍କ ପୌରହିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଓୟୁଏଟିର ଉପ-କୁଳପତି ପ୍ରଫେସର ପିକେ ରାଉଳ, କେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ପ୍ରଫେସର ରବିନାରାୟଣ ଆଚାର୍ଯ୍ୟ, ଶ୍ରୀ ରବିଶଙ୍କର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି ଆର ଶର୍ମା, ପଶୁ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟର ଡିନ୍ ପ୍ରଫେସର ଏସକେ ପଣ୍ଡା ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଲେଶ୍ୱରର ପ୍ରଫେସର (ଡାକ୍ତର) ଦାସଙ୍କୁ ଅତିଥିମାନେ 'ଚରକ ରତ୍ନ ସମ୍ମାନ' ପ୍ରଦାନ କରିଥିଲେ। ପ୍ରଫେସର ଦାସ ଏହା ପୂର୍ବରୁ ଏକାଧିକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ସଂପାନରେ ନିଜର ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନ କରି ଉଚ୍ଚ ପ୍ରଶଂସିତ ହେବା ସହ ଅନେକ ସମ୍ମାନ ମଧ ପାଇଛନ୍ତି। ସେ ବାଲେଶ୍ୱର ପ୍ରସିଦ୍ଧ ଆୟୁର୍ବେଦ ଚିକିତ୍ସକ ଡାକ୍ତର ଶୀତିକଣ୍ଠ ଦାସ ଓ ସୁହାସିନୀ ଦାସଙ୍କ ସୁପତ୍ର ଅଟନ୍ତି ।

# ବାବା ବାଲୁକେଶ୍ୱର ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ



ଖଇରା,୨୨।୪ (ନି.ପ୍ର) ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ହନ୍ନବାବୀସ୍ଥିତ ବାବା ବାଲୁକେଶ୍ୱର ମନ୍ଦିର ପ୍ରାଙ୍ଗଣରେ୨ଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ସଂଧ୍ୟାରେ ଉଦଯାପିତ ଯାଇଛି । ଶୁକ୍ରବାର ସଂଧ୍ୟାରେ ଅଧିବାସ କର୍ମ ସମ୍ପର୍ଣ୍ଣ ହୋଇଥିଲା । ଶନିବାର ସକାଳେ ୨୦ରୁ ଅଧିକ ବ୍ରତୀଙ୍କ ଦ୍ୱାରା ଅଳିପୁର ଗ୍ରାମର ସରପୋଖରୀରୁ କଳସ ଅଣାଯାଇଥିଲା । କିର୍ତ୍ତନମଣ୍ଡଳୀଙ୍କ ଶୋଭାଯାତ୍ରା ଶ୍ୟାମରାଇ ଓ ନୃସିଂହ ଜୀଉ ମନ୍ଦିର ପରିକ୍ରମା କରି ଯଜ୍ଞ ସ୍ଥଳରେ ପହଞ୍ଚିଥିଲା । ଗୌରଚନ୍ଦ୍ର ପାଠୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶରତ କୁମାର ପଣ୍ଡା, ଅଶୋକାନନ୍ଦ ଦାଶ, ଜନ୍ମେଜୟ ଦାଶ, ଜୟନ୍ତ କୁମାର ପଣ୍ଡା ଓ ଆକାଶ କୁମାର ପଣ୍ଡାଙ୍କ ଦ୍ୱାରା ବାବା ବାଲୁକେଶ୍ୱରଙ୍କ ପୁଜାର୍ଚ୍ଚନା କରାଯିବା ସହ ଯଜ୍ଞ କର୍ମ ସମ୍ପର୍ଣ୍ଣ ହୋଇଥିଲା । ସନ୍ଧ୍ୟାରେ ଭଜନକିର୍ତ୍ତନ ପରିବେଷଣ କରାଯାଇଥିଲା । ଦିନତମାମ ଉଭୟ ଗ୍ରାମର ଅଧିବାସୀ ଯଜ୍ଞସ୍ଥଳରେ ଉପସ୍ଥିତ ରହି ଜଗତ କଲ୍ୟାଣ ପାଇଁ ପରମପିତାଙ୍କୁ ଆରାଧନା କରିଥିଲେ। ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ ଗ୍ରାମବାସୀଙ୍କୁ ମାର୍ଗ ଦର୍ଶନ କରାଇଥିଲେ । ଉଭୟ ଗ୍ରାମର ଯୁବଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅର୍ଥ ହଡପ ଅଭିଯୋଗକୁ ଖଣ୍ଡନ କଲେ ପ୍ରଧାନ ଶିକ୍ଷକ ସମେତ ଗ୍ରାମବାସୀ



ଖଇରା,୨୨।୪(ନିପ୍ର):ଖଇରା ବ୍ଲକ ଅନ୍ତରା ମହତୀପୁର ପଞ୍ଚାୟତ ଅନ୍ତରା ମହତୀପୁର ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଷଡାନନ ପାଣିଗ୍ରାହୀ ୫ଟି କାର୍ଯ୍ୟରେ ଅର୍ଥ ହଡପ କରିବା ନେଇ ଜନୈକ ଖବାର କାଗଜରେ ପ୍ରକାଶିତ ହୋଇଥିଲା । ପରେ ଶ୍ରୀ ପାଣିଗ୍ରାହୀ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏହି ସମ୍ମିଳନୀରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଅଭିଭାବକ, ବିଦ୍ୟାଳୟର ଚେୟ୍ୟାରମ୍ୟାନ ପ୍ରମୋଦ କୁମାର ଦାସ, ପରିଚାଳନା କମିଟିର ସଭ୍ୟ ରଶ୍ମୀରଞ୍ଜନ ମହାପାତ୍ର, ରଘୁନାଥ ଦାସ, ଅଜିତ କୁମାର ଦାଶ, ସୁଧାକର ଗାହାଣ, ରତ୍ନାକର ଶୁକ୍ଳ, ଜ୍ୟୋତିରଞ୍ଜନ ପଣ୍ଡା, ଶ୍ୟାମସୁନ୍ଦର ଜେନା, ମନୋରଞ୍ଜନ ଦାସଙ୍କ ସମେତ ବୁଦ୍ଧୀଜିବୀ ମାନେ ଉପସ୍ଥିତ ରହି ଥିଲେ । ପ୍ରଧାନ ଶିକ୍ଷକ ଅର୍ଥ ହଡପ କରିନଥିବରେ ପ୍ରକାଶ କରିବା ସହିତ ଶ୍ରୀ ପାଣିଗ୍ରାହୀ ଯୋଗ ଦେବା ପରେ ବିଦ୍ୟାଳୟର ଉନ୍ନତି ହୋଇଛି ବୋଲି ପ୍ରକାଶ କାରିଥିଲେ । ମିଥ୍ୟା ସମ୍ବାଦ ପ୍ରକାଶ କୁ ସମସ୍ତେ ନିନ୍ଦା କରିବା ସହିତ କ୍ଷୋଭ ପ୍ରକାଶ କରିଥିଲେ । ପ୍ରକାଶ କରିଥିବା ବ୍ୟକ୍ତିଙ୍କ ନାମରେ ଆଇନର ଆଶ୍ରୟ ନେବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଉପସ୍ଥିତ ସାମ୍ବାଦିକ ମାନେ ବିଦ୍ୟାଳୟର ପରିସରରେ ବୁଲି ପ୍ରତ୍ୟକ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ ।

# ଅଂଶୁଘାତରେ ବୃଦ୍ଧ ମୃତ



ଲଙ୍ଗଳେଶ୍ୱର -୨୨/୪ (ନି ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଦେଉଳା ପଞ୍ଚାୟତ ର ବାସୁଦେବପୁର ଗ୍ରାମର ଶଶାଙ୍କ କାମିଳା (୬୧) ଆଜି ସକାଳ ୧୦ଟା ସମୟରେ ସିମୁଳିଆ ବଜାର ମାଛ ମାର୍କେଟ କୁ ମାଛ ଆଣିବାକୁ ଆସିଥିବା ବେଳେ ସେଠାରେ ସେ ହଟାତ ଓଲଟି ପଡ଼ିଥିଲେ ! ମାର୍କେଟ କୁ ଆସିଥିବା ଲୋକ ତାଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣ ! କରିଥିଲେ ! ତେବେ ଖବର ପାଇ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚି ଥିଲେ ।ଅଂଶୁଘାତରେ ଶଶାଙ୍କ ମୃତ୍ୟୁ ଘଟିଛି ବୋଲି ପରିବାର ପକ୍ଷରୁ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲା ବେଳେ ପୋଲିସ କେଶ ନମ୍ବର ୦୭/୨୩ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ବାଲିଆପାଳ ପୋଲିସ ଏ ଏସ ଆଇ ପିଥ ହେମ୍ରମ ତଦନ୍ତ ଚଳାଇଛନ୍ତି ! ଶଶାଙ୍କ ଗରିବ ପରିବାରର ହୋଇଥିଲା ବେଳେ ତାଙ୍କ ପିଲା ଓ ବିଧବା ପତ୍ନୀକୁ ସରକାରୀ ସାହାର୍ଯ୍ୟ ଯୋଗେଇ ଦେବାକୁ ଗ୍ରାମବାସୀ ଓ ପରିବାର ପକ୍ଷରୁ ଦାବୀ କରିଛନ୍ତି।

# ଦନ୍ତା ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଘଟଗାଁ,୨୨।୪(ନିପ୍ର): ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ସୂଚନାରୁ ଜଣାଯାଏ, କେନ୍ଦୁଝର ଜିଲା ଆନନ୍ଦପୁର ରେଞ୍ଜ ଅନ୍ତର୍ଗତ ହସନପୁର ଗ୍ରାମର ବଟକୃଷ୍ଣ ପ୍ରଧାନ (୬୫) ଶନିବାର ସକାଳୁ ଶୌଚ ପାଇଁ ନିକଟ ଗ୍ରାମ ପଡିଆକୁ ଯାଇଥିବା ବେଳେ ହଠାତ ନିକଟସ୍ଥ ଜଙ୍ଗଲରେ ୨ଟି ଦନ୍ତାହାତୀଙ୍କ ହାବୁଡ଼ରେ ପଡ଼ି ଯାଇଥିଲେ। ଉତ୍ୟକ୍ତ ଦନ୍ତା ବଟକୃଷ୍ଣଙ୍କୁ ଶୁଣ୍ଢରେ ଟେକିନେଇ କଚାଡି ଫିଙ୍ଗି ଦେଇଥିଲା। ଫଳରେ ବଟକୃଷ୍ଣ ଏକ ଗଛ ଉପରେ ଲାଖି ରହିଥିଲେ। ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଂଚି ବଟକୃଷ୍ଣଙ୍କୁ ମୁର୍ମୂଷୁ ଅବସ୍ଥାରେ ଉଦ୍ଧାର କରିବା ସହ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଘସିପୁରା ପୁଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବକୁ ଜବତ କରିବା ସହିତ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ ବ୍ୟବସ୍ଥା କରାଇଛି। ଅନ୍ୟପକ୍ଷରେ ବନ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ଜଙ୍ଗଲି ହାତୀକୁ ଘଉଡାଇବା ପାଇଁ ଉଦ୍ୟମ କରୁଥିବା ଜଣାପଡିଛି ।

# ବାଲେଶ୍ୱରରେ ଖୁସିର ପର୍ବ 'ଇଦ୍'



ବାଲେଶ୍ୱର,୨୨।୪(ନି.ପ୍ର): ଏକମାସର ଉପବାସ ପରେ ଇସଲାମ ଧର୍ମାବଲମ୍ବୀମାନେ ପବିତ୍ର ଇଦ-ଉଲ ଫିତରରେ ଆଜି ଭାଙ୍ଗିଛନ୍ତି ରୋଜା। ସମଗ୍ର ବିଶ୍ୱରେ ଭାଇଚାରା ଓ ଖୁସିର ପର୍ବ ଇଦ୍‌କୁ ହର୍ଷ ଉଲ୍ଲାସର ସହ ପାଳନ କରାଯାଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଜହ୍ନ ଦେଖିବା ପରେ ଧର୍ମଗୁରୁମାନଙ୍କ ନିଷ୍ପତ୍ତି କ୍ରମେ ଶନିବାର ଦିନ ପାଳିତ ହୋଇଛି ଇଦ୍-ଉଲ-ଫିତର ପର୍ବ। ସକାଳୁ ସକାଳୁ ନୂଆ ଲୁଗା ପିନ୍ଧି ମୁସଲମାନ ଭାଇମାନେ ବିଭିନ୍ନ ମସଜିଦରେ ସାମୂହିକ ନମାଜପାଠ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସହର ଦରଘା ମୈଦାନରେ ସକାଳୁ ମୁସଲମାନ ଭାଇମାନେ ସମୂହ ନମାଜ ପାଠ କରିବା ସହିତ ପରସ୍ପରକୁ ଜଣାଇଥିଲେ ଇଦ୍ ମୁବାରକ ଜଣାଇଥିବା ଦେଖିବାକୁ ମିଳିଥିଲା। ସେହିଭଳି ଖ୍ୱାଜାବାଦ, ବାଲୁବଜାର, ପଠାଣ ମହଲା, ସୁନହଟ, ଖଲାସୀ ମହଲା, କାଦ୍ରି ମହଲା, ମଛୁଆସାହି, କସବା ମହଲା, ମାଣିଖମ୍ବ, ସୁଏଲପୁର, ମୋତିଗଞ୍ଜ, କଚେରିବଜାର, ଖପରାପଦା, ଅରଡ଼ବଜାର ସମେତ ସହର ଉପକଣ୍ଠ ବାଲିଆ, କଂଟାବଣିଆ, ସୋମନାଥପୁର, ଚଷାଖଣ୍ଡ ପ୍ରଭୃତି ଅଞ୍ଚଳର ମସଜିଦ୍‌ଗୁଡ଼ିକରେ ମୁସଲମାନ ଧର୍ମାବଲମ୍ବୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଦୀର୍ଘଦିନର ଭେଦ ଭାବକୁ ଭୁଲିଯାଇ ଇଦ୍ ଅବସରରେ ସମସ୍ତେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଏଥି ସହିତ ଗୋଟିଏ ମାସର ଉପବାସ ପରେ ରୋଜା ଖୋଲିଥିବା ବେଳେ ପରମ୍ପରା ଅନୁଯାୟୀ ମୁସଲମାନ ଭାଇମାନେ ସାଧ୍ୟମତେ ଅନ୍ୟକୁ ଦାନ କରିଥିଲେ।

# ହସ୍ପିଟାଲରେ ପରିସରରେ ନିଆଁ, ଟଳିଲା ବଡ଼ ଧରଣର ଦୁର୍ଘଟଣା

ନୀଳଗିରି,୨୨।୪(ନିପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଡାକ୍ତରଖାନାରେ ବଡ଼ ଧରଣର ବିପଦ ଟଳିଛି । ଆଜି ଦ୍ୱିପ୍ରହରରେ ସର୍ଟ ସର୍କଟ କାରଣରୁ ବିଦ୍ୟୁତ ଖୁଣ୍ଟରେ ନିଆଁ ଲାଗିଥିଲା । କେବୁଲ ତାର ହୁହୁ ହୋଇ ଜଳି ମଧ ଯାଇଥିଲା । ତାର ଦେଇ ନିଆଁ ରୋଗୀଙ୍କ ୱାର୍ଡକୁ ଯିବାର ସମ୍ଭାବନା ଥିବାରୁ କିଛି କର୍ମଚାରୀ ଯାଇ ଟ୍ରାନ୍ସଫରମରରୁ ବିଦ୍ୟୁତ ସଂଯୋଗ ବିଛିନ୍ନ କରିଥିଲେ । ପରେ ବିଦ୍ୟୁତ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ହସ୍ପଟାଲର ବିଦ୍ୟୁତ ଅଚଳ ହୋଇପଡ଼ିଥିବା ବେଳେ ରୋଗୀମାନେ ନାହିଁ ନଥିବା ହଇରାଣ ହୋଇଥିଲେ । ଏଠି ପ୍ରଶ୍ନଉଠେ ହସ୍ପିଟାଲ କତୃପକ୍ଷ ଉପଯୁକ୍ତ ସମୟରେ ଯଦି ରାକ୍ଷଣବେକ୍ଷଣ କରିଥାନ୍ତା ତାହେଲେ ଏତେବଡ ଦୁର୍ଘଟଣା ଘଟିନଥାନ୍ତା। ତେଣୁ ଆଗାମୀ ଦିନରେ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବିହୋଇଛି ।

# ଫେଂକର ଚାର୍ଜକ୍ରୋମ ଦୁର୍ଘଟଣା : ଜଣକ ପରେ ଅନ୍ୟଜଣଙ୍କର ମଧ୍ୟ ମୃତ୍ୟୁ

# କ୍ଷତିପୂରଣ ଓ କାରଖାନାରେ ନିରାପତ୍ତା ନେଇ ସମୀକ୍ଷା କଲେ ଜିଲ୍ଲାପାଳ



ଭଦ୍ରକ,୨୨।୪(ନିପ୍ର): ଚଳିତ ଏପ୍ରିଲ ମାସ ୧୧ ତାରିଖରେ ଭଦ୍ରକର ରାନ୍ଦିଆ ସ୍ଥିତ ବେଦାନ୍ତ ଫେଂକର ଚାର୍ଜକ୍ରୋମ ଦୁର୍ଘଟଣାରେ ପୋଡ଼ି ଆହତ ହୋଇଥିବା ୨ଜଣ କାର ଚାର୍ଜିଂ ଅପରେଟର କର୍ମଚାରୀଙ୍କ ମଧ୍ୟରୁ ଗତ ୧୬ରେ ରତିକାନ୍ତ ସୂତାରଙ୍କ ମୃତ୍ୟୁ ପରେ ଗତକାଲି ୨୧ ତାରିଖ ସନ୍ଧ୍ୟାରେ ଅନ୍ୟ ଆହତ ବିଜୟ ମହାପାତ୍ରଙ୍କର ମଧ ମୃତ୍ୟୁ ଘଟିଥିବା ଜଣା ପଡ଼ିଛି । ମୃତକ ସ୍ୱର୍ଗତ ମହାପାତ୍ରଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ବାବଦ କାରଖାନା କର୍ତ୍ତୃପକ୍ଷଙ୍କ ତରଫରୁ ଆର୍ଥିକ ସହାୟତା ପ୍ରଦାନ, ତାଙ୍କର ଯୋଗ୍ୟ ଉତ୍ତରାଧିକାରୀଙ୍କୁ ଚାକିରୀ ପ୍ରଦାନ ସହ କାରଖାନା କର୍ମଚାରୀଙ୍କ ନରାପତ୍ତା ଦିଗରେ ନିଆଯିବାକୁ ଥିବା ପଦକ୍ଷେପ ସମ୍ବନ୍ଧରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଫେଂକର ସି.ଇ.ଓ. ସୁଜଲ ଶାହା, ଫେଂକର ଏଚ୍.ଆର୍. ମୁଖ୍ୟ ସୁନୀତି କୁମାର ଧଳ, ଜିଲ୍ଲା ସୂଚନ ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ । ଆହତ ଦୁଇଜଣଙ୍କ ଜୀବନ ରକ୍ଷା ପାଇଁ ଯଥାଶୀଘ୍ର ଭଦ୍ରକରୁ ଭୁବନେଶ୍ୱର ନେଇ ଭୁବନେଶ୍ୱର ରୁ ମୁମ୍ବାଇକୁ ଏୟାର ଲିଫିଂଟିଂ କରାଯାଇ ଚିକିତ୍ସା କରାଯାଇଥିଲେ ବି ଦୁଇ ଜଣ ଯାକ ମୃତ୍ୟୁ ବରଣ କରିବା ଅତୀବ ଦୁଃଖଦ ଘଟଣା ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । କ୍ଷତିପୂରଣ ବାବଦ ଆର୍ଥିକ ସହାୟତା, ଚାକିରୀ, ପେନସନ୍ ଆଦି ପ୍ରଦାନ ପୂର୍ବକ ମୃତକମାନଙ୍କ ପରିବାରକୁ ସାମାଜିକ ସୁରକ୍ଷା ଯୋଗାଇଦେବା ସହିତ ଆଗକୁ ଯେପରି ଏମିତି ଦୁର୍ଘଟଣା ନ ଘଟିବ ସେଦିଗରେ ଆରମ୍ଭ କରାଯାଇଥିବା ପ୍ରକ୍ରିୟା ସମ୍ବନ୍ଧରେ ଜିଲ୍ଲାପାଳ ସି.ଇ.ଓ.ଙ୍କଠାରୁ ଟିକିନିଖି ପଚାରି ବୁଝିଥିଲେ । କର୍ମଚାରୀମାନଙ୍କ ନିରାପତ୍ତା ପାଇଁ ସମସ୍ତ ଦୃଷ୍ଟି କୋଣକୁ ଅଡ଼ିଟ୍ କରି, କର୍ମଚାରୀମାନଙ୍କ ମଧରେ ଆସ୍ଥା ଓ ବିଶ୍ୱାସ ଆଣିବା ପାଇଁ ନିରାପତ୍ତା ବିଷୟକୁ ଶତପ୍ରତିଶତ ସୁନିଶ୍ଚିତ କରାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ବିଦେଶରୁ ଆସିବାକୁ ଖୁବ୍ ବୈଷୟିକ ବିଶେଷଜ୍ଞମାନଙ୍କ ସହିତ ଯୋଗାଯୋଗ ଚାଲିଥିବା ସହ ଖୁବ୍ ନିକଟରେ ଆମ ଦେଶର ସଂପୃକ୍ତ ବୈଷୟିକ ବିଶେଷଜ୍ଞ ଦଳ ଦ୍ୱାରା ଅଡ଼ିଟ୍ ଆରମ୍ଭ କରାଯିବା ପାଇଁ ପ୍ରସ୍ତୁତି ସରିଥିବା ନେଇ ସି.ଇ.ଓ. ସୂଚନା ଦେଇଥିଲେ । କ୍ଷତିପୂରଣ, ଚାକିରି, ପେନସନ୍ ଆଦି ପ୍ରଦାନ ନେଇ ବୈଠକରେ ଆଲୋଚନାର ନିଷ୍ପତ୍ତି ଅନୁଯାୟୀ ସି.ଇ.ଓ. ସମ୍ମତି ପ୍ରକାଶ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo